# ଆଜି ଏହି ଶାସ୍ତ୍ର ସଫଳ ହେଲା

କେବଳ ଛିଡ଼ା ହୋଇ ରହିଥାଆନ୍ତୁ, ଯଦି ଆପଣ ପାରିବେ, ଯେତେବେଳେକି ଆମେ ପ୍ରାର୍ଥନାର ଏକ ଶବ୍ଦ ପାଇଁ ମସ୍ତକ ନତ କରୁ ।

2 ପ୍ରିୟ ସ୍ୱର୍ଗସ୍ଥ ପିତା, ଆଜି ରାତି ଆମେ ଏଇଥିପାଇଁ କୃତଜ୍ଞ ଅଟୁ, ଯେ ଆମେ ଆସିପାରି ଯୀଶୁ ଖ୍ରୀଷ୍ଟଙ୍କ ଏହି ଗୌରବମୟ, ଚମତ୍କାର ସୁସମାଚାର ଉପସ୍ଥାପନ କରିବାକୁ ଆଉ ଏକ ସୁଯୋଗ ପାଇଅଛୁ । ଆମେ ତୁମକୁ ଧନ୍ୟବାଦ ଦେଉଅଛୁ କାରଣ ସେ ଏବେ ସୁଦ୍ଧା ଗତକାଲି, ଆଜି, ଏବଂ ଚିରଦିନ ସମାନ ଅଟନ୍ତି । ଆମେ ତୁମକୁ ଏହି ଲୋକମାନଙ୍କ ପାଇଁ ଧନ୍ୟବାଦ ଦେଉଅଛୁ ଯେଉଁମାନେକି ଏହି ଥଣ୍ଡା ପାଗର ସମୟରେ ଏଠାରେ ଏକତ୍ରିତ ହୋଇଛନ୍ତି, ଏବଂ ତଥାପି ସେମାନଙ୍କର ମହାନ୍ ଆଶାଗୁଡ଼ିକ ସହିତ ରହିଛନ୍ତି, ଏହା ଦେଖି, ବିଶ୍ୱାସ କରି ଯେ ଆମକୁ ପରମେଶ୍ୱରଙ୍କଠାରୁ କିଛି ଗୋଟାଏ ଅସାଧାରଣ ବିଷୟ ପ୍ରଦାନ କରାଯିବ । ପ୍ରଭୁ, ଆମେ ସେହି ଆଶା ସହିତ, ପ୍ରତ୍ୟେକ ସଭାକୁ ଆସୁଅଛୁ । ଆମେ ତୁମକୁ ଗତ ରାତି ପୂର୍ବରୁ, ତତ୍ପୁରେ ହୋଇଥିବା, ସେବାଗୁଡ଼ିକ ପାଇଁ ଧନ୍ୟବାଦ ଦେଉଅଛୁ; ଗତ ସନ୍ଧ୍ୟାରେ ଏଠାରେ ହୋଇଥିବା ସେବା ପାଇଁ, ଏବଂ ତତ୍ପୁରେ ହୋଇଥିବା, ଆଜିର ସେବା ପାଇଁ ତୁମକୁ ଧନ୍ୟବାଦ ଦେଉଅଛୁ । ଆମେ ବର୍ତ୍ତମାନ ତାହା ପାଇଁ ଅପେକ୍ଷା କରୁଛୁ ଯାହା ତୁମେ ଆଜି ରାତ୍ରି ଆମ ପାଇଁ ରଖିଅଛ ।

3 ପିତା, ଆମେ ଜାଣୁ ଯେ ଯେକେହି ନିଜ ହାତ ଚଳାଇବାକୁ ସକ୍ଷମ ସେ ବାଇବଲର ପୃଷ୍ଠାଗୁଡ଼ିକୁ ଓଲଟାଇପାରନ୍ତି, ମାତ୍ର ସେଠାରେ କେବଳ ଜଣେ ଅଛନ୍ତି ଯିଏକି ଏହାକୁ ଜୀବନ୍ତ ଏବଂ ବାସ୍ତବ କରିପାରନ୍ତି, ଏବଂ ତାହା ହେଉଛ ତୁମେ । ଏବଂ, ପିତା, ଆଜି ରାତ୍ରି ତୁମେ ତାହା କରିବ ବୋଲି ଆମେ ଅପେକ୍ଷା କରୁଅଛୁ । ଆମକୁ ପ୍ରତ୍ୟେକ ଉପାୟରେ ଆଶୀର୍ବାଦ କର । ଆମ ହୃଦୟଗୁଡିକ ଅତିଶୟ ଆନନ୍ଦରେ ପରିପୂର୍ଣ୍ଣ ଅଟେ ଯେତେବେଳେକି ଆମେ ସମୟକୁ ପାଖେଇ ଆସୁଥିବାର ଦେଖୁ ଯେତେବେଳେ ଆମେ ତାହାଙ୍କୁ ମୁହାଁମୁହିଁ, ଭେଟିବାକୁ ଯାଉଅଛୁ, ସେହି ଜଣକାକୁ ଯାହାଙ୍କୁ ଆମେ ଏତେ ବର୍ଷ ଧରି ପ୍ରେମ କରିଅଛୁ ଏବଂ ଯାହାଙ୍କ ପାଇଁ ବଞ୍ଚିଅଛୁ ।

4 ପ୍ରଭୁ, ଅନେକ ନୂତନ ଧର୍ମାନ୍ତରଣ, ହୋଇଅଛି । ଯାହା ବୁଝିଛି ଯେ ଗତ ରାତ୍ରିର ସେବାରୁ, ଏକ ମହାନ୍ ଗୋଷ୍ଠୀ, ଚାଳିଶ କିମ୍ବା ପଚାଶ, ସକାଳରେ, ତୁମ ନାମରେ ବାପ୍ତିସ୍ମ ନେବାକୁ ଯାଉଛନ୍ତି । ହେ ପରମେଶ୍ୱର, ଏହାକୁ ଜାରି ରଖ ବୋଲି, ଆମେ ପ୍ରାର୍ଥନା କରୁଅଛୁ, ଯେପର୍ଯ୍ୟନ୍ତକି ପରମେଶ୍ୱରଙ୍କ ପୂର୍ବ ନିରୂପିତ ପ୍ରତ୍ୟେକ ବୀଜ ସୁସମାଚାର ଆଲୋକକୁ ଦେଖି ନପକାନ୍ତି, ଏବଂ ଖୁଆଡ଼ ମଧ୍ୟକୁ ଆସି ନଯାଆନ୍ତି ।

5 ଆମେ ଆଜି ରାତ୍ରି ତୁମକୁ ନିବେଦନ କରୁଅଛୁ ଯେ ତୁମେ ଆମକୁ ବାକ୍ୟ ପଛରେ ଲୁଚାଅ; ଜଗତର ବିଷୟଗୁଡ଼ିକ ପ୍ରତି ଆମକୁ ଅନ୍ଧ କର, ଏବଂ ଯୀଶୁଙ୍କୁ ଦେଖିବାକୁ ଦିଅ । ହେବାକୁ

ଦିଅ ଯେ ଆଜି ରାତ୍ରି, ଆମ ମଧ୍ୟରେ ଏକ ରୂପାନ୍ତରଣ ପର୍ବତର ଅନୁଭୂତି ହେଉ, ଯେ ଆମେ କେବଳ ଯୀଶୁଙ୍କ ଛଡ଼ା ଆଉ କାହାରିକୁ ନ ଦେଖୁ। ଆମେ ଏହାକୁ ତାହାଙ୍କ ନାମରେ, ଏବଂ ତାହାଙ୍କର ଗୌରବ ଓ ତାହାଙ୍କ ସୁସମାଚାରର ଏକ ପ୍ରମାଣ ନିମନ୍ତେ ମାଗୁଅଛୁ। ଆମେନ୍।

ଆପଣମାନେ ବସି ପାରନ୍ତି।

6 ମୁଁ କେବଳ ଏହି ମାଇକ୍, କିମ୍ବା ଏହି ମେଜକୁ, ଟିକିଏ ପାର୍ଶ୍ଵକୁ ବୁଲାଇ ଦେବାକୁ ଯାଉଅଛି, ଯଦି ଏହା ଠିକ୍ ଅଟେ, ଯେପରିକି ମୁଁ ଦର୍ଶକବୃନ୍ଦଙ୍କ ଉଭୟ ପାର୍ଶ୍ଵକୁ ଦେଖିପାରେ। ମୁଁ ଭାବୁଛି ଯେ ମୁଁ ଏହି ମାଇକ୍ରୋଫୋନ୍‌ଗୁଡ଼ିକୁ ଠିକ୍ ଏଠାରେ ରଖି ଦେଇପାରେ। ଠିକ୍ ଅଛି, କେବଳ ଗୋଟିଏ କ୍ଷଣ।

7 ଆମେ ଆଜି ରାତି, ଏଠାରେ ଥିବା ମୁଖ୍ୟ ପ୍ରେକ୍ଷାଳୟରୁ, ଏରିଜୋନା, କାଲିଫର୍ଣିଆ, ଟେକ୍ସାସ୍ ଏବଂ ଯୁକ୍ତରାଷ୍ଟ୍ରର ସୀମାନ୍ତ ପର୍ଯ୍ୟନ୍ତ ଥିବା ଆମର ବନ୍ଧୁମାନଙ୍କୁ, ଟେଲିଫୋନ୍ ମାଧ୍ୟମରେ ଅଭିବାଦନ କରୁଅଛୁ। ଏହି ସେବା ଆଜି ରାତ୍ରି, ଟେଲିଫୋନ୍ ମାଧ୍ୟମରେ, ଏହା—ଏହା ଦେଶବ୍ୟାପୀ ପ୍ରସାରଣ ହେଉଅଛି, ତେଣୁ ଆମେ ବିଶ୍ଵାସ କରୁଛୁ ଯେ ପରମେଶ୍ଵର ଆମକୁ ଆଶୀର୍ବାଦ କରିବେ।

8 ପ୍ରେକ୍ଷାଳୟର ପଛରେ ବାମ ପଟେ—ପଟେ, କଅଣ ଆପଣ ଶୁଣିପାରୁଛନ୍ତି? ଠିକ୍ ଅଛି, ସେମାନେ ବର୍ତ୍ତମାନ ଟେଲିଫୋନ୍ ବ୍ୟବସ୍ଥାକୁ ଏହା ଦେଖିବା ପାଇଁ ଯାଞ୍ଚ କରିବାକୁ ଯାଉଛନ୍ତି, ଯେ ଏହା ଠିକ୍ ଭାବେ କାମ କରୁଛି କି ନାହିଁ।

9 କଅଣ ଆଜି ରାତ୍ରି ସମସ୍ତେ ଖୁସି? [ମଣ୍ଡଳୀ କୁହନ୍ତି, "ଆମେନ୍"—ଅନୁ।] କୁହନ୍ତୁ, ତାହା ଠିକ୍ ଅଛି! ଏହି ପାର୍ଶ୍ଵରେ? ["ଆମେନ୍।"] ଆମେନ୍। ମୁଁ ଏହା ଦେଖି ବହୁତ ଖୁସି ଯେ ଆପଣ ସମସ୍ତେ ଆରାମରେ ବସିଛନ୍ତି।

10 ଆଉ ତେବେ ଆସନ୍ତାକାଲି ରାତ୍ରି, ଯଦି ଭିଡ଼ ବଢି ଚାଲିଥାଏ, ତାହାହେଲେ ସେମାନେ ଟେଲିଫୋନ୍ ମାଧ୍ୟମରେ ମଧ୍ୟ ସିଧାସଳଖ ଯୋଗ ଦେବେ। ସେଠାରେ ଆଜି ରାତି ଅଛି। ମୁଁ ଭାବୁଛି ଯେ ସେମାନଙ୍କ ମଧ୍ୟରୁ କେତେକେ ତଳେ ଆରାଧନାଳୟରେ ଅଛନ୍ତି।

11 ଏବଂ, ଆସନ୍ତାକାଲି ସକାଳେ, ସେବାଗୁଡିକ ଆରାଧନାଳୟରେ ହୋଇପାରିବ ନାହିଁ, କାରଣ ସେହି...ଆସନ୍ତାକାଲି ଅପରାହ୍ନରେ ଥିବା ଏକ ବିବାହ ନିମନ୍ତେ ଗୀର୍ଜାଘରକୁ ସଜାଇବା ହେତୁ ସେଠାରେ ଜଣେ ଫୁଲ ସାଜସଜ୍ଜାକାରୀ ରହିବେ। ଏବଂ ସେମାନେ ସକାଳର, ସେହି—ସେହି ସେବାଗୁଡ଼ିକୁ ଭାଇ ରୁଡେଲଙ୍କ ମଣ୍ଡଳୀକୁ, ସ୍ଥାନାନ୍ତର କରିଛନ୍ତି, ଯିଏକି ଆମର ଜଣେ ସହଯୋଗୀ ଅଟନ୍ତି, ଏବଂ ତାହା ଏଠାରେ ଉପରେ ସେହି—ସେହି ରାଜପଥ, 62ରେ ଅଛି। କଅଣ ଏହା ଘୋଷଣା କରାଯାଇଅଛି? [ଭାଇ ନେଭିଲ୍ କୁହନ୍ତି, "ହଁ।"—ଅନୁ।] ଏହା ଘୋଷଣା କରାଯାଇଅଛି। ଏବଂ, ଯଦି ଏହା ସେଠାରେ ଉପରେ ଅତ୍ୟଧିକ ଭୀଡ଼ ହୁଏ, ତାହାହେଲେ ଆମେ ଅବଶିଷ୍ଟ ଲୋକମାନଙ୍କୁ ନେଇ ଅନ୍ୟ ଜଣେ ସେବକ, ତଳେ କ୍ଲାର୍କସଭିଲେରେ ଥିବା ଭାଇ ଜୁନିଅର ଜ୍ୟାକସନଙ୍କ ନିକଟକୁ ପଠାଇଦେବା।

ଭାଇ ରୁଡେଲଙ୍କ ପାଖରେ ଆମର ରଖିବାର କାରଣ ହେଲା, ଯେ ଏହା ଏଠାରେ ନିକଟରେ ଅଛି, ଏବଂ ଆମେ କରିପାରିବା...ଏବଂ ଆମେ ଭାବିଲୁ ଯେ ଆପଣ ଏହାକୁ ସହଜରେ ପାଇପାରିବେ। ଏବଂ ତାହାପରେ ଆମେ ଏହାକୁ ଯେକୌଣସି ଉପାୟରେ ଯତ୍ନ ନେବା। ଏବଂ ଏଥିରେ ସୁନିର୍ଶ୍ଚିତ ହେବେ ଯେ ଆସନ୍ତାକାଲି ଯେପରି ସେହି ସମସ୍ତ ବାପ୍ତିସ୍ମଗୁଡ଼ିକ ହୋଇଯାଏ, ଏବଂ ମୁଁ ଆଶା କରେ ଯେ ଆସନ୍ତାକାଲି ବାପ୍ତିସ୍ମ ପାଇଁ ସେମାନଙ୍କ ସହିତ ଆଉ ଶହେ କିମ୍ବା ଦୁଇଶହ ଜଣ ଯୋଗ ହେବେ। ଏବଂ ତେବେ ଆସନ୍ତାକାଲି ରାତ୍ରି...

12 ମୁଁ ଏହା କଦାପି ଘୋଷଣା କରିବାକୁ ପସନ୍ଦ କରେ ନାହିଁ ଯେ ଆପଣଙ୍କୁ ସମୟ ପୂର୍ବରୁ କିଛି କୁହେ, ମାତ୍ର ଗୋଟିଏ ରାତି ସେବାରେ, କିମ୍ବା ଗୋଟିଏ ଦିନ, ମୁଁ ଏହି ବିଷୟ ଉପରେ କହିବାକୁ ଚାହେଁ: *ଏହି ମଲକିସେଦକ୍ କିଏ?* କାରଣ, ଏହା ଏପରି ଏକ—ଏକ ବିଷୟ ଅଟେ ଯାହାକି ମୁଁ ଭାବେ ଯେ ଆମେ ସେହି ସମୟରେ ରହୁଅଛୁ ଯେତେବେଳେ ଏହି ପ୍ରକାଶନଗୁଡ଼ିକ, ଯାହା ବିଷୟରେ ଯୁଗ ଯୁଗ ଧରି ଏହି ପ୍ରଶ୍ନ ଉଠି ଆସିଅଛି, ଯେ, "ଏହି ବ୍ୟକ୍ତିଜଣକ କିଏ?" ଏବଂ ମୁଁ ବିଶ୍ୱାସ କରେ ଯେ ପରମେଶ୍ୱରଙ୍କଠାରେ ଉତ୍ତର ଅଛି, ଯେ ସେ କିଏ ଥିଲେ। କେତେକ କହିଲେ, "ଏକ ପୁରୋହିତ ସେବାକାର୍ଯ୍ୟ," କେତେକ କହିଲେ, "ଜଣେ ରାଜା," କେତେକ... ମାତ୍ର ସେଠାରେ ରହିବାକୁ ଅଛି...

13 ଯେପର୍ଯ୍ୟନ୍ତ ସେଠାରେ ଏକ ପ୍ରଶ୍ନ ଅଛି, ସେହି ପ୍ରଶ୍ନର ସେଠାରେ ଏକ ଉତ୍ତର ରହିବା ଆବଶ୍ୟକ, ଯାହାକି ଠିକ୍ ଥାଏ। ପ୍ରଥମେ ଏକ ଉତ୍ତର ନ ଥାଇ ଏକ ପ୍ରଶ୍ନ ହୋଇପାରିବ ନାହିଁ।

14 ତେବେ, ଆମେମାନେ ଭରସା କରୁଅଛୁ ଯେ ପରମେଶ୍ୱର ଆଜି ରାତ୍ରି ତାହାଙ୍କ ବାକ୍ୟରୁ ଆମମାନଙ୍କୁ ଏକ ଆଶୀର୍ବାଦ ଦେବେ, ଯେତେବେଳେ ଆମେ ଏହାକୁ ପାଠ କରୁ।

15 ଏବଂ ଆପଣମାନଙ୍କର ରହିଅଛି...ବିଲି ମୋତେ ଆପଣମାନଙ୍କୁ ଏହା କହିବାକୁ କହିଲା ଯେ ଆପଣମାନଙ୍କର ଏଠାରେ ଥିବା ଲୋକମାନଙ୍କ ସହିତରେ ନିଶ୍ଚିତ ଭଲ ସହଯୋଗ ରହିଛି ଯେଉଁମାନେକି ପାର୍କିଂ ବ୍ୟବସ୍ଥାରେ ଅଛନ୍ତି, ପୋଲିସ୍ ଏବଂ ସବୁକିଛିରେ ଅଛନ୍ତି। ଏହାକୁ ବଜାୟ ରଖନ୍ତୁ; ତାହା ବହୁତ, ବହୁତ ଭଲ ଅଟେ।

16 ଆମେ ସେହି ସମୟକୁ ଦେଖିବାର ଆଶା କରୁଅଛୁ, ବୋଧହୁଏ ନିକଟ ଭବିଷ୍ୟତରେ, ଯେତେବେଳେକି ହୋଇପାରେ ଆମେ ତମ୍ବୁକୁ ଏଠାରେ ସହରକୁ ଆଣିପାରିବା ଏବଂ ଏହାକୁ ବଲପାର୍କ ପଡ଼ିଆରେ ଲଗାଇପାରିବା, ଯେଉଁଠାରେ ଆମେ କିଛି ଅଧିକ ଲମ୍ବା ସମୟ ପାଇଁ ରହିପାରିବା, ବୋଧହୁଏ ତିନି କିମ୍ବା ଚାରି ସପ୍ତାହର, ଉଦ୍ଦୀପନା ପାଇଁ, କ୍ରମାଗତ ଭାବରେ ରହିପାରିବା। ଏବଂ ଏଠାରେ ଆମେ କେବଳ ଅଳ୍ପ ସମୟ ପାଇଁ ହିଁ କଦାଚିତ୍ ପରସ୍ପରକୁ ଜାଣୁଅଛୁ, ଆଉ ତାହାପରେ ଆମକୁ ଶୁଭ-ବିଦାୟ କହିବାକୁ ପଡ଼ିଥାଏ ଏବଂ ଆମେ ପୁଣି ଫେରିଯାଉ। ମାତ୍ର ମୁଁ ଆସି ଏକ ବିସ୍ତୃତ ଯାତ୍ରାର ରହଣୀରେ ରହିବାକୁ ଚାହିଁବି, ଏପରି ଥରେ ଯେଉଁଠାରେକି ଆପଣ ରହିପାରିବେ ଯେପରିକି ଆମକୁ ଗୋଟିଏ କିମ୍ବା ଦୁଇ ରାତିରେ ବନ୍ଦ କରିବାକୁ ପଡ଼େ ନାହିଁ, ମାତ୍ର କେବଳ ଦିନ ଓ ରାତି, ଦିନ ଓ ରାତି, ରହିଥିବି ଓ ଶିକ୍ଷା ଦେଉଥିବି,

ଏପରି ଚାଲିଥିବ। ବୋଧହୁଏ କେହି ଜଣେ ଘରକୁ ଯାଇ କୁକୁଡ଼ାମାନଙ୍କୁ ଖାଇବାକୁ ଦେବେ, ଗାଈମାନଙ୍କୁ କ୍ଷୀର ଦୁହିଁବେ, ଏବଂ ପରବର୍ତ୍ତୀ ସପ୍ତାହରେ ଫେରି ଆସି ସେବାକୁ ଜାରି ରଖିବେ। ମୁଁ—ମୁଁ ତାହା ଭଲ ପାଏ। ଏଣୁ ପ୍ରଭୁ ଆପଣଙ୍କ ସହିତରେ ରୁହନ୍ତୁ।

17 ବର୍ତ୍ତମାନ, ମୁଁ ଯିବା ପୂର୍ବରୁ, ବୋଧହୁଏ ରବିବାର ସକାଳ କିମ୍ବା ରବିବାର ରାତି, କିଅବା କୌଣସି ସମୟ, ଏହି ସେବାଗୁଡିକ ମଧ୍ୟରୁ ଗୋଟିକରେ, ମୁଁ ଜାଣେ ଯେ ଆପଣମାନେ ସମସ୍ତେ *ବିବାହ ଏବଂ ଛାଡପତ୍ର* ବିଷୟକ ସତ୍ୟ ଉପରେ ସେହି ବାର୍ତ୍ତା ଶୁଣିବାକୁ ଅପେକ୍ଷା କରୁଛନ୍ତି, ଯାହାକି ଏହି ଦିନର ବଡ଼ ସମସ୍ୟାଗୁଡିକ ମଧ୍ୟରୁ ଅନ୍ୟତମ ଅଟେ। ଏବଂ ଯେତିକି ସୁନିଶ୍ଚିତ ଭାବରେ ମୁଁ ଏଠାରେ ଛିଡ଼ା ହୋଇଅଛି, ମୁଁ ବିଶ୍ୱାସ କରେ ଯେ ସଠିକ୍ ଉତ୍ତର ପରମେଶ୍ୱରଙ୍କ ବାକ୍ୟରେ ଅଛି, ଆଉ ମୁଁ ବିଶ୍ୱାସ କରେ ଯେ ତାହାହିଁ ଅଟେ ଯାହା ପାଇଁ ମୁଁ ଆସିବାକୁ ପ୍ରତିଜ୍ଞା କରିଥିଲି।

18 ଏବଂ ମୁଁ ଭାବୁଛି, ଜାଣିଶୁଣି, ଯେତେଦୂର ମୁଁ ଜାଣେ, ଇଷ୍ଟର ରବିବାର ଦିନ, ଜେଫର୍ସନ୍‌ଭିଲେରେ ମୁଁ ଆଉ ଏକ ସେବା କରିବାକୁ ଚାହେଁ, ଏବଂ ଆମେ କରିବା... ସୂର୍ଯ୍ୟୋଦୟ ସେବା ପାଇଁ, ଏବଂ ତାହାପରେ ଇଷ୍ଟର ରବିବାର ପାଇଁ। ତେଣୁ ଆମେ ଏହାକୁ ଆଗରୁ ଘୋଷଣା କରିବା ଏବଂ ଯଦି ସମ୍ଭବ ହେଲେ, ବୋଧହୁଏ ପ୍ରେକ୍ଷାଳୟ ପାଇବାକୁ ଚେଷ୍ଟା କରିବା, କିମ୍ବା ଅନ୍ୟତ୍ର କୌଣସିଠାରେ, ରବିବାର ପାଇଁ, ବୋଧହୁଏ ଆସନ୍ତା ଶନିବାର ଏବଂ ରବିବାର ପାଇଁ କରିବା। ମୋତେ ଉଡାଜାହାଜରେ ଯାଇକି ଫେରି ଆସିବାକୁ ଅଛି, କାରଣ ଏହା ସମୟ ପାଖେଇ ଆସିଲାଣି...ପ୍ରଥମେ ମୋତେ, ମୋ ପାଖରେ ରହିଥିବା ମୋର କାର୍ଯ୍ୟସୂଚୀ ସହିତ, ଏବଂ କାଲିଫର୍ଣ୍ଣିଆରେ ଥିବା ମୋର—ମୋର—ମୋର ଏକ ଯାତ୍ରାକ୍ରମ ସହିତ ଦେଖିବାକୁ ଅଛି। ଏବଂ ତେବେ, ତାହାପରେ ତତକ୍ଷଣାତ୍ ହିଁ, ମୋତେ ଆଫ୍ରିକା ଭିତରକୁ—ଭିତରକୁ ଯିବାକୁ ଅଛି। ତେଣୁ ଯୋଗାଯୋଗରେ ଥାଆନ୍ତୁ ଏବଂ ଆମ ପାଇଁ ପ୍ରାର୍ଥନା କରନ୍ତୁ।

19 ତେବେ, ଆଜି ରାତ୍ରି, ମୁଁ ଆପଣମାନଙ୍କର ଧ୍ୟାନକୁ ପରମେଶ୍ୱରଙ୍କ ବାକ୍ୟରେ ଥିବା ଏକ ଅଂଶ ପ୍ରତି ନେବାକୁ ଚାହୁଁଛି, ଯାହାକି ସାଧୁ ଲୂକଙ୍କର 4ର୍ଥ ପର୍ବରେ ମିଳେ। ତାହାର 4ର୍ଥ ପର୍ବ ଏବଂ 1ଶେ ପଦ, ଏହା ଆରମ୍ଭ ହୁଏ, ଯୀଶୁ କହୁଛନ୍ତି।

*...ଆଜି ଏହି ବାକ୍ୟ ତୁମ୍ଭମାନଙ୍କ କର୍ଣ୍ଣଗୋଚରରେ ସଫଳ ହେଲା।*

20 ତେବେ, ଆମେ ଏଥିରୁ, ଏକ ନିଷ୍କର୍ଷ ଗ୍ରହଣ କରିବାକୁ ଚାହୁଁ ଯେ ପରମେଶ୍ୱରଙ୍କ ବାକ୍ୟ କେତେ ଗତିଶୀଳ ଅଟେ! ତେବେ, ଆମେ ସମସ୍ତେ ଯାନ୍ତ୍ରିକୀ ବିଷୟରେ ଜାଣିପାରୁ, ମାତ୍ର ଏହାକୁ କାର୍ଯ୍ୟକ୍ଷମ କରିବା ପାଇଁ ଗତିକୀ ଆବଶ୍ୟକ କରେ।

21 ଆମେ ଜାଣିପାରୁ ଯେ ଗୋଟିଏ କଳ, ଯାନର ଯାନ୍ତ୍ରିକୀ କଅଣ ଅଟେ, ମାତ୍ର ତାହାପରେ ଚକଗୁଡ଼ିକୁ କାର୍ଯ୍ୟକ୍ଷମ କରିବା ପାଇଁ ଏବଂ ଚଳପ୍ରଚଳ କରିବା ପାଇଁ ଏହା ଗତିକୀ ଆବଶ୍ୟକ କରେ।

22 ତେବେ, ଯୀଶୁ ନାଜରିତକୁ—କୁ ଫେରି ଆସିଥିଲେ ଯେଉଁଠାରେ ସେ ପ୍ରତିପାଳିତ ହୋଇଥିଲେ। ତେବେ ଏଠାରେ ତଳେ ଶାସ୍ତ୍ରଗୁଡ଼ିକରେ, ଆମେ ପାଉ ଯେ ସେମାନେ କହିଥିଲେ, "ଆମେ ଶୁଣିଛୁ ଯେ ତୁମେ କଫର୍ନାହୂମରେ *ଅମୁକ-ଓ-ଅମୁକ* କରିଛ। ତେବେ ଆସୁ ତୁମକୁ ତାହାସବୁ ଏଠାରେ ତୁମର ନିଜ ଦେଶରେ କରୁଥିବାର ଦେଖିବା।"

23 ଯୀଶୁ କହିଲେ, "ଜଣେ—ଜଣେ ଭାବବାଦୀ ନିଜ ପୈତୃକ ନଗର ବିନା ଅନ୍ୟ କୌଣସିଠାରେ ହତାଦର ହୁଅନ୍ତି ନାହିଁ।" ଏବଂ, ଅବଶ୍ୟ, ସେହିଠାରେ ହିଁ ଅଟେ ଯେଉଁଠାରେ ଆପଣ ପ୍ରତିପାଳିତ ହୋଇଥାନ୍ତି, ଏବଂ ଯେଉଁଠାରେ ଲୋକମାନେ ଆପଣଙ୍କୁ ଜାଣନ୍ତି। ଆଉ ଆରମ୍ଭରୁ ହିଁ, ସେହିଠାରେ ତାହାଙ୍କର ଏକ—ଏକ—ଏକ ଖରାପ ନାମ ଥିଲା, ଯେ ସେ ତାହଙ୍କର ପାର୍ଥିବ ପିତା ବିନା ହିଁ ଜନ୍ମ ହୋଇଥିଲେ। ସେମାନେ ତାହାଙ୍କୁ "ଏକ ଅବୈଧ ସନ୍ତାନ," ବୋଲି ଡାକିଥିଲେ ଯାହାକି ବୈଧାନିକ ଦୃଷ୍ଟିରୁ, ମରିୟମ ପ୍ରକୃତରେ ଯୋଷେଫଙ୍କୁ ବିବାହ କରିବା ପୂର୍ବରୁ ହିଁ, ଗର୍ଭବତୀ ହୋଇଥିଲେ। ମାତ୍ର, ତାହା ସେହିପରି ନୁହେଁ, ଆମେ ଜାଣୁ ଯେ ଏହା ସେହିପରି ନୁହେଁ।

24 ଏବଂ ଏହି ଶାସ୍ତ୍ର ଉପରେ, ଯେଉଁ କାରଣରୁ ଏହା ଉପରେ ମୋର ଆଖି ପଡ଼ିଲା, ତାହା ଏପରି କିଛି ଥିଲା ଯାହା କିଛି ଦିନ ପୁର୍ବରୁ ଫିନିକ୍ସ, ଏରିଜୋନା କିଛି ଘଟିଥିଲା। ଏହା ସେହି ସେବାର ଶେଷ ଦିନ ଥିଲା, ପୂର୍ଣ୍ଣ ସୁସମାଚାର ବ୍ୟବସାୟ ପୁରୁଷଙ୍କ ଆନ୍ତର୍ଜାତୀୟ ସମ୍ମିଳନୀରେ ଯେଉଁଥିରେ ମୋତେ କହିବାକୁ ଥିଲା।

25 ଏବଂ ଏହି ସମ୍ମିଳନୀରେ ଆମ ସହିତ ଜଣେ ପରିଦର୍ଶକ ଥିଲେ, ଯିଏକି ଜଣେ କ୍ୟାଥୋଲିକ୍ ବିଶପ୍ ଥିଲେ, ଯିଏକି ଅଟନ୍ତି—ଅଟନ୍ତି "ଦି ଚାଲଦିଅନ୍ ରାଇଟସ ଅଫ୍ ଦି ଆପୋଷ୍ଟୋଲିକ୍ କ୍ୟାଥୋଲିକ୍ ଚର୍ଚ୍ଚ; ମୋଷ୍ଟ ରେଭ. ଜନ୍ ଏସ୍. ଷ୍ଟାନଲି, ଓ.ଏସ୍.ଡି." ସେ କ୍ୟାଥୋଲିକ୍ ମଣ୍ଡଳୀର "ମହାନଗରର ଯୁକ୍ତରାଷ୍ଟ୍ରର ଆର୍କବିଶପ୍," ଅଟନ୍ତି। *ଏହା* ତାଙ୍କର କାର୍ଡ ଏବଂ ତାଙ୍କର—ଏବଂ ତାଙ୍କର ଠିକଣା ଅଟେ।

26 ଏବଂ ସେ ଖ୍ରୀଷ୍ଟିଆନ ବିଜିନେସ୍‌ମେନଙ୍କ ସହ ଜଣେ ପରିଦର୍ଶକ ଥିଲେ, ଏବଂ ମୁଁ ତାଙ୍କୁ ଦିନେ ପୂର୍ବରୁ, ସେଠାରେ ଦେଖିଥିଲି। ଏବଂ ଯେତେବେଳେ ମୁଁ ଶନିବାର ରାତ୍ରିରେ କହୁଥିଲି, ମୁଁ ବିଶ୍ୱାସ କରେ ଯେ ଏହା ଥିଲା, କିମ୍ବା ଶନିବାର ସକାଳ ଜଳଖିଆରେ, ଏବଂ ମୁଁ... ଯେତେବେଳେ ମୁଁ କହୁଥିଲି, ସେ ମୋତେ ଅନାଇ ରହିଥିଲେ। ମୁଁ ଭାବିଲି, "ସେହି ବ୍ୟକ୍ତିଜଣକ ନିଶ୍ଚିତ ଭାବରେ ମୁଁ ଯାହା କହୁଅଛି ସେସବୁରେ ଅସହମତ ଅଟନ୍ତି।" ଏବଂ, ଆପଣ ଜାଣନ୍ତି, ଆପଣ ପାରନ୍ତି—ଆପଣ କେବଳ ତାଙ୍କୁ ଦେଖିପାରନ୍ତି; ସେ ନିଜର ମୁଣ୍ଡକୁ ଉପର-ଓ-ତଳକୁ କରୁଥାନ୍ତି, ମାତ୍ର ମୁଁ ଜାଣି ନ ଥିଲି ଯେ ତାଙ୍କ ପକ୍ଷରେ ପ୍ରକୃତରେ କଅଣ କାମ କରୁଥିଲା।

27 ତେଣୁ ରବିବାର ଅପରାହ୍ନରେ, ଯେତେବେଳେ ମୁଁ କହିବାକୁ ଉଠିଲି, ମୁଁ *ଜନ୍ମ ଯନ୍ତ୍ରଣା* ଉପରେ ମୋର ପାଠକୁ ନେବାକୁ ଯାଉଥିଲି, ଯେଉଁଠାରେ ଯୀଶୁ କହିଥିଲେ, ଯେ, "ଜଣେ ପ୍ରସବକାରିଣୀ ସ୍ତ୍ରୀ ଯେପରି ବେଦନାଗ୍ରସ୍ତ," ସେ ଜନ୍ମ ଯନ୍ତ୍ରଣାରେ ବେଦନାଗ୍ରସ୍ତ ଅଟେ। ଆଉ

ତେଣୁକରି ମୁଁ ସେଠାରୁ କହିବାକୁ ଯାଉଥିଲି, ଯଥା, *ଜନ୍ମ ଯନ୍ତ୍ରଣା*, ସେହି ବିଷୟକୁ ନେଇ, କହିବାକୁ ଯାଉଥିଲି ଯେ ଜଗତ ବର୍ତ୍ତମାନ ଜନ୍ମ ଯନ୍ତ୍ରଣାରେ ଗ୍ରସ୍ତ ଅଟେ । ପୁରାତନ ବିଷୟକୁ ଯିବାକୁ ହେବ, ଯେପରିକି ନୂତନ ଜନ୍ମ ହୋଇପାରେ; ଯେପରିକି ଏକ—ଏକ ବୀଜକୁ କ୍ଷୟ ପାଇବାକୁ ହୁଏ, ନୂତନ ଜୀବନକୁ ଦେବା ପାଇଁ ।

28 ଏବଂ କିପରି ସେହି ଯନ୍ତ୍ରଣା, ଜନ୍ମ ଯନ୍ତ୍ରଣା ଜଗତକୁ ଆଘାତ କଲା! ପ୍ରଥମ ବିଶ୍ୱଯୁଦ୍ଧରେ, ତାହାର ଏକ ଭୟଙ୍କର ଯନ୍ତ୍ରଣା ହୋଇଥିଲା, କାରଣ ସେମାନଙ୍କ ପାଖରେ ବିଷାକ୍ତ ଗ୍ୟାସ୍ ଏବଂ ଅନ୍ୟାନ୍ୟ ବିଷୟସବୁ ରହିଥିଲା, ଯାହାକି ବିଶ୍ୱକୁ ପ୍ରାୟଃ ନଷ୍ଟ କରି ଦେଇପାରିଥାନ୍ତା । ଏବଂ ଦ୍ୱିତୀୟ ବିଶ୍ୱଯୁଦ୍ଧରେ, ତାହାର ଆଉ ଏକ ଆଘାତ ହେଲା, ଅଧିକ ଯନ୍ତ୍ରଣା ଅନୁଭବ କଲା; ସେମାନଙ୍କ ପାଖରେ ଅତ୍ୟଧିକ ଭୟଙ୍କର ବିଷୟମାନ ରହିଥିଲା, ଏବଂ ଏକ ପରମାଣୁ ବୋମା ମଧ୍ୟ ରହିଥିଲା । ସେ ଆଉ ଏକ ଜନ୍ମ ଯନ୍ତ୍ରଣା ସହ୍ୟ କରିପାରେ ନାହିଁ । ଆଜି ଏହି କ୍ଷେପଣାସ୍ତ୍ର ଏବଂ ବିଷୟଗୁଡ଼ିକ ସହିତ, ଆଉ ଏକ ଯୁଦ୍ଧ ତାହାକୁ ଶୁନ୍ୟ ମଣ୍ଡଳକୁ ନିକ୍ଷିପ୍ତ କରିଦେବ, କାରଣ ସେ ବର୍ତ୍ତମାନ ଉଦ୍ଧାର ପ୍ରାପ୍ତ ହେବ । ଆଉ ସେଠାରେ ଏକ ନୂତନ ପୃଥିବୀ ହେବ । ବାଇବଲ କୁହେ ଯେ ସେଠାରେ ହେବ ।

29 ପ୍ରତ୍ୟେକ ଭବିଷ୍ୟଦ୍‌ବକ୍ତାଙ୍କ ବାର୍ତ୍ତାର ଅଧିନରେ, ଇସ୍ରାଏଲର ଏକ ଜନ୍ମ ଯନ୍ତ୍ରଣା ହୋଇଥିଲା, ଏହାର କାରଣ ହେଲା ଯେ ଧର୍ମଶାସ୍ତ୍ରୀ ଏବଂ ପୁରୋହିତମାନେ ମଣ୍ଡଳୀକୁ ସର୍ବପ୍ରକାରେ ଏକ ସଂଗଠନ ଆକାରରେ ରଖିଲା ଉତ୍ତାରେ ଏହି ଭବିଷ୍ୟଦ୍‌ବକ୍ତାମାନେ ଦୃଶ୍ୟକୁ ଆସୁଥିଲେ । ଏବଂ ଯେତେବେଳେ ସେହି ଭବିଷ୍ୟଦ୍‌ବକ୍ତାମାନେ **ସଦାପ୍ରଭୁ ଏହି କଥା କୁହନ୍ତି** ବାକ୍ୟ ସହିତ ଦୃଶ୍ୟକୁ ଆସୁଥିଲେ, ସେମାନେ ମଣ୍ଡଳୀଗୁଡ଼ିକୁ ଦୋହଲାଇ ଦେଉଥିଲେ, ଏବଂ ତାହାର ଏକ ଜନ୍ମ ଯନ୍ତ୍ରଣା ହେଉଥିଲା । ଅବଶେଷରେ, ତାହାର ଏପରି ଅତ୍ୟଧିକ ଜନ୍ମ ଯନ୍ତ୍ରଣା ହେଲା ଯେ ସେ ସୁସମାଚାରର ଏକ ପୁତ୍ରକୁ ପ୍ରସବ କଲା, ଯାହାକି ସେହି ବାକ୍ୟ ସ୍ୱୟଂ ଶରୀରରୂପ ଧାରଣ କରିଥିଲା ।

30 ଠିକ୍ ସେହି ପ୍ରକାରେ ମଣ୍ଡଳୀ ଆଜି ରାତି ପ୍ରକୃତରେ ଜନ୍ମ ଯନ୍ତ୍ରଣା ଅନୁଭବ କରୁଅଛି, ପୁଣିଥରେ, ପୁତ୍ରର ଉଦ୍ଧାର ନିମନ୍ତେ, ପରମେଶ୍ୱରଙ୍କ ପୁତ୍ରଙ୍କର ପୁନର୍ବାର ଆଗମନ ନିମନ୍ତେ । ଆମର ସମସ୍ତ ଈଶ୍ୱରତତ୍ତ୍ୱବିତ୍, ଆମର ସମସ୍ତ ବ୍ୟବସ୍ଥା, ଆମର ସମସ୍ତ ନାମଧାରୀ ସଂସ୍ଥା, ଠିକ୍ ଆମ ଅଧୀନରେ ହିଁ କ୍ଷୟ ପାଇଛନ୍ତି । ତେଣୁ ଆମେ ଜନ୍ମ ଯନ୍ତ୍ରଣାରେ ଅଛୁ, ଏବଂ ପରମେଶ୍ୱରଙ୍କଠାରୁ ଆସିଥିବା ଏକ ବାର୍ତ୍ତା ସର୍ବଦା ମଣ୍ଡଳୀକୁ ଏକ ଅଧିକ ବେଦନାରେ ଗ୍ରସ୍ତ କରିଥାଏ, ମାତ୍ର କିଛି ସମୟ ପରେ ସେ ଏକ କନ୍ୟାକୁ ପ୍ରସବ କରିବାକୁ ଯାଉଅଛି । ତାହା ଯୀଶୁ ଖ୍ରୀଷ୍ଟଙ୍କୁ ତାହାଙ୍କର କନ୍ୟା ନିକଟକୁ ନେଇ ଆସିବ ।

31 ଏବଂ, ତାହାପରେ, ଏହା ଭାବି ଯେ ଏହି ଲୋକଟି ମୋ ସହିତ ଏତେ ଅଧିକ ଭାବେ ଅସହମତ ଅଟେ । ଯେତେବେଳେ ମୁଁ ଏହି ବାର୍ତ୍ତା କହିବାକୁ ଉଠିଥାଏ, ପୃଷ୍ଠା ଖୋଜିବା ପାଇଁ, ମୁଁ ମୋ ବାଇବଲକୁ ଓଲଟାଏ ।

32 ଖ୍ରୀଷ୍ଟମାସ ପାଇଁ, ମୋ ପତ୍ନୀ ମୋତେ ଏକ ନୂତନ ବାଇବଲ ଦେଇଥିଲେ । ମୋର ପୁରୁଣା ବାଇବଲଟି ପ୍ରାୟଃ ପନ୍ଦର ବର୍ଷ ପୁରୁଣା, ଏବଂ ଜିନିଷଟି ହେଲା ଯେ ତାହା ଖଣ୍ଡ ଖଣ୍ଡ ହୋଇ ଯାଇଥିଲା । ସେହି ପୃଷ୍ଠାଗୁଡ଼ିକ, ପ୍ରତ୍ୟେକ ଥର ଯେତେବେଳେ ଏହା ଖୋଲାହୁଏ, ସେଥିରୁ ଉଡ଼ିଯାଏ । ଆଉ, ମାତ୍ର ମୁଁ ଜାଣିଥିଲି ଯେ ପ୍ରତ୍ୟେକ ଶାସ୍ତ୍ରାଂଶ କେଉଁଠାରେ ଖୋଜାଯିବ, ଏଣୁ ମୁଁ ସେହି ବାଇବଲରେ ଅତି ନିକଟରୁ ଅଧ୍ୟୟନ କରିଥିଲି । ଆଉ ମୁଁ ମାତ୍ର ଏହି ନୂତନଟିକୁ ଉଠାଇଲି, କାରଣ ମଣ୍ଡଳୀକି ନେଇ ଯିବା ପାଇଁ, ଏହି ଅନ୍ୟଟି ଏତେ ଚିରାଚରିତ ଦେଖାଯାଉଥିଲା ।

33 ଏବଂ ଯେତେବେଳେ ମୁଁ ସାଧୁ ଯୋହନ ପୁସ୍ତକଟିକୁ ଓଲଟାଇବା ଆରମ୍ଭ କଲି, ଯେଉଁଠାରେ ସେହି ଶାସ୍ତ୍ରାଂଶ ମିଳେ, ମୁଁ 1ଶେ ପର୍ବ ପାଠ କରିବାକୁ ଆରମ୍ଭ କଲି, ଏବଂ ମୁଁ ଖୋଜୁଥିବା ପଦଟି ସେଠାରେ ନ ଥିଲା । ଏଣୁ ମୁଁ ଭାବିଲି, "ବିଚିତ୍ର!" ମୁଁ ପୁଣିଥରେ ଓଲଟାଇଲି; ତଥାପି ଏହା ସେଠାରେ ନ ଥିଲା ।

34 ଏବଂ ଲୁଇସିଆନା, ଶ୍ରେୱେପୋର୍ଟରୁ, ମୋର ଅନ୍ତରଙ୍ଗ ବନ୍ଧୁ, ଭାଇ ଜ୍ୟାକ୍ ମୁର୍, ସେ ସେଠାରେ ବସିଥିଲେ । ମୁଁ କହିଲି, "ଭାଇ ଜ୍ୟାକ୍, କଅଣ ତାହା ସାଧୁ ଯୋହନ 1ରେ ମିଳେ ନାହିଁ କି?"

ସେ କହିଲେ, "ହଁ ।"

35 ଏବଂ ମଞ୍ଚ ଉପରେ ବସିଥିବା ପ୍ରାୟଃ ଶହେ ଧର୍ମଗୁରୁମାନଙ୍କ ମଧ୍ୟରୁ, ଏହି କ୍ୟାଥୋଲିକ୍ ପୁରୋହିତଜଣକ ନିଜ ଆସନରୁ ଉଠିଲେ; ତାହାଙ୍କର ସମସ୍ତ ଯାଜକତ୍ତ୍ୱ ପୋଷାକ, ଏବଂ ଲମ୍ବା ଚୋଗାବସ୍ତ୍ର ପୁଣି କ୍ରୁଶଗୁଡ଼ିକ, ଓ ଇତ୍ୟାଦି ସହିତରେ ମୋ ପାଖକୁ ଚାଲିକରି ଆସିଲେ, ଏବଂ ଠିକ୍ ମୋ ପାଖକୁ ପହଞ୍ଚିଲେ । ଏବଂ ସେ କହିଲେ, "ହେ ପୁଅ, ସ୍ଥିର ରୁହ । ପରମେଶ୍ୱର କିଛି କରିବାକୁ ସ୍ଥିର କରୁଛନ୍ତି ।"

ମୁଁ ଭାବିଲି, "ଜଣେ କ୍ୟାଥୋଲିକ୍ ବିଶପ ମୋତେ ତାହା କହୁଛନ୍ତି?"

ସେ କହିଲେ, "ଏହାକୁ ମୋ ପୁସ୍ତକରୁ ପାଠ କର ।"

36 ଏବଂ ମୁଁ ତାଙ୍କ ପୁସ୍ତକରୁ ସେହି ଶାସ୍ତ୍ରାଂଶକୁ ପାଠ କଲି, ଓ ମୋର ମୂଳପାଠକୁ ନେଲି ଓ ଆଗକୁ ବଢିଚାଲିଲି, ମୋର ଉପଦେଶକୁ ପ୍ରଚାର କଲି ।

37 ଏହା ପରେ, ଯେତେବେଳେ ମୁଁ ସାରିଲି, ମୋ ଗଲା ପରେ ସେ ଉଠିଲେ, ଏବଂ କହିଲେ, "ଗୋଟିଏ ଜିନିଷ ଘଟିବାକୁ ହିଁ ଅଛି । ଏହା ପରେ, ମଣ୍ଡଳୀକୁ ସେହି ବିଶୃଙ୍ଖଳାରୁ ଯେଉଁଥିରେ ସେ ଅଛି ବାହାରି ଯିବାକୁ ଅଛି, କିମ୍ବା ମଣ୍ଡଳୀ ଭିତରେ ରହିଥିବା ବିଶୃଙ୍ଖଳାରୁ ଆମମାନଙ୍କୁ ବାହାରି ଯିବାକୁ ଅଛି ।" ତେଣୁ, ଗୋଟିଏ ବା ଅନ୍ୟଟି ।

38 ଆଉ ସେହି ସନ୍ଧ୍ୟାରେ, ମୁଁ ଟ୍ୟୁସାନକୁ ଫେରିବାର, ମୋର ବାଟରେ ଥିଲି । ପିଲାମାନେ ଏକ ସାଣ୍ଡୱିଚ୍ ପାଇଁ କାନ୍ଦୁଥିଲେ, ଏବଂ ମୁଁ ଏକ ଛୋଟ ଛକରେ ଏକ ସାଣ୍ଡୱିଚ୍ ନେବା ପାଇଁ

ଅଟକି ଗଲି। ଏବଂ ମୋ ସ୍ତ୍ରୀ କହିଲେ, "ବିଲ୍, ମୁଁ ମୋ ଜୀବନସାରା ତୁମକୁ ସେଠାରେ ଛିଡ଼ା ହୋଇ ସେହି ବାଇବଲରେ, ଏପରି ଭାବରେ ଥଙ୍ଗୋଉଥିବାର ଦେଖିବାରେ ଏତେ ଅଧିର କେବେ ହୋଇ ନ ଥିଲି।" କହିଲେ, "କଅଣ ଏହା ତୁମକୁ ଅଧିର କଲା ନାହିଁକି?"

39 ମୁଁ କହିଲି, "ନା।" ମୁଁ କହିଲି, "ମୁଁ ଜାଣିଥିଲି ଯେ ଏହା ସେଠାରେ କେଉଁଠାରେ ଅଛି। ସେମାନଙ୍କର ସେଥିରେ କେବଳ ସେହି ପୃଷ୍ଠାଟି ହିଁ ନ ଥିଲା। ଏହା ଭୁଲ ଛପା ହୋଇଥିଲା।"

40 ଏଥିରେ ସେ କହିଲେ, "ଭାବିବାକୁ ଗଲେ, ଯେହେତୁ ମୁଁ ତୁମକୁ ସେହି ବାଇବଲ ଆଣି ଦେଇଥିଲି! ଏପରି ଲାଗୁଥିଲା ଯେପରି ପ୍ରତ୍ୟେକଟି ଆଖି ଠିକ୍ ମୋ ଉପରେ ରହିଥିଲା।"

41 ଆଉ ମୁଁ କହିଲି, "ତେବେ, ତୁମେ କିଛି କରି ପାରି ନ ଥାଆନ୍ତ। ତାହା ତ ବାଇବଲରେ ଏକ ଭୁଲ ଛପା ହୋଇଥିଲା।" ମୁଁ କହିଲି, "ସେମାନେ ତ ସେହି ପୃଷ୍ଠାକୁ ମାତ୍ର କଦାପି ରଖି ନ ଥିଲେ।"

42 ତେବେ, ମୁଁ ଗଲି ଓ ପୁଣିଥରେ ଏହାକୁ ଦେଖିଲି, ଠିକ୍ ଯେତିକି ଭଲ ଭାବରେ ଦେଖିପାରେ ସେପରି ଦେଖିଲି; ମାତ୍ର 16ଶ ପର୍ବ ସମାପ୍ତ ହୁଏ, ଅଂଶ, ଏହାର ଅଂଶ ତଳ ଭାଗରୁ ପ୍ରାୟଃ ତିନି ଇଞ୍ଚ ଉପରେ ଥିଲା, ଏହାର ଅନ୍ୟ ପାର୍ଶ୍ୱରେ 17ଶ ପର୍ବରେ, ସେହି ସମାନ ବିଷୟ ରହିଥିଲା। ପୁଣି, ଏକ ନୂତନ ବାଇବଲ ହୋଇଥିବାରୁ, ସେହି ଦୁଇଟି ପୃଷ୍ଠା ସମ୍ପୂର୍ଣ୍ଣ ରୂପେ ଏକତ୍ର ଲଟକି ଯାଇଥିଲା, ଆଉ ମୁଁ 16ଶେ ପର୍ବ ପରିବର୍ତ୍ତେ 17ଶ ପର୍ବରୁ ପାଠ କରୁଥିଲି। "ତେବେ," ମୁଁ କହିଲି, "ତାହା ସବୁ ଠିକ୍ ଅଟେ। ଏହା କିଛି କାରଣ ପାଇଁ ହୋଇଛି।"

43 ଏବଂ ଯେତିକି ସ୍ପଷ୍ଟ ଭାବରେ ଆପଣ କୌଣସି ସ୍ୱର ଶୁଣିପାରନ୍ତି, ସେତିକି ସ୍ପଷ୍ଟ ଏକ ସ୍ୱର ମୋ ପାଖକୁ ଆସିଲା, ଏବଂ କହିଲା, "ସେ ଯେଉଁ ନାଜରିତରେ ପ୍ରତିପାଳିତ ହୋଇଥିଲେ, ସେହି ସ୍ଥାନକୁ ଗଲେ; ଓ ଆପଣା ରୀତି ଅନୁସାରେ, ସମାଜଗୃହରେ ପ୍ରବେଶ କଲେ। ଏବଂ ଯାଜକ ତାହାଙ୍କୁ ପାଠ କରିବା ପାଇଁ ଶାସ୍ତ୍ର ଦେଲେ, ଆଉ ସେ ଯିଶାଇୟ 61 ପାଠ କଲେ। ଆଉ ଯେତେବେଳେ ସେ ସେହି ଶାସ୍ତ୍ର ପାଠ କରିସାରିଲେ, ସେ ବସି ପଡ଼ିଲେ; ସେହି ପୁସ୍ତକ, ବାଇବଲକୁ ଯାଜକଙ୍କୁ ହସ୍ତାନ୍ତର କରି, ଉପବେଶନ କଲେ। ଆଉ ମଣ୍ଡଳୀରେ ସମସ୍ତଙ୍କ ଦୃଷ୍ଟି ତାହାଙ୍କ ଉପରେ ସ୍ଥିର ହୋଇ ରହିଲା। ଏବଂ ବହୁମୂଲ୍ୟ ବାକ୍ୟ ତାହାଙ୍କ ମୁଖରୁ ନିର୍ଗତ ହେଲା। ଆଉ ସେ କହିଲେ, 'ଆଜି ଏହି ଶାସ୍ତ୍ର ସଫଳ ହେଲା।'"

"ଆଜି ଏହି ଶାସ୍ତ୍ର ସଫଳ ହେଲା।"

44 ଶାସ୍ତ୍ର କେତେ ସଠିକ୍ ଅଟେ! ଯଦି ଆପଣ ଏହାକୁ ଯିଶାଇୟ 61:1 ରୁ 2ରେ ଲକ୍ଷ୍ୟ କରିବେ, ଯେଉଁଠାରୁକି ଆମର ପ୍ରଭୁ ପାଠ କରିଥିଲେ, ଯିଶାଇୟ 61:1 ରୁ 2। ମାତ୍ର ଯିଶାଇୟ 61ର 2ୟ ପଦର ମଧ୍ୟଭାଗରେ, ସେ ଅଟକି ଗଲେ। ଯେଉଁଠାରେ ଏହା କହୁଥିଲା, "ସଦାପ୍ରଭୁଙ୍କର ଆତ୍ମା ମୋ ଠାରେ ଅଧିଷ୍ଠାନ କରନ୍ତି; ଗ୍ରାହ୍ୟ ବର୍ଷ ପ୍ରଚାର କରିବାକୁ," ତାହାପରେ ସେ ଅଟକି ଗଲେ। କାହିଁକି? ଅନ୍ୟ ଅଂଶଟି, ନ୍ୟାୟ ବିଚାର ଆଣିବା, ତାହାଙ୍କର ପ୍ରଥମ ଆଗମନ ପ୍ରତି ପ୍ରଯୁଜ୍ୟ ନ ଥିଲା, ବରଂ ଏହା ତ ତାହାଙ୍କର ଦ୍ୱିତୀୟ ଆଗମନ ପ୍ରତି

ପ୍ରଯୁଜ୍ୟ ଥିଲା । ଦେଖନ୍ତୁ, ଏହା ସେଠାରେ ପ୍ରଯୁଜ୍ୟ ନ ଥିଲା । କିପରି ଶାସ୍ତ୍ର କେବେ ଭୁଲ କରେ ନାହିଁ! ସେମାନେ ସର୍ବଦା ସିଦ୍ଧ ଅଟନ୍ତି । ଠିକ୍ ଯେଉଁଠାରେ ଶାସ୍ତ୍ର ଅଟକି ଗଲା, ଯୀଶୁ ଅଟକି ଗଲେ, 'କାରଣ ଏହା ଅବିକଳ ଭାବେ ଠିକ୍ ତାହାହିଁ ଥିଲା ଯାହାକି ତାହାଙ୍କର ଦିନରେ, ତେବେ, ସେହି ପ୍ରଥମ ଆଗମନରେ ସୁପ୍ରମାଣିତ ହେବାର ଥିଲା । ଦ୍ୱିତୀୟ ଆଗମନରେ ସେ ପୃଥିବୀ ଉପରେ ନ୍ୟାୟ ବିଚାର ଆଣିବେ; ମାତ୍ର ସେତେବେଳେ ନୁହେଁ । ତାହାଙ୍କୁ "ଗ୍ରାହ୍ୟ ବର୍ଷ ପ୍ରଚାର କରିବାକୁ" ଥିଲା ।

45 ମଶୀହଙ୍କୁ ଧ୍ୟାନ ଦିଅନ୍ତୁ, ଯିଏକି ନିଜକୁ ସେହି ଯୁଗ ନିମନ୍ତେ ପ୍ରତିଜ୍ଞାତ ବାକ୍ୟ ସହିତ ଚିହ୍ନିତ କରିବା ପାଇଁ ମଞ୍ଚ ଉପରେ ଛିଡ଼ା ହୋଇଥିଲେ । କେତେ ଅଦ୍ଭୁତ, ଯେ ମଶୀହ ମଣ୍ଡଳୀ ସମ୍ମୁଖରେ ଛିଡ଼ା ହୋଇଥିଲେ! ଏବଂ ଏହି ମୂଲ୍ୟବାନ ବାକ୍ୟଗୁଡ଼ିକୁ ଦେଖନ୍ତୁ, ଯେତେବେଳେ ସେ ଏଠାରେ କୁହନ୍ତି, "ଗ୍ରାହ୍ୟ ବର୍ଷ ପ୍ରଚାର କରିବାକୁ ।"

46 "ଗ୍ରାହ୍ୟ ବର୍ଷ," ଯେପରି ଆମେ ସମସ୍ତେ ଜାଣୁ, ବାଇବଲ ପାଠକ ଭାବରେ, ତାହା ହେଲା "ଜୁବେଲ୍ ବର୍ଷ ।" ଯେ, ଯେତେବେଳେ ସମସ୍ତ କ୍ରୀତଦାସ ଏବଂ ବନ୍ଦୀମାନେ, ସେମାନଙ୍କୁ ଯେପରି, କାରାଗାରକୁ, ନିଆ ଯାଇଥିଲା; ଏବଂ ଋଣ ପରିଶୋଧ କରିବାକୁ ଯାଇ, ଏକ ପୁତ୍ର ଦେବାକୁ ପଡୁଥିଲା; କିମ୍ବା ଋଣ ପରିଶୋଧ କରିବାକୁ, ଏକ ଝିଅକୁ ଦେବାକୁ ପଡୁଥିଲା, [ଟେପ୍‌ରେ ରିକ୍ତ ସ୍ଥାନ—ଅନୁ ।] ଆଉ ସେମାନେ ଦାସତ୍ୱରେ ଥିଲେ । ଏଥିରେ କିଛି ଯାଏ ଆସେ ନାହିଁ ଯେ ସେମାନେ କେତେ ଦିନ ଦାସତ୍ୱରେ ରହି ଆସିଥିଲେ, କିମ୍ବା ସେମାନଙ୍କୁ କେତେ ଦିନ ସେଠାରେ ରହିବାର ଉଚିତ୍ ଥିଲା; ଯେତେବେଳେ ସେହି ବର୍ଷ ଆସୁଥିଲା, ଜୁବେଲ୍ ବର୍ଷ, ଯେତେବେଳେ ତୂରୀ ବାଦ୍ୟ ହେଉଥିଲା, ତେବେ ପ୍ରତ୍ୟେକ ବ୍ୟକ୍ତି ଯିଏକି ମୁକ୍ତ ହେବା ପାଇଁ ଚାହୁଁଥିଲେ ସେ ମୁକ୍ତ ହୋଇ ଯାଇପାରୁଥିଲେ । [ଟେପ୍‌ରେ ରିକ୍ତ ସ୍ଥାନ ।] ଆପଣ ମୁକ୍ତ ଥିଲେ । ଆପଣ ଆଉ କ୍ରୀତଦାସ ନ ଥିଲେ ।

47 ମାତ୍ର ଯଦି ଆପଣ ଜଣେ ଦାସ ହୋଇ ରହିବାକୁ ଇଚ୍ଛା କରୁଥିଲେ, ତେବେ ଆପଣଙ୍କୁ ମନ୍ଦିରକୁ ନିଆଯିବାକୁ ପଡୁଥିଲା, ମନ୍ଦିର ଖମ୍ଭ ପାଖରେ ଛିଡ଼ା କରି, ଏବଂ ସେମାନେ ଏକ ଡାଙ୍ଗଣ ଦ୍ୱାରା ଆପଣଙ୍କ କାନରେ ଏକ ଛିଦ୍ର କରୁଥିଲେ, ଆଉ ତାହାପରେ ଆପଣଙ୍କୁ ଅବଶିଷ୍ଟ ଦିନ ସେହି ମୁନୀବର ସେବା କରିବାକୁ ପଡୁଥିଲା ।

48 ଯୀଶୁ ଖ୍ରୀଷ୍ଟଙ୍କ ସୁସମାଚାରର ଏହା କି ଏକ ସିଦ୍ଧ ଉଦାହରଣ ଅଟେ! ଯେତେବେଳେ ଏହା ପ୍ରଚାର କରାଯାଉଥିଲା, ସେହି ଗ୍ରାହ୍ୟ ସମୟ, ଏବଂ ଜୁବେଲ୍ ସମୟ; ଯେକୌଣସି ବ୍ୟକ୍ତି, ଏଥିରେ କିଛି ଯାଏ ଆସେ ନାହିଁ ଯେ ଆପଣ କିଏ, ଆପଣ କେଉଁ ରଙ୍ଗର, ଆପଣ କେଉଁ ନାମଧାରୀ ସଂସ୍ଥାର ଅଟନ୍ତି, ଆପଣ କେତେ ଅଧିକ ପାପରେ ପତିତ ହୋଇଛନ୍ତି, କିମ୍ବା ଆପଣଙ୍କ ସହିତ କଅଣ ଭୁଲ୍ ଅଛି; ଯେତେବେଳେ ଆପଣ ସୁସମାଚାର ତୂରୀ ଶବ୍ଦ ହେଉଥିବା ଶୁଣୁଥିଲେ ଆପଣ ମୁକ୍ତ ହୋଇ ଯାଇପାରୁଥିଲେ । ଆପଣ ମୁକ୍ତ ଅଟନ୍ତି!

49 ମାତ୍ର ଯଦି ଆପଣ ବାର୍ତ୍ତାକୁ ନିଜର ପିଠି କରି ଦିଅନ୍ତି ଓ ଏହା ଶୁଣିବାକୁ ମନା କରି ଦିଅନ୍ତି, ତେବେ ଧ୍ୟାନ ଦିଅନ୍ତୁ, ଆପଣଙ୍କ କାନରେ ଏକ ଡାଙ୍ଗଣ ଦ୍ୱାରା, ଛିଦ୍ର କରି ଦିଆଯାଉଥିଲା । ଏହାର ଅର୍ଥ, କହିବାକୁ ଗଲେ, ଆପଣ ଅନୁଗ୍ରହ ଏବଂ ବିଚାର ମଧ୍ୟରେ ସୀମାକୁ ଅତିକ୍ରମ କରିଦେଲେ, ଏବଂ ଆପଣ ଆଉ କେବେହେଲେ ସୁସମାଚାର ଶୁଣିବେ ନାହିଁ । ଆପଣ ଆଉ କଦାପି ଆଗକୁ ବଢିବେ ନାହିଁ । ଆପଣଙ୍କୁ ତ ଆପଣଙ୍କର ଅବଶିଷ୍ଟ ଦିନ, ଆପଣ ରହିଥିବା ସେହି ବ୍ୟବସ୍ଥାର ଏକ କ୍ରୀତଦାସ ହୋଇ ରହିବାକୁ ପଡ଼ିବ, ଯଦି ଆପଣ ଗ୍ରାହ୍ୟ ବର୍ଷ ଶୁଣିବାକୁ ମନା କରି ଦିଅନ୍ତି ।

50 ତେବେ, ଏହାର ଅନ୍ୟ ଅଂଶଟି, ଯେପରି ମୁଁ କହିଲି, ତାହାର ଉତ୍ତର ଦେବାର ଆବଶ୍ୟକତା ନ ଥିଲା, କାରଣ ଆଗମନ କରୁଥିବା ଏହି ମଶୀହ, ବର୍ତ୍ତମାନର ଏକ ସମୟ ଅଟେ, ଯେତେବେଳେ ସେ ବିଚାରକୁ ନେଇକି ଆସିବେ ।

51 ତେବେ, ସେହି ଲୋକମାନେ ଏହାକୁ କିପରି ଦେଖିବାରେ ବିଫଳ ହୋଇପାରିଲେ ଯେ ସେ କିଏ ଥିଲେ? ସେମାନେ ଏଥିରୁ କଦାଚିତ୍ କିପରି ବିଫଳ ହେଲେ? ଏହା କିପରି ବା ହୋଇପାରେ, ଯେତେବେଳେ ଏହା ଏତେ ସ୍ପଷ୍ଟ ଭାବରେ ଜଣାଇ ଦିଆଗଲା ଏବଂ ଦେଖାଇ ଦିଆଗଲା? ସେମାନେ ଏହାକୁ ଦେଖିବାରେ କିପରି ବିଫଳ ହୋଇପାରିଲେ? ଯେତେବେଳେ ସେ…

52 କି ଏକ ବାକ୍ୟ! ଏହା ବିଷୟରେ ଚିନ୍ତା କରନ୍ତୁ, "ଆଜି ଏହି ଶାସ୍ତ୍ରର ତୁମ୍ଭ ଦୃଷ୍ଟିଗୋଚରରେ ସଫଳ ହେଲା ।" କିଏ ଏହା କହିଲା? ପରମେଶ୍ୱର ସ୍ୱୟଂ, ଯିଏକି ଆପଣାର ନିଜ ବାକ୍ୟର ଅନୁବାଦକ ଅଟନ୍ତି । "ଆଜି ଏହି ଶାସ୍ତ୍ର ସଫଳ ହେଲା ।" ସେହି ମଶୀହ, ନିଜେ, ମଣ୍ଡଳୀର ଉପସ୍ଥିତିରେ ଛିଡ଼ା ହୋଇଥିଲେ ଏବଂ ନିଜ ସମ୍ବନ୍ଧରେ, ବାଇବଲରୁ ଏକ ବାକ୍ୟ ପାଠ କରିଥିଲେ, ଆଉ ତାହାପରେ କହିଥିଲେ, "ଆଜି ଏହି ଶାସ୍ତ୍ର ସଫଳ ହେଲା," ଏବଂ ତଥାପି ସେମାନେ ତାହା ଦେଖିବାରେ ବିଫଳ ହେଲେ ।

53 ଏହା କେଡ଼େ ଏକ ଦୁଃଖଦ ଘଟଣା ହୋଇଥିବ, ମାତ୍ର ଏହା ଘଟିଲା । ଏହା ଅନେକ ଥର ଘଟିଛି । ଏହା କିପରି ଘଟିପାରେ? ଅବଶ୍ୟ, ଯେପରି ଏହା ଅନ୍ୟ ସମୟଗୁଡ଼ିକରେ ହୋଇଥିଲା, ବାକ୍ୟ ସବନ୍ଧରେ ମନୁଷ୍ୟର ବ୍ୟାଖ୍ୟାକୁ ବିଶ୍ୱାସ କରିବା ଦ୍ୱାରା । ଏହାହିଁ ଅଟେ ଯାହାକି ତାହା ଘଟାଇଥିଲା । ସେହି ଦିନର ସେହି ବିଶ୍ୱାସୀମାନେ, ତଥା-କଥିତ ବିଶ୍ୱାସୀମାନେ, ସେହି ବ୍ୟାଖ୍ୟାକୁ ଗ୍ରହଣ କରିଥିଲେ ଯାହା ସେହି ଯାଜକ ସେହି ଶାସ୍ତ୍ର ବିଷୟରେ କହିଥିଲେ । ତେଣୁକରି ଯୀଶୁ, ସେମାନଙ୍କର କୌଣସିଟି ପଦବୀ କିମ୍ବା ସେମାନଙ୍କର କୌଣସିଟି ସମାଜରେ ଅନ୍ତର୍ଭୁକ୍ତ ନ ହୋଇଥିବା ସକାଶୁ, ତାହାଙ୍କୁ ସେମାନଙ୍କର ଗୋଷ୍ଠୀରୁ ବହିଷ୍କାର କରି ଦିଆଯାଇଥିଲା ।

54 ଆଉ, ତେଣୁକରି, ସେମାନେ ତାହାଙ୍କୁ ସେମାନଙ୍କ ସହିତରେ ଚିହ୍ନିତ କରିପାରିଲେ ନାହିଁ, କାରଣ ସେ ସେମାନଙ୍କଠାରୁ ଭିନ୍ନ ଥିଲେ । ଯୀଶୁ ଖ୍ରୀଷ୍ଟଙ୍କ ବ୍ୟକ୍ତିତ୍ୱ ଏତେ ଅନନ୍ୟ ଥିଲା ଯେ

କେହିହେଲେ ଏହା ଦେଖିବାରୁ ବଞ୍ଚିତ ହେବାର ଉଚିତ୍ ନ ଥିଲା ଯେ ସେ ପରମେଶ୍ୱରଙ୍କ ପୁତ୍ର ଥିଲେ, କାରଣ ସେ ସେହି ଧର୍ମଶାସ୍ତ୍ରର ସିଦ୍ଧ ପରିଚୟ ଥିଲେ ଯାହା ତାହାଙ୍କ ବିଷୟରେ ଲେଖାଯାଇଥିଲା।

55 ଠିକ୍ ସେହିପ୍ରକାରେ ହିଁ ଯେକୌଣସି ଖ୍ରୀଷ୍ଟିଆନ ଜଣାଯାଇଥାଏ, ଯେତେବେଳେ ତାହାର ଜୀବନ ସେହି ବିଷୟଗୁଡ଼ିକୁ ଚିହ୍ନିତ କରେ ଯାହାକି ଖ୍ରୀଷ୍ଟିଆନକୁ କରିବା ଉଚିତ୍।

56 କିପରି ସେ ସେଠାରେ ଛିଡ଼ା ହୋଇ ଏହା କହି ପାରିଥିଲେ, "ଆଜି ଏହି ଶାସ୍ତ୍ର ତୁମ୍ଭ ଦୃଷ୍ଟିଗୋଚରରେ ସଫଳ ହେଲା!" କେତେ ଉଲ୍ଲେଖନୀୟ, କେତେ ସ୍ୱଷ୍ଟ ଭାବରେ, ଏବଂ ତଥାପି ସେହି ଲୋକମାନେ ଭୁଲ୍ ବୁଝିଥିଲେ। କାହିଁକି? କାରଣ ସେମାନେ କୌଣସି ଯାଜକମାନଙ୍କର ବ୍ୟବସ୍ଥାର ବ୍ୟାଖ୍ୟାକୁ ନେଇଥିଲେ ଯାହା ସେମାନେ ଶୁଣୁଥିଲେ।

57 ଏବଂ ଇତିହାସ ସର୍ବଦା ନିଜକୁ ପୁନରାବୃତ୍ତି କରିଥାଏ। ଏବଂ ଶାସ୍ତ୍ରରେ ଏହାର ଏକ ଯୁଗ୍ମ ଅର୍ଥ ଅଛି, ଏବଂ ଏକ ଯୁଗ୍ମ ପ୍ରକାଶନ ଅଛି।

58 ଉଦାହରଣ ସ୍ୱରୂପ, ଯେପରି ଏହା ବାଇବଲରେ କୁହେ, ଯେ, "ମିସରରୁ ମୁଁ ମୋର ପୁତ୍ରକୁ ଡାକିଲି," ଯୀଶୁଙ୍କୁ ସମ୍ବୋଧନ କରି କୁହାଯାଏ। ସେଥିର ପ୍ରସଙ୍ଗକୁ ଦେଖି ଚାଲନ୍ତୁ, ଆଉ ଆପଣ ପାଇବେ, ଯେ ସେହି ସମାନ ଶାସ୍ତ୍ରାଂଶଟି, ଯାକୁବଙ୍କୁ ମଧ୍ୟ ସମ୍ବୋଧନ କରେ। ଯୀଶୁ ତାହାଙ୍କର ମହାନ ପୁତ୍ର ଥିଲେ। ଯାକୁବ ତାହାଙ୍କର ସେହି ପୁତ୍ର ଥିଲେ ଯାହାକୁ ସେ ମିସରରୁ ଡାକିଥିଲେ, ଯାହାକି ସ୍କୋଫିଲ୍ଡ ପ୍ରସଙ୍ଗ ଏବଂ ଅନ୍ୟାନ୍ୟ ପ୍ରସଙ୍ଗମାନ ବ୍ୟକ୍ତ କରିଥାନ୍ତି, କାରଣ ତାହାହିଁ ସେହି ଶାସ୍ତ୍ର ଥିଲା ଯାହାକୁ ଏହା ସମ୍ବୋଧନ କରୁଥିଲା। ତେଣୁ ଏହାର ଏକ—ଏକ ଦୁଇଗୁଣ ଉତ୍ତର ଥିଲା; ଏଥିରେ ଯାକୁବକୁ ଡାକିବାରେ ଏକ ଉତ୍ତର ଥିଲା ଏବଂ ଯୀଶୁଙ୍କୁ ଡାକିବାରେ ଏକ ଉତ୍ତର ଥିଲା।

59 ଆଉ ଆଜି ମଧ୍ୟ ସେହିପରି ଅଟେ! ଏହାର କାରଣ ହେଉଛି ଯେ ଆମେ ଯେପରି ଭାବରେ ଅଶାନ୍ତିରେ ଅଛୁ, ଏବଂ ଲୋକମାନେ ପରମେଶ୍ୱରଙ୍କ ସତ୍ୟ ଦେଖିବାରେ ବିଫଳ ହେଉଛନ୍ତି, କାରଣ ପରମେଶ୍ୱରଙ୍କ ବାକ୍ୟର ବହୁତ ଅଧିକ ମନୁଷ୍ୟ-କୃତ ବ୍ୟାଖ୍ୟାମାନ ରହିଛି। ପରମେଶ୍ୱର ତାହାଙ୍କର ବାକ୍ୟକୁ ବ୍ୟାଖ୍ୟା କରିବା ପାଇଁ କାହାରିକୁ ଆବଶ୍ୟକ କରନ୍ତି ନାହିଁ। ସେ ତାହାଙ୍କର ନିଜର ଅନୁବାଦକ ଅଟନ୍ତି।

60 ପରମେଶ୍ୱର ଆରମ୍ଭରେ, କହିଥିଲେ, "ଦୀପ୍ତି ହେଉ," ଆଉ ସେଠାରେ ଦୀପ୍ତି ହୋଇଥିଲା। ତାହା କୌଣସି ବ୍ୟାଖ୍ୟା ଆବଶ୍ୟକ କଲା ନାହିଁ।

61 ସେ କହିଲେ, "ଜଣେ କୁମାରୀ ଗର୍ଭବତୀ ହେବ," ଏବଂ ସେ କଲା। ତାହା କୌଣସି ବ୍ୟାଖ୍ୟା ଆବଶ୍ୟକ କଲା ନାହିଁ।

62 ଯେତେବେଳେ...ପରମେଶ୍ୱରଙ୍କ ବାକ୍ୟର ବ୍ୟାଖ୍ୟା ସେତେବେଳେ ହୋଇଥାଏ ଯେତେବେଳେ ସେ ଏହାକୁ ସିଦ୍ଧ କରିଥାନ୍ତି ଏବଂ ଏହା ସେହିପରି ଅଟେ ବୋଲି ପ୍ରମାଣ

କରିଥାନ୍ତି । ତାହା ଘଟାଇବା ପାଇଁ କରିବା ଦ୍ବାରା, ତାହା ତାଙ୍କର ବ୍ୟାଖ୍ୟା ଅଟେ । ସେହିଠାରେ ହିଁ ପରମେଶ୍ବରଙ୍କ ବ୍ୟାଖ୍ୟା ଅଟେ, ଯେତେବେଳେ ସେ ତାହାଙ୍କର ବାକ୍ୟକୁ ସଫଳ କରନ୍ତି । ସେ ଏହାକୁ ଆପଣଙ୍କ ପ୍ରତି ବ୍ୟାଖ୍ୟା କରୁଛନ୍ତି ।

63 ଯେପରିକି ଯଦି କେବେ ଆଲୋକ ନ ଥିଲା, ଏବଂ ସେ କହିଲେ, "ଦୀପ୍ତି ହେଉ," ଏବଂ ସେଠାରେ ତାହା ହୋଇଗଲା, ତାହାକୁ ବ୍ୟାଖ୍ୟା କରିବା ପାଇଁ କାହାରିର ଆବଶ୍ୟକତା ନାହିଁ ।

64 ମାତ୍ର ଆମେ ଏଥିରେ ମନୁଷ୍ୟ-କୃତ ପ୍ରଣାଳୀଗୁଡ଼ିକ ମିଶ୍ରିତ କରି ଦେଇଛୁ, ଏବଂ, ଯେତେବେଳେ ଆପଣ କରନ୍ତି, ଆପଣ—ଆପଣ ଏହାକୁ କ୍ରମରୁ ବାହାର କରିଦିଅନ୍ତି । ଏହା ସର୍ବଦା ସେହିଭଳି ହିଁ ରହିଆସିଛି ।

65 ମାତ୍ର ମୁଁ ତଥାପି ଭାବୁଛି ଯେ ଏହା କେଡ଼େ ଚମତ୍କାର ହୋଇଥିବ । ଏହା ବିଷୟରେ ଚିନ୍ତା କରନ୍ତୁ, ସେହି ମଶୀହ! ସେମାନେ ତାହାଙ୍କୁ ଦେଖିବାରେ କାହିଁକି ବିଫଳ ହେଲେ? କାରଣ, ସେମାନଙ୍କର ନେତାମାନେ ଯେଉଁମାନେକି ତାହାଙ୍କୁ ଜାଣିବାର ଉଚିତ୍ ଥିଲା, ଯେଉଁମାନେକି ଶାସ୍ତ୍ରରେ ପାରଙ୍ଗମ ହେବାର ଉଚିତ୍ ଥିଲା, ଯେଉଁମାନଙ୍କରକି ଶାସ୍ତ୍ର ବିଷୟରେ ବୁଝାମଣା ରହିବାର ଉଚିତ୍ ଥିଲା, ସେମାନେ ଏହି ବ୍ୟକ୍ତିଙ୍କୁ ଅସମ୍ମାନ କରି କହିଲେ, "ସେ ତ ମୂଳରୁ—ରୁହିଁ, ଏକ ଅବୈଧ ସନ୍ତାନ ଅଟେ । ଆମେ ତାହା ବିଶ୍ବାସ କରିବୁ ନାହିଁ ।"

66 ଅନେକ ବର୍ଷ ପରେ, ଆମେ ତାହା ବିଶ୍ବାସ କରୁନାହୁଁ । ସେ ଏକ କୁମାରୀ-ଜନ୍ମିତ ପୁତ୍ର ଥିଲେ ବୋଲି କହିବାକୁ ଯାଇ ସେହି ଉଦ୍ଦେଶ୍ୟରେ ଆମେ ମରିଯିବୁ ।

67 ଏବଂ କୌଣସି ଏକ ଦିନେ ଏହା ଘଟିବ ଯେ, ସେହି ସମାନ ବିଷୟମାନ ଯାହା ଆଜି ଆମେ ଯିହୋବାଙ୍କୁ କରୁଥିବାର ଦେଖୁଅଛୁ, ଆଗାମୀ ଯୁଗରେ ପୁରୁଷମାନେ, ଯଦି ତାହା ଗୋଟିଏ ରହିବ, ସେହି ବିଷୟ ପାଇଁ ମରିବେ ଯେଉଁ ବିଷୟରେ ଆଜି ଆମେ କଥାବାର୍ତ୍ତା କରୁଅଛୁ । ଆପଣଙ୍କୁ ଏହା ସେତେବେଳେ କରିବାକୁ ପଡିବ ଯେତେବେଳେ ପଶୁର ସେହି ଚିହ୍ନ ଆସିବ, ଏବଂ ଆପଣଙ୍କୁ ଏହି ଉପାୟରେ ସୁସମାଚାର ପ୍ରଚାର କରିବାକୁ ଅନୁମତି ଦିଆଯିବ ନାହିଁ । ଯେତେବେଳେ ମଣ୍ଡଳୀର ସେହି ମହାନ ସଂଘ ଏକତ୍ର ହୋଇଆସନ୍ତି, ଯାହାକି ବର୍ତ୍ତମାନ ବିଶ୍ବ ଗୀର୍ଜା ନିମନ୍ତେ ଠିକ୍ କ୍ରମରେ ରହିଛି, ଆପଣଙ୍କୁ ଏହାପ୍ରତି, ସ୍ବୟଂ ନିଜ ଜୀବନର ଆପଣଙ୍କର ସାକ୍ଷ୍ୟ ସହିତ ଏହାକୁ ମୁଦ୍ରାଙ୍କିତ କରିବାକୁ ପଡିବ ।

68 ଆପଣଙ୍କୁ ଏହା ବର୍ତ୍ତମାନ ବିଶ୍ବାସ କରିବା ଉଚିତ୍ । ଯଦି ସେହି ଯାଜକମାନେ ଉଠିପାରିବେ, ଯେଉଁମାନେକି ତାହାଙ୍କୁ ନିନ୍ଦା କରିଥିଲେ, ସେମାନେ ତାହାଙ୍କୁ ନିନ୍ଦା କରିବେ ନାହିଁ । "ମାତ୍ର," ଆପଣ କୁହନ୍ତି, "ଯଦି ମୁଁ ସେଠାରେ ଥାଆନ୍ତି, ମୁଁ *ଅମୁକ-ଓ-ଅମୁକ* କରିଥାନ୍ତି ।" ତେବେ, ତାହା ଆପଣଙ୍କର ଯୁଗ ନ ଥିଲା । ମାତ୍ର, ଏହା ଆପଣଙ୍କର ଯୁଗ ଅଟେ, ଏହା ସେହି ସମୟ ଅଟେ ।

ଆପଣ କୁହନ୍ତି, "ତେବେ, ଯଦି ସେ ଏଠାରେ ଥାଆନ୍ତେ!"

69 ବାଇବଲ କୁହେ, "ସେ ଗତକାଲି, ଆଜି, ଏବଂ ଚିରଦିନ ସମାନ ଅଟନ୍ତି," ସେହି ସମାନ, ତେଣୁ ସେ ଏଠାରେ ଅଛନ୍ତି। ମାତ୍ର, ସେ ଏଠାରେ ଅଛନ୍ତି। ଯେହେତୁ ବିଶ୍ୱ ସଭ୍ୟ ହୋଇ ଚାଲିଛି, ମହାନ୍ ହୋଇଚାଲିଛି, ଏବଂ ଅଧିକ ଶିକ୍ଷିତ ହୋଇଚାଲିଛି, ସେ ଏଠାରେ ଆତ୍ମା ରୂପରେ ଅଛନ୍ତି, ଯାହାକୁ ସେମାନେ ହତ୍ୟା କିମ୍ବା ମୃତ୍ୟୁଦଣ୍ଡ ଦେଇପାରିବେ ନାହିଁ। ସେ ଥରେ ମରିଲେ; ସେ ପୁନର୍ବାର ମରିପାରନ୍ତି ନାହିଁ। ପାପ ପାଇଁ, ପରମେଶ୍ୱରଙ୍କ ଶରୀରରେ ହତ କରାଯିବାକୁ ଥିବା ହେତୁ ତାହାଙ୍କୁ ମାଂସମୟ ଶରୀର ହେବାକୁ ପଡିଥିଲା। କିନ୍ତୁ ଏଥର ସେ କଦାପି ମରିପାରିବେ ନାହିଁ; ଏହା ତ ପବିତ୍ରଆତ୍ମା ଅଟନ୍ତି।

70 ତେବେ, କିପରି ଭାବିବା ଯେ ସେମାନଙ୍କ ପାଖରେ ତାହାଙ୍କ ବିରୁଦ୍ଧରେ ସେହି ବିଷୟସବୁ ରହିଥିଲା! ଅନ୍ୟ ଏକ ବିଷୟ, ଯେ ସେ ସେମାନଙ୍କର କୌଣସି ହେଲେ ପଦବୀରେ ଯୋଗଦେବେ ନାହିଁ। ତାହାପରେ, ଆପଣ ଦେଖନ୍ତୁ, ଏହା ତଥାପି ତାହାଙ୍କୁ ଏକ ଖରାପ ବ୍ୟକ୍ତି କରିଥିଲା। ସେ ସେମାନଙ୍କର—ସେମାନଙ୍କର ସଂଗଠନ ସହ ଯୋଗଦେବେ ନାହିଁ, ସେମାନଙ୍କର ଯାଜକସମାଜରେ ଯୋଗଦେବେ ନାହିଁ, ଏବଂ ସେ ଏହା ସହିତ କୌଣସି ସମ୍ପର୍କ ରଖିବେ ନାହିଁ। ଏବଂ ତା'ପରେ, ଏସବୁ ବ୍ୟତୀତ, ସେମାନେ ଯାହା ନିର୍ମାଣ କରିଥିଲେ ସେ ତାହା ଭାଙ୍ଗିବାକୁ ଚେଷ୍ଟା କରିଥିଲେ।

71 ସେ ମନ୍ଦିର ଭିତରକୁ ଗଲେ। ଆମେ ତାହାଙ୍କୁ ଜଣେ ନମ୍ର ବ୍ୟକ୍ତି ବୋଲି କହିଥାଉ; ସେ ଥିଲେ, କିନ୍ତୁ ଅନେକ ଥର ଆମେ ନମ୍ରତା କଅଣ ବୁଝି ନ ଥାଉ।

72 ସେ ଜଣେ ଦୟାଳୁ ବ୍ୟକ୍ତି ଥିଲେ, ମାତ୍ର ତଥାପି ଆମେ ଅନେକ ଥର ଦୟା କଅଣ ତାହା ବୁଝିବାରେ ବିଫଳ ହୋଇଥାଉ। ମାନବୀୟ ସହାନୁଭୂତି ନୁହେଁ, ତାହା ଦୟା ନୁହେଁ। ମାତ୍ର, *ଦୟା* ହେଉଛି "ପରମେଶ୍ୱରଙ୍କ ଇଚ୍ଛା ସାଧନ କରିବା।"

73 ସେ ବେଥେସ୍‌ଦା, ଫାଟକର—ର ସେହି ପୁଷ୍କରିଣୀ ଦେଇ ଗମନ କଲେ। ସେଠାରେ ଅନେକ ଲୋକ, ବହୁସଂଖ୍ୟକ ଲୋକ ଥିଲେ। ବହୁସଂଖ୍ୟକ କୌଣସି ନିର୍ଦ୍ଦିଷ୍ଟ ସଂଖ୍ୟା ନୁହେଁ। ମାତ୍ର ସେଠାରେ ବହୁ ସଂଖ୍ୟାରେ ଲୋକମାନେ ପଡ଼ି ରହିଥିଲେ: ଛୋଟା, ଅନ୍ଧ, ଖଞ୍ଜ, ଶୁଷ୍କାଙ୍ଗ। ଏବଂ ସେ ସର୍ବଦା ଲୋକମାନଙ୍କ ଉପରେ, ଦୟା କରୁଥିଲେ। ଏବଂ ସେ ଜଣେ ବ୍ୟକ୍ତିଙ୍କ ନିକଟକୁ ଗଲେ, ଯିଏକି ଛୋଟା, ଅନ୍ଧ, ଖଞ୍ଜ, କିମ୍ବା ଶୁଷ୍କାଙ୍ଗ ନ ଥିଲା; ବୋଧହୁଏ ଏକ ପୁରଷ୍ଟଗ୍ରନ୍ଥିର ସମସ୍ୟା ଥିଲା, ବୋଧହୁଏ ତାହାର ଏପରି କିଛି ଅଳ୍ପ ସମସ୍ୟା ଥିଲା ଯାହାକି ଅନୁନ୍ନତ ଥିଲା। ଅଠ-ତିରିଶ ବର୍ଷ ପର୍ଯ୍ୟନ୍ତ ତାହାର ଏହି ଅବସ୍ଥା ରହିଥିଲା। ଏହା ତାହାକୁ ବ୍ୟତିବ୍ୟସ୍ତ କରିବାକୁ ଯାଉ ନ ଥିଲା, ତାହାକୁ ମାରିବାକୁ ଯାଉ ନ ଥିଲା। ସେ ଏକ ଖଟିଆ ଉପରେ ପଡ଼ି ରହିଥିଲା। ଯୀଶୁ କହିଲେ, "କଅଣ ତୁମେ ସୁସ୍ଥ ହେବାକୁ ଇଚ୍ଛା କରୁଅଛ?"

74 ଆଉ ସେହି ଲୋକଟି ଉତ୍ତର ଦେଲା, "ମୋତେ ପାଣି ଭିତରକୁ ଘେନିଯିବା ପାଇଁ ମୋହର କେହି ନାହିଁ, ମାତ୍ର ମୁଁ ଯାଉ ଯାଉ, ତେବେ, ଅନ୍ୟ ଜଣେ ମୋ ଆଗରୁ ପଶିଯାଏ।"

ଦେଖନ୍ତୁ, ସେ ଚାଲି ପାରୁଥିଲା, ସେ ଦେଖି ପାରୁଥିଲା, ସେ ଚାରିଆଡ଼େ ବୁଲି ପାରୁଥିଲା, ମାତ୍ର ସେ ଅତି ଦୁର୍ବଳ ଥିଲା ।

75 ଏବଂ ଯୀଶୁ ତାହାକୁ କହିଲେ, "ଉଠ । ତୁମ୍ଭର ଖଟିଆ ଘେନି ନିଜ ଘରକୁ ଯାଅ ।" ଆଉ ଯୀଶୁଙ୍କୁ ତାହା ଉପରେ ପ୍ରଶ୍ନ କରାଗଲା, ଯେହେତୁ ଆପଣଙ୍କର ମନେ ଥିବ ଯେ ଶାସ୍ତ୍ର ଏହା କହିଥିଲା ।

76 କିଛି ଆଶ୍ଚର୍ଯ୍ୟ ନୁହେଁ! ଯଦି ସେ ଆଜି ରାତିରେ ଜେଫର୍ସନ୍‌ଭିଲେକୁ ଆସନ୍ତି ଏବଂ ସେହିପରି ଏକ କାର୍ଯ୍ୟ କରନ୍ତି, ତଥାପି ସେମାନେ ତାହାଙ୍କ ବିଷୟରେ କଥାବାର୍ତ୍ତା କରିବେ ।

77 ମାତ୍ର, ମନେରଖନ୍ତୁ, ସେ ଗୋଟିଏ ବିଷୟ ସାଧନ କରିବାକୁ ଆସିଥିଲେ, ତାହା ହେଲା ପରମେଶ୍ୱରଙ୍କ ଇଚ୍ଛା । ତେବେ, ତାହା ସାଧୁ ଯୋହନ 5:19 ରେ ମିଳେ, ଆପଣଙ୍କୁ ଏହାର ଉତ୍ତର ମିଳିଯିବ । ସେ କହିଲେ, "ସତ୍ୟ, ସତ୍ୟ, ମୁଁ ତୁମ୍ଭମାନଙ୍କୁ କହୁଅଛି, ପୁତ୍ର ପିତାଙ୍କୁ ଯାହା କରୁଥିବାର ଦେଖନ୍ତି; ତାହା ଛଡା ସେ ଆପଣାରୁ କିଛି ହିଁ କରିପାରନ୍ତି ନାହିଁ, ପୁତ୍ର ସେପ୍ରକାରେ ହିଁ କରନ୍ତି ।

78 ତେବେ, ସେମାନଙ୍କୁ ଏହା ଜାଣିଯିବାର ଉଚିତ୍ ଥିଲା ଯେ ତାହା ମୋଶାଙ୍କ ଭବିଷ୍ୟତବାଣୀର ଠିକ୍ ଠିକ୍ ସୁପ୍ରମାଣ ଥିଲା, "କାରଣ ସଦାପ୍ରଭୁ ତୁମ୍ଭର ପରମେଶ୍ୱର ମୋ ସଦୃଶ ଜଣେ ଭବିଷ୍ୟଦ୍‌ବକ୍ତାଙ୍କୁ ଉଠାଇବେ ।"

79 କଅଣ ଆପଣମାନେ ଧ୍ୟାନ ଦେଲେ, ଯେତେବେଳେ ସେ ସେହି ଲୋକକୁ ଦେଖିଲେ, ସେ କହିଲେ...ଯୀଶୁ ଜାଣିଥିଲେ ଯେ ସେ ଦୀର୍ଘ ବର୍ଷ ଧରି ଏହି ଅବସ୍ଥାରେ ପଡ଼ି ରହିଥିଲା । ଦେଖନ୍ତୁ, ଜଣେ ଭବିଷ୍ୟଦ୍‌ବକ୍ତା ହୋଇଥିବାରୁ, ସେ ସେହି ବ୍ୟକ୍ତିଙ୍କୁ ସେହି ଅବସ୍ଥାରେ ଦେଖିଥିଲେ; ଆଉ ସେଠାରେ ତଳକୁ ଗଲେ ଏବଂ ସେହି ଲୋକମାନଙ୍କ ମଧ୍ୟରେ ନିଜର ମାର୍ଗ ବାହାର—ବାହାର କଲେ, ସେହି ଭିଡ଼ ମଧ୍ୟରେ ଖୋଜିଲେ, ଯେପର୍ଯ୍ୟନ୍ତକି ସେ ସେହି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ପାଇ ନ ଗଲେ ।

80 ଛୋଟା, ଖଞ୍ଜ, ଅନ୍ଧ, ଏବଂ ଶୁଷ୍କାଙ୍ଗ ଦେଇ ଗମନ କଲେ, ତଥାପି ଦୟାରେ ପରିପୂର୍ଣ୍ଣ ଜଣେ ବ୍ୟକ୍ତି । ମାତ୍ର, *ଦୟା* ହେଉଛି "ପରମେଶ୍ୱରଙ୍କ ଇଚ୍ଛାକୁ ସାଧନ କରିବା ।"

81 ତେବେ, ଆମେ ତାହାଙ୍କୁ ପାଉ, ଯେହେତୁ ସେ ସେମାନଙ୍କ ସହ ଯୋଗଦେବେ ନାହିଁ, ସେମାନଙ୍କର ପଦ ପଦବୀ ମଧ୍ୟରେ ତାହାଙ୍କର କୌଣସି କିଛି କାମ ନ ଥିଲା, ତେବେ ସେ ଜଣେ ବହିଷ୍କୃତ ବ୍ୟକ୍ତି ଥିଲେ । ତାହାଙ୍କର କୌଣସି କିଛି ନ ଥିଲା...

82 ଏହା ବ୍ୟତୀତ, ସେ ଦିନେ ମନ୍ଦିରକୁ ଗଲେ । ଜଣେ ବ୍ୟକ୍ତି ସେଠାକୁ ଗଲେ ଓ ପରମେଶ୍ୱରଙ୍କ ଗୃହକୁ ସେତିକି ଦୂଷିତ ହୋଇଥିବାର ପାଇଲେ ଯେତିକି ତାହା ଆଜି ଅଟେ । ସେମାନେ କ୍ରୟ, ବିକ୍ରୟ କରୁଥିଲେ, ଟଙ୍କା ଆଦାନ ପ୍ରଦାନ କରୁଥିଲେ । ସେ ସେହି ଟଙ୍କା ମେଜଗୁଡ଼ିକୁ ଓଲଟାଇ ଦେଲେ; ଦଉଡ଼ି ନେଇ ସେଥିରୁ କୋରଡା ବନାଇଲେ, ଏବଂ ସେହି

ଟଙ୍କା ବ୍ୟବସାୟୀମାନଙ୍କୁ ପ୍ରହାର କରି ମନ୍ଦିରରୁ ବାହାର କରିଦେଲେ । ଆଉ ସେମାନଙ୍କୁ କ୍ରୋଧରେ ଅନାଇଲେ, ଏବଂ କହିଲେ, "ଏହା ଲେଖା ହୋଇଛି," ହାଲ୍ଲେଲୁୟା, "ମୋ ପିତାଙ୍କ ଘର ପ୍ରାର୍ଥନାର ଗୃହ ଅଟେ; ଏବଂ ତୁମେ ଏହାକୁ ଚୋରମାନଙ୍କର ଗହ୍ୱର କରି ଦେଇଅଛ । ଏବଂ ତୁମେମାନେ, ତୁମମାନଙ୍କର ପରମ୍ପରାଗୁଡ଼ିକ ଦ୍ୱାରା, ପରମେଶ୍ୱରଙ୍କ ଆଜ୍ଞାଗୁଡ଼ିକୁ ପ୍ରଭାବହୀନ କରି ଦେଇଅଛ ।"

83 ଓଃ, କଅଣ ସେହିପରି ଏକ ଦଳ କେବେ ତାହାଙ୍କ ଉପରେ ବିଶ୍ୱାସ କରିପାରିବ କି? ନା, ଆଜ୍ଞା । ସେମାନେ ଏହି ଦିନର ଅଳିଆରେ ଓ ସମାଜର କାଦୁଅରେ ଏତେ ଘୁଷୁରୀ-ତୁଲ୍ୟ ଲୋଟି ହୋଇଛନ୍ତି, ଯେ ଏପରିକି ସେମାନେ ଧର୍ମସଂକ୍ରାନ୍ତିୟ ବିଷୟରେ ଅତ୍ୟଧିକ ଭାବେ ବରଫ ସଦୃଶ ଜମି ଯାଇଛନ୍ତି ଯେ ସେମାନେ ଆଉ ଅଧିକ ସର୍ବଶକ୍ତିମାନ ପରମେଶ୍ୱରଙ୍କ ଶକ୍ତିର କମ୍ପନକୁ ଅନୁଭବ କରି ପାରୁନାହାଁନ୍ତି । ଏଥିରେ ଆଶ୍ଚର୍ଯ୍ୟର ବିଷୟ ନୁହେଁ ଯେ ସେହି ସାନ ସ୍ତ୍ରୀଲୋକଟି ତାହାଙ୍କର ବସ୍ତ୍ରକୁ ସ୍ପର୍ଶ କରି ତାହା ଦ୍ୱାରା ସୁସ୍ଥ ହୋଇପାରିଥିଲା; ଏବଂ ଜଣେ ମଦ୍ୟପ ସୈନିକ ତାହାଙ୍କ ମୁହଁରେ ଛେପ ପକାଇ ମଧ୍ୟ କୌଣସି ସଦ୍‌ଗୁଣ ଅନୁଭବ କରିପାରି ନ ଥିଲା! ଏହା ଉପରେ ନିର୍ଭର କରେ ଯେ ଆପଣ ଏହା ପାଖକୁ କିପରି ଆସନ୍ତି । ଏହା ଉପରେ ନିର୍ଭର କରେ ଯେ ଆପଣ କେଉଁ ବିଷୟକୁ ଖୋଜୁଛନ୍ତି । ଯେତେବେଳେ ଆପଣ ମଣ୍ଡଳୀକୁ ଯାଆନ୍ତି, ଏହା ତାହା ଉପରେ ନିର୍ଭର କରେ ଯେ ଆପଣ କଅଣ ଅନ୍ୱେଷଣ କରୁଛନ୍ତି ।

84 ତେବେ ଆମେ ତାହାଙ୍କୁ ସେଠାରେ ଛିଡ଼ା ହୋଇଥିବାର ଦେଖୁ । ଏଥିରେ କୌଣସି ସନ୍ଦେହ ନାହିଁ ମାତ୍ର ଲୋକମାନେ ତାହାଙ୍କୁ ପୂର୍ବରୁ ଚେତାବନୀ ଦେଇଥିଲେ, ଚେତାବନୀ ଦେଇଥିଲେ...ସେହି ଯାଜକ ଲୋକମାନଙ୍କୁ ଚେତାବନୀ ଦେଇଥିଲେ, "ତେବେ ସେ ପରବର୍ତ୍ତୀ ବିଶ୍ରାମବାରରେ ଏଠାକୁ ଆସୁଛନ୍ତି, ଏବଂ, ଯେତେବେଳେ ସେ ଆସିବେ, ତୁମେ ତାହାଙ୍କ କଥା ଶୁଣିବ ନାହିଁ । ବର୍ତ୍ତମାନ, ତୁମେ ଯାଇ ଏଠାରେ ବସି ପାର, ମାତ୍ର ସେ ଯାହା କହିବେ ସେଥିପ୍ରତି ଧ୍ୟାନ ଦେବ ନାହିଁ, କାରଣ ସେ ଆମ ଦଳର ନୁହଁନ୍ତି । ସେ ଜଣେ ବହିଷ୍କୃତ ଲୋକ । ତାଙ୍କର କୌଣସି ସହଭାଗୀତା ପତ୍ର ନାହିଁ । ତାଙ୍କ ପାଖରେ ତ ଏକ ସଂଗଠନର କାଗଜ ସୁଦ୍ଧା ନାହିଁ । ତାଙ୍କ ପାଖରେ ତ ସେପରି କିଛି ନାହିଁ ।"

"ସେ କଅଣ ଅଟେ?"

85 "କୌଣସି ଧର୍ମତ୍ୟାଗୀ ବାଳକ ଯାହାର ଜନ୍ମ ଏଠାରେ ହୋଇଥିଲା, ଅବୈଧିକ ଜନ୍ମ, ଜଣେ ବଢ଼େଇଙ୍କ ଘରେ, ଜଣେ ମାଆ ତାଙ୍କୁ ବିବାହ ପୂର୍ବରୁ ଗର୍ଭଧାରଣ କରିଥିଲା, ଏବଂ ସେମାନେ ସେହି ବିଷୟକୁ କୌଣସି ଅଲୌକିକ ବିଷୟ କହି ଲୁଚାଇବାକୁ ଚେଷ୍ଟା କରୁଛନ୍ତି ।

86 "ଆମେ ଜାଣୁ ଯେ, ଯେତେବେଳେ ମଶୀହ ଆସିବେ, ସେ ସ୍ୱର୍ଗର ଅଳିନ୍ଦଗୁଡ଼ିକୁ ଫିଟାଇ ଓହ୍ଲାଇ ଆସିବେ ଏବଂ ଆମର ମହାଯାଜକଙ୍କ ନିକଟକୁ ଯାଇ କହିବେ, 'କାୟାଫା, ହେଇ ମୁଁ ଏଠାରେ ।'" ମାତ୍ର ଆମେ ଜାଣୁ ଯେ ସେ ତାହା ସେପରି କଲେ ନାହିଁ, କାରଣ ଏହା

ବାକ୍ୟରେ ସେହିପରି ଲେଖାଯାଇ ନ ଥିଲା । ଏହା ତ ଏକ ମନୁଷ୍ୟ-କୃତ ପରମ୍ପରା ଥିଲା ଯାହାକି ସେମାନଙ୍କୁ ବିଶ୍ୱାସ କରିବା ପାଇଁ ପ୍ରବର୍ତ୍ତାଇ ଥିଲା ।

87 ବାକ୍ୟ ତ କହିଥିଲା ଯେ ସେ ସେହିପରି ଭାବରେ ଆସିବେ ଯେପରି ସେ ଆସିଥିଲେ । ଏବଂ ସେ ସେଠାରେ ଛିଡ଼ା ହୋଇ, ବାକ୍ୟ ପାଠ କରିଥିଲେ, ଓ ସେମାନଙ୍କୁ କହିଥିଲେ, "ଆଜି ଏହି ଶାସ୍ତ୍ର ତୁମ୍ଭ ଦୃଷ୍ଟିଗୋଚରରେ ସଫଳ ହେଲା ।" ଏବଂ ତଥାପି ସେମାନେ ତାହାଙ୍କୁ ଦେଖିବାରେ କିମ୍ବା ତାହାଙ୍କୁ ଚିହ୍ନିବାରେ ବିଫଳ ହେଲେ, ଯେପରିକି ସେମାନେ ଅନ୍ୟସବୁ ଯୁଗମାନଙ୍କରେ କରିଥିଲେ ।

88 ନୋହ ସେହି ସମାନ ବିଷୟ କହିପାରିଥାନ୍ତେ, ସେହିଦିନ ଯେବେ ସେ ଜାହାଜ ଭିତରକୁ ପ୍ରବେଶ କଲେ ଏବଂ ଦ୍ୱାର ବନ୍ଦ ହୋଇଗଲା । ମୋଶା ସେହି ଜାହାଜର ଉପରି ଭାଗରେ ଥିବା ସେହି ଝରକାକୁ ଉଠାଇ ପାରିଥାନ୍ତେ, ମଣ୍ଡଳୀକୁ ଅନାଇ ପାରିଥାନ୍ତେ...ମନେରଖନ୍ତୁ, ପରମେଶ୍ୱର ଦ୍ୱାର ବନ୍ଦ କରିଦେଲେ । ଏବଂ ସେ କହିପାରିଥାନ୍ତେ, "ଆଜି ଏହି ଶାସ୍ତ୍ର ତୁମ୍ଭ ଦୃଷ୍ଟିଗୋଚରରେ ସଫଳ ହେଲା," ମାତ୍ର ଏହା ସେତେବେଳେ ସେମାନଙ୍କ ପାଇଁ ବହୁତ ବିଳମ୍ବ ହୋଇଯାଇଥିଲା । ସେ ଶହେ କୋଡ଼ିଏ ବର୍ଷ ପ୍ରଚାର କରିଥିଲେ, ଓ ଚେଷ୍ଟା କରିଥିଲେ ଯେ ସେ ନିର୍ମାଣ କରିଥିବା ସେହି ଜାହାଜ ମଧ୍ୟକୁ ସେମାନେ ଯେପରି ପ୍ରବେଶ କରିଯାଆନ୍ତି, ସେମାନଙ୍କୁ ଏହା କହି ଯାହାକି ଶାସ୍ତ୍ର କହୁଥିଲା, "**ସଦାପ୍ରଭୁ ଏହି କଥା କୁହନ୍ତି**, ଯେ ବର୍ଷା ହେବାକୁ ଯାଉଅଛି," ମାତ୍ର ସେମାନେ ବହୁତ ଅଧିକ ଅପେକ୍ଷା କଲେ । ମାତ୍ର ନୋହ ସହଜରେ ଏହା କହିପାରିଥାନ୍ତେ ଯେ, "ଆଜି, ଏହି ଦିନ, ସେହି ଶାସ୍ତ୍ର ସଫଳ ହେଲା ।"

89 ମୋଶା, ସେହି ଦିନ ଯେତେବେଳେ ଅଗ୍ନିସ୍ତମ୍ଭ ସୀନୟ ପର୍ବତ ଉପରକୁ ଓହ୍ଲାଇ ଆସିଥିଲା ଓ ତାହାଙ୍କର ସାକ୍ଷ୍ୟକୁ ସାକ୍ଷୀ ଦେଇଥିଲା, ମୋଶା କହିପାରିଥାନ୍ତେ, "ଆଜି ଏହି ଶାସ୍ତ୍ର ସଫଳ ହେଲା ।"

90 ମୋଶା, ଆପଣମାନେ ଜାଣନ୍ତି, ପରମେଶ୍ୱରଙ୍କ ଜଣେ ଆହ୍ୱାନପ୍ରାପ୍ତ ଲୋକ, ଜଣେ ଭବିଷ୍ୟଦ୍‌ବକ୍ତା, ବୋଲି କୁହାଇଥିଲେ । ଏବଂ ଯେତେବେଳେ ତାଙ୍କୁ ଡକାଯାଇଥିଲା, ଜଣେ ଭବିଷ୍ୟଦ୍‌ବକ୍ତା ହୋଇଥିବାରୁ, ତାହାଙ୍କୁ ଏକ ଅଲୌକିକ ଅଭିଜ୍ଞତା ରଖିବା ଆବଶ୍ୟକ ଥିଲା । ଜଣେ ଭବିଷ୍ୟଦ୍‌ବକ୍ତା ହେବାକୁ ହେଲେ, ତାହାଙ୍କୁ ପରମେଶ୍ୱରଙ୍କ ସହିତରେ ମୁହାଁମୁହିଁ ସାକ୍ଷାତ କରିବାକୁ ଥିଲା ଏବଂ ତାହାଙ୍କ ସହିତ କଥାବାର୍ତ୍ତା କରିବାକୁ ଥିଲା । ଆଉ ଏକ ବିଷୟ, ସେ ଯାହା କହୁଥିଲେ ତାହା ଘଟିବାକୁ ଥିଲା, ନଚେତ୍ କେହିହେଲେ ତାହାଙ୍କୁ ବିଶ୍ୱାସ କରିବେ ନାହିଁ ।

91 ତେଣୁ କୌଣସି ବ୍ୟକ୍ତିଙ୍କୁ ସେହିପରି ନିଜକୁ ଡାକିବାର ଅଧିକାର ନାହିଁ ଯେପର୍ଯ୍ୟନ୍ତକି ସେ ପରମେଶ୍ୱରଙ୍କ ସହିତରେ ମୁହାଁମୁହିଁ କଥାବାର୍ତ୍ତା କରିନାହିଁ, ଏକ ମରୁଭୂମିର ପଛପଟେ କୌଣସିଠାରେ, ଯେଉଁଠାରେ ସେ ନିଜେ, ପରମେଶ୍ୱରଙ୍କୁ ସାକ୍ଷାତ କରିନାହିଁ । ଏବଂ ଜଗତର ସମସ୍ତ ନାସ୍ତିକମାନେ ତାହାଙ୍କୁ ଏଥିରୁ ଅନ୍ୟତ୍ର ବୁଝାଇପାରିବେ ନାହିଁ; ସେ ସେଠାରେ ଥିଲେ,

ସେ ଜାଣିଥିଲେ ଯେ ଏହା ଘଟିଅଛି । ପ୍ରତ୍ୟେକ ଖ୍ରୀଷ୍ଟିୟାନର ସେହି ଅଭିଜ୍ଞତା ରହିବା ଉଚିତ୍ ଏହା ପୂର୍ବେକି ସେମାନେ ଏକ ଖ୍ରୀଷ୍ଟିଆନ ହେବା ବିଷୟରେ କିଛି କୁହନ୍ତି । ଆପଣଙ୍କର ନିଜର ଅଭିଜ୍ଞତା!

92 ମୁଁ ମୋର ଭଣଜା ସହିତ କିଛି ସମୟ ପୂର୍ବରୁ, କଥା ହେଉଥିଲି, ଜଣେ ସାନ କ୍ୟାଥୋଲିକ୍ ବାଳକ, ଯାହା କହିଲା, "ବିଲ୍ ମାମୁ, ମୁଁ ଗୋଟିଏ ସ୍ତମ୍ଭରୁ ଅନ୍ୟ ଖୁଣ୍ଟ ପର୍ଯ୍ୟନ୍ତ ଦୌଡି, କିଛି ଗୋଟାଏ ବିଷୟ ଖୋଜିବାକୁ ଚେଷ୍ଟା କରିବାକୁ ଯାଇ, ସବୁଆଡେ ଯାଇଅଛି ।" ରାତି ପରେ ରାତି, ଏହି ସଭା ଆରମ୍ଭ ହେବା ପୂର୍ବରୁ, ସେ କାନ୍ଦି ରହିଥିଲା । ଏବଂ ରାତ୍ରି ସମୟରେ, ସେ ବେଦି ପର୍ଯ୍ୟନ୍ତ ଦୌଡି, ଆସୁଥିବାର ସ୍ୱପ୍ନ ଦେଖିଥିଲା, ଯେଉଁଠାରେ ପ୍ରଚାର ହେଉଥିଲା, ଏବଂ ଏକ ଅଂଗୀକାର କରୁଥିଲା ଯେ ସେ ଭୁଲ୍ କରିଆସିଛି ।

93 ମୁଁ କହିଲି, "ମେଲଭିନ, ତୁମେ ଯେଉଁଠାକୁ ବି ଯିବାକୁ ଚେଷ୍ଟା କର ନା କାହିଁକି, ତୁମେ ଯେତେଗୁଡ଼ିଏ ମଣ୍ଡଳୀରେ ଯୋଗ ଦିଅ ନା କାହିଁକି, ତୁମେ ଯେତେ 'ପ୍ରଣାମ ମରିୟମ,' କୁହ ନା କାହିଁକି, କିମ୍ବା ତୁମେ ମନୁଷ୍ୟଠାରୁ ଯେତେ ଆଶୀର୍ବାଦ ପାଅ ନା କାହିଁକି, ତୁମକୁ ତ ପୁନର୍ବାର ପରମେଶ୍ୱରଙ୍କ ଆତ୍ମା ଦ୍ୱାରା ଜନ୍ମ ହେବାକୁ ହିଁ ପଡିବ । ଏହାହିଁ ହେଉଛି ସେହି ଏକମାତ୍ର ବିଷୟ ଯାହାକି ମନୁଷ୍ୟର ହୃଦୟକୁ ସନ୍ତୁଷ୍ଟ କରିବ ।"

94 ତାହା ଯେ, ମୁଁ ଜାଣେ, ଆଜି ସେମାନଙ୍କ ପାଖରେ ପୁନର୍ବାର ଜନ୍ମ ହେବା ବିଷୟର, ଏକ ବିକଳ୍ପ ଅଛି, କେବଳ ପ୍ରଚାରକଙ୍କ ସହିତ ହାତ ମିଶାନ୍ତୁ ଏବଂ ପୁସ୍ତକରେ ନିଜର ନାମକୁ ସ୍ଥାପନ କରିଦିଅନ୍ତୁ । କିନ୍ତୁ, ବନ୍ଧୁଗଣ, ତାହା ଏକ ମତବାଦ ଅଟେ । ଏହା ଏକ ବାଇବଲ ସତ୍ୟ ନୁହେଁ । ଯଦି ଏହା ଥାଆନ୍ତା, ପ୍ରେରିତ କ୍ରିୟା, 2ୟ ଅଧ୍ୟାୟରେ, ଏହିପରି ଭାବରେ ପାଠ କରାଯିବାକୁ ପଡନ୍ତା, "ପେଣ୍ଟିକଷ୍ଟ ଦିବସ ଉପସ୍ଥିତ ହୁଅନ୍ତେ, ପାଳକ ବାହାରକୁ ଯାଇ ଲୋକମାନଙ୍କ ସହ ହାତ ମିଳାଇଲେ ।"

95 ବରଂ କୁହେ, "ପେଣ୍ଟିକଷ୍ଟ ଦିବସ ଉପସ୍ଥିତ ହୁଅନ୍ତେ," ମଣ୍ଡଳୀର ଉଦଘାଟନୀ ଉତ୍ସବରେ, "ପ୍ରବଳ ବେଗରେ ବୋହୁଥିବା ପ୍ରଚଣ୍ଡ ପବନର ଶବ୍ଦ ତୁଲ୍ୟ ଗୋଟିଏ ଶବ୍ଦ ଅକସ୍ମାତ ଆକାଶରୁ ଆସି, ଯେଉଁ ଗୃହରେ ସେମାନେ ବସିଥିଲେ ସେହି ଗୃହର ସର୍ବତ୍ର ବ୍ୟାପୀଗଲା ।" ସେହିପ୍ରକାରେ ପବିତ୍ରଆତ୍ମା ପ୍ରଥମ ଥର କରି ଆସିଥିଲେ । ସେହି ସମୟଠାରୁ ପ୍ରତ୍ୟେକ ଥର ଏହା ସେହିପରି ଭାବରେ ହିଁ ଆସିଛନ୍ତି । ସେ ପରମେଶ୍ୱର ଅଟନ୍ତି, ଏବଂ ପରିବର୍ତ୍ତନ ହୁଅନ୍ତି ନାହିଁ । ତେବେ, ଏହା ଲୋକମାନଙ୍କୁ ଝୁଣ୍ଟେଇ ପକାଇଥାଏ ।

ସେମାନେ କୁହନ୍ତି, "ତାହା ତ ଅନ୍ୟ ଦିନ ପାଇଁ ଥିଲା ।"

96 ତେବେ, ସେ ଗତକାଲି, ଆଜି, ଏବଂ ଚିରଦିନ ସମାନ ଅଟନ୍ତି । ପ୍ରତ୍ୟେକ ଥର ମଣ୍ଡଳୀ ଯେବେ ପବିତ୍ରଆତ୍ମା ପ୍ରାପ୍ତ କରିଅଛି, ଏହା ସର୍ବଦା ସେହିପରି ହିଁ ଆସିଅଛି ଯେପରି ସେ ପ୍ରଥମ ଥର କରିଥିଲେ, ସେହି ସମାନ ବ୍ୟବସ୍ଥାପତ୍ର ଅଧୀନରେ, ପ୍ରେରିତ 2:39; କଦାପି ପରିବର୍ତ୍ତନ ହୋଇନାହିଁ, କଦାପି ପରିବର୍ତ୍ତନ ହେବ ନାହିଁ ।

97 ଯେପରିକି ଏକ ରୋଗ ପାଇଁ ଡାକ୍ତରଙ୍କର ଔଷଧ ବ୍ୟବସ୍ଥାପତ୍ର ଥାଏ । ସେ ଏକ ରୋଗ ପାଇଁ ଏକ ଔଷଧ ବ୍ୟବସ୍ଥାପତ୍ର ଲେଖିବେ, ଡାକ୍ତର ତାହା କରନ୍ତି । ଏବଂ ଏହାକୁ କୌଣସି ଶଠ ଔଷଧପ୍ରସ୍ତୁତକାରୀଙ୍କ ନିକଟକୁ ନେଇ ଯାଆନ୍ତୁ, ଏବଂ ସେ ଏଥିରେ ଅଧିକ ମାତ୍ରାରେ ବିଷ ନିରୋଧକ ଦେଇ ଦେବ, ଏହା ଏତେ ଦୁର୍ବଳ ହୋଇଯିବ ଯେ ଏହା ଆପଣଙ୍କର କୌଣସି ଉପକାର କରିବ ନାହିଁ; ଯଦି ସେ ଏଥିରେ ଅଧିକ ବିଷ ଦେଇ ଦେବ, ତେବେ ଏହା ଆପଣଙ୍କୁ ମାରି ପକାଇବ । ଏହାକୁ ତ କେବଳ ଡାକ୍ତରଙ୍କ ଅନୁଯାୟୀ ହିଁ ଲେଖିବାକୁ ହେବ ।

98 ଏବଂ ଡାକ୍ତରଙ୍କର ଔଷଧ ବ୍ୟବସ୍ଥାପତ୍ର ଯେ କିପରି ପବିତ୍ରଆତ୍ମାଙ୍କୁ ପ୍ରାପ୍ତ କରିବାକୁ ଅଛି ତାହା ଆମକୁ ପେଣ୍ଟିକଷ୍ଟ ଦିନରେ, ଡାକ୍ତର ଶିମୋନ ପିତରଙ୍କ ଦ୍ୱାରା ପ୍ରଦାନ କରାଯାଇଅଛି । "ମୁଁ ତୁମକୁ ଏକ ଔଷଧ ବ୍ୟବସ୍ଥାପତ୍ର ଦେବି । ଆପଣମାନେ ମନପରିବର୍ତ୍ତନ କରନ୍ତୁ, ଆଉ ନିଜ ନିଜ ପାପକ୍ଷମା ନିମନ୍ତେ ପ୍ରତ୍ୟେକ ଜଣ, ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେଉନ୍ତୁ, ତାହାହେଲେ ଆପଣମାନେ ପବିତ୍ରଆତ୍ମାଙ୍କର ଦାନ ପ୍ରାପ୍ତ ହେବେ । କାରଣ ଏହି ଔଷଧ ବ୍ୟବସ୍ଥାପତ୍ରଟି ଦୂରବର୍ତ୍ତୀ ଯେତେ ଲୋକଙ୍କୁ, ପ୍ରଭୁ ଆମ୍ଭମାନଙ୍କ ପରମେଶ୍ୱର ଆପଣା ନିକଟକୁ ଡାକିବେ ସେହିସମସ୍ତଙ୍କ ନିମନ୍ତେ ।" ସେହି ଅନନ୍ତକାଳୀନ ଔଷଧ ବ୍ୟବସ୍ଥାପତ୍ର!

99 ମୋଶାଙ୍କର ଏହି ଅନୁଭୂତି ରହିଥିଲା । ସେ ଦେଶ ମଧ୍ୟକୁ ଗଲେ ଏବଂ ସେ ଲୋକମାନଙ୍କୁ କହିବାକୁ ଲାଗିଲେ, "ମୁଁ ଏକ ଅଗ୍ନିସ୍ତମ୍ଭକୁ ସାକ୍ଷାତ କଲି । ଏହା ଏକ ଜ୍ୱଳନ୍ତ ବୁଦା ଭିତରେ ରହିଥିଲା । ଏବଂ ସେ ମୋତେ ଆପଣମାନଙ୍କୁ ଏହା କହିବାକୁ କହିଲେ, '**ମୁଁ ଯେ ଅଟେ ମୁଁ ସେ ଅଟେ** । ତଳକୁ ଯାଅ; ମୁଁ ତୁମ ସହିତରେ ରହିବି । ତୁମ ହାତରେ ଥିବା ସେହି ବାଡ଼ିଟିକୁ ନିଅ ଏବଂ ମିସର ଉପରେ ବିସ୍ତାର କର; ତୁମେ ଯାହାକିଛି ମାଗିବ, ତାହା ହୋଇଯିବ ।'"

ତେବେ, ବୋଧହୁଏ କୌଣସି ପୁରୋହିତ କହିଥିବେ, "ନିର୍ବୋଧ!"

100 ମାତ୍ର ଯେତେବେଳେ ସେମାନେ ଏହାର ପ୍ରକୃତ ତଥ୍ୟକୁ ଦେଖିଲେ, ନେଲେ, ସଫଳ ହେଲା, ସେମାନେ ଏହାକୁ ଆଉ ଅଧିକ ସହିପାରିଲେ ନାହିଁ । ସେମାନେ ଜାଣିଲେ ଯେ ସେ ପରମେଶ୍ୱରଙ୍କଠାରୁ ପ୍ରେରିତ ଅଟନ୍ତି ।

101 ତା'ପରେ, ଯଦି ମୋଶା କହିଲେ ଯେ ସେ ତାହା ଦେଖିଛନ୍ତି, ଏବଂ ତାହା ସତ୍ୟ ବୋଲି ସାକ୍ଷ୍ୟ ଦେଇଛନ୍ତି, ତେବେ ଯଦି ତାହା ସତ୍ୟ ଅଟେ, ସେହି ମନୁଷ୍ୟର ବାକ୍ୟକୁ, ସତ୍ୟ ବୋଲି ଚିହ୍ନଟ କରିବାକୁ ଏବଂ ପ୍ରମାଣିତ କରିବାକୁ, ପରମେଶ୍ୱର ବାଧ୍ୟ ଅଟନ୍ତି । ତାହା ସତ ଅଟେ ।

102 ଯଦି ଯୀଶୁ ଖ୍ରୀଷ୍ଟ, ସେହି ଦିନ, ସେଠାର ଛିଡ଼ା ହୋଇ ତାହା ପାଠ କରିଥିଲେ, "ଆଜି ଏହି ଶାସ୍ତ୍ର ତୁମ୍ଭ ସମ୍ମୁଖରେ ସଫଳ ହେଲା," ତେବେ ପରମେଶ୍ୱର ସେହି ବାକ୍ୟକୁ ସଫଳ କରିବାକୁ ବାଧ୍ୟ ଅଟନ୍ତି ।

103 ଆମେ ଆଜି ରାତି ଏଠାରେ ଛିଡ଼ା ହୋଇ ଏହା କହୁ, ଯେ, "ଯୀଶୁ ଖ୍ରୀଷ୍ଟ ଗତକାଲି, ଆଜି, ଏବଂ ଚିରଦିନ ସମାନ ଅଟନ୍ତି ।" ତେବେ ପରମେଶ୍ୱର ଏହାକୁ ସେହିପରି ଭାବରେ ପ୍ରମାଣ କରିବାକୁ ବାଧ୍ୟ, କାରଣ ଏହା ତାହାଙ୍କର ବାକ୍ୟ ଅଟେ । ତେବେ, ଏହା କଅଣ କରେ?

ଏଥିରେ ପ୍ରତ୍ୟୟ କରିବାକୁ, ଏହା ବିଶ୍ୱାସର ଆବଶ୍ୟକ କରେ। ତାହାଙ୍କର ବାକ୍ୟ ଯେ ସତ୍ୟ ଅଟେ, ତାହାକୁ ପ୍ରତ୍ୟୟ କରିବାକୁ, ଏହା ବିଶ୍ୱାସର ଆବଶ୍ୟକ କରେ।

104 ଧ୍ୟାନ ଦିଅନ୍ତୁ ଯେ ସେତେବେଳେ କଅଣ ଘଟିଥିଲା ଯେତେବେଳେ ମୋଶା ସନ୍ତାନମାନଙ୍କୁ, ଏବଂ ତାହାଙ୍କୁ ଅନୁସରଣ କରୁଥିବା ସମସ୍ତ ଲୋକମାନଙ୍କୁ ବାହାର କରି ଆଣିଥିଲେ। ଯେଉଁମାନେ ତାହାଙ୍କୁ ଅନୁସରଣ କଲେ ନାହିଁ ସେମାନେ ମିସରରେ ରହିଗଲେ। ମାତ୍ର ଯେଉଁମାନେ ମୋଶାଙ୍କୁ ଅନୁସରଣ କଲେ, ଯେତେବେଳେ ସେମାନେ ସୁଫ ସାଗରରୁ ବାହାରି ଆସି ପ୍ରାନ୍ତର ମଧ୍ୟକୁ ପ୍ରବେଶ କଲେ, ପରମେଶ୍ୱର ସେତେବେଳେ ସୀନୟ ପର୍ବତ ଉପରେ ଓହ୍ଲାଇଲେ। ସେହି ଅଗ୍ନିସ୍ତମ୍ଭ ସମଗ୍ର ପର୍ବତକୁ ଅଗ୍ନିମୟ କରି ପକାଇଥିଲା, ଏବଂ ସେଠାରୁ ଏକ ସ୍ୱର କହିଲା, ଏବଂ ପରମେଶ୍ୱର ଦଶ ଆଜ୍ଞା ପ୍ରଦାନ କଲେ।

105 ମୋଶା ସେଠାରେ ଲୋକମାନଙ୍କ ସମ୍ମୁଖକୁ ଯାଇ, ଏହା କହିପାରିଥାନ୍ତେ, "ଆଜି ଏହି ଶାସ୍ତ୍ର ଯାହାକି ମୁଁ ତୁମମାନଙ୍କୁ, ତାହାଙ୍କର ଭବିଷ୍ୟଦ୍‌ବକ୍ତା ଭାବରେ କହିଥିଲି, ଆଜିର ଦିନରେ ସଫଳ ହେଲା। ମୁଁ ତୁମମାନଙ୍କୁ କହିଥିଲି ଯେ ପରମେଶ୍ୱର ମୋତେ ସାକ୍ଷାତ କଲେ, ଏବଂ ସେଠାରେ ଏକ ଜ୍ୱଳନ୍ତ ବୁଦା ମଧ୍ୟରେ, ଏକ ଅଗ୍ନି ସ୍ତମ୍ଭରେ, ଆଉ ସେ ଏହା କହିଲେ, 'ମୁଁ କରିବି...ଏହା ଏକ ଚିହ୍ନ ହେବ। ତୁମେ ସେହି ଲୋକମାନଙ୍କୁ ପୁନର୍ବାର ଠିକ୍ ଏହି ସ୍ଥାନକୁ ଫେରାଇ ଆଣିବ।' ଏବଂ ସେଠାରେ ପରମେଶ୍ୱର ଅଛନ୍ତି, ସେହି ସମାନ ଅଗ୍ନିସ୍ତମ୍ଭରେ ଯେଉଁଥିରେ ସେ ଅଛନ୍ତି ବୋଲି ମୁଁ ତୁମମାନଙ୍କୁ କହିଥିଲି, ଠିକ୍ ସେହି ପର୍ବତ ଉପରେ ଓହ୍ଲାଇ ଅଛନ୍ତି। ଆଜି ଏହି ଭବିଷ୍ୟବାଣୀ ସଫଳ ହେଲା। ଏଠାରେ ସେ ଏହା ପ୍ରମାଣ କରିବାକୁ ଅଛନ୍ତି ଯେ ସେହି ବିଷୟ ଯାହା ମୁଁ କହିଛି ତାହା ସତ୍ୟ ଅଟେ।"

106 ପରମେଶ୍ୱର ଆମକୁ ସେହିପରି ଆହୁରି ଅନେକ ପୁରୁଷମାନଙ୍କୁ ଦିଅନ୍ତୁ, ଯେଉଁମାନେକି ସଚ୍ଚୋଟ ଏବଂ ନିଷ୍ଠାବାନ ରୁହନ୍ତି, ଏବଂ ସତ କୁହନ୍ତି, ଯେ ସର୍ବଶକ୍ତିମାନ୍ ପରମେଶ୍ୱର ଏହା ପ୍ରମାଣ କରିପାରିବେ ଯେ ତାହାଙ୍କର ବାକ୍ୟ ଏବେ ମଧ୍ୟ ସତ୍ୟ ଅଟେ! ସେ ଗତକାଲି, ଏବଂ ଚିରକାଳ ସମାନ ରହିଥାନ୍ତି। ସେ କାହିଁକି କରିବେ ନାହିଁ? ସେ ଏହା କରିବାକୁ ପ୍ରତିଜ୍ଞା କରିଥିଲେ।

107 ଯିହୋଶୂୟ ହୁଏତ ସେହି ସମାନ କଥା କହିଥିବେ, ଯେଉଁଦିନ ସେ କାଦେଶ-ବର୍ଣ୍ଣିଆକୁ ଫେରିଥିଲେ, ଯେଉଁଠାରେ ସେମାନେ ପ୍ରାନ୍ତରରେ ଏତେ ଦୂରକୁ ଯାତ୍ରା କରିଥିଲେ। ସେମାନେ ସନ୍ଦେହ କରୁଥିଲେ ଯେ ପରମେଶ୍ୱର ଯେପରି କହିଥିଲେ ସେହି ଦେଶଟି ସେହିପରି ହୋଇଥିବ କି ନାହିଁ। ମାତ୍ର ପରମେଶ୍ୱର ସେମାନଙ୍କୁ କହିଥିଲେ ଯେ ଏହା ଏକ ଉତ୍ତମ ଦେଶ ଅଟେ, ଏହା ଦୁଗ୍ଧ ଓ ମଧୁରେ ପ୍ରବାହିତ ଅଟେ। ଆଉ ଯିହୋଶୂୟ ଏବଂ କାଲେବ ହିଁ କେବଳ ଦୁଇଜଣ ଥିଲେ ଯେଉଁମାନେକି ତାହା ବିଶ୍ୱାସ କରିଥିଲେ, ବାକି ଦଶଟି ମଧ୍ୟରୁ ଯେଉଁମାନେକି ଯାଇଥିଲେ। ଯେତେବେଳେ ସେମାନେ ଫେରି ଆସିଲେ, ସେମାନଙ୍କ

ପାଖରେ ପ୍ରମାଣ ଥିଲା; ସେମାନଙ୍କ ପାଖରେ ଏକ ଅଙ୍ଗୁର ପେନ୍ଥା ଥିଲା ଯାହାକୁ ଦୁଇଜଣ ଶକ୍ତିଶାଳୀ ବ୍ୟକ୍ତି ହିଁ କେବଳ ବହନ କରିପାରନ୍ତି।

108 ଯିହୋଶୂୟ ଏବଂ କାଲେବ ସେଠାରେ ଛିଡ଼ା ହୋଇ ଏହା କହିପାରିଥାନ୍ତେ, “ଆଜି ଏହି ଶାସ୍ତ୍ର ସଫଳ ହେଲା। ଏଠାରେ ତାହାର ପ୍ରମାଣ ଅଛି ଯେ ଏହା ଏକ ଉତ୍ତମ ଦେଶ ଅଟେ।” ନିଶ୍ଚିତରେ। କାହିଁକି? “ଏଠାରେ ଏହା ପ୍ରମାଣ ଅଟେ ଯେ ଏହା ଏକ ଉତ୍ତମ ଦେଶ ଅଟେ। ମିସରରେ, ତୁମେମାନେ ସେହିପରି ବିଷୟ କଦାଚିତ କେଉଁଠାରେ ପାଇବ? ସେଠାରେ ସେପରି କୌଣସି ସ୍ଥାନ ନ ଥିଲା। ମାତ୍ର ଆଜି ଏହି ଶାସ୍ତ୍ର ସଫଳ ହେଲା।”

109 ସେ ସେହି ସମାନ, ବିଷୟ କହିପାରିଥାନ୍ତେ, ଯେତେବେଳେ ସେ ଭବିଷ୍ୟତ୍‌ବାଣୀ କରିଥିଲେ ଓ କହିଥିଲେ ଯେ ଯିରୀହୋର ପ୍ରାଚୀରଗୁଡିକ ଭାଙ୍ଗି ପଡ଼ିବ ଯେଉଁଦିନ ସେମାନେ ତାହାର ପରିକ୍ରମା ସାତଥର, ସାତ ଦିନ ଯାଏଁ, ଦିନକୁ ସାତଥର କରିସାରିବେ। ଆଉ ଯେତେବେଳେ ସେମାନେ ଶେଷଥର ପାଇଁ ତାହାର ପରିକ୍ରମା କଲେ, ପ୍ରାଚୀରଗୁଡ଼ିକ ଭୁଷୁଡ଼ି ପଡ଼ିଲା। ଯିହୋଶୂୟ ଛିଡ଼ା ହୋଇ ଏହା କହିପାରିଥାନ୍ତେ, “ଏହି ଦିନ, ସଦାପ୍ରଭୁଙ୍କ ସୈନ୍ୟର ମୁଖ୍ୟ ସେନାପତି ଯାହାକି ମୋତେ କେତେକ ସପ୍ତାହ ପୂର୍ବରୁ କହିଥିଲେ ଯେ ଏହା ସେହିପରି ଘଟିବ, ଆଜି ଏହି ଶାସ୍ତ୍ର ସଫଳ ହେଲା।” ସେଠାରେ ପ୍ରାଚୀରଗୁଡ଼ିକ ଭୁଷୁଡ଼ି, ତଳେ ଭୂମିରେ ପଡ଼ି ରହିଛି। “ଆସ, ଚାଲ ଏହାକୁ ଅଧିକାର କରିନେବା। ଏହା ଆମର ଅଟେ। ଆଜି ଏହି ଶାସ୍ତ୍ର ସଫଳ ହେଲା।”

110 କେଡ଼େ ଅଦ୍ଭୁତ, ପରମେଶ୍ୱରଙ୍କ ଲୋକମାନେ ସେହି ବିଷୟଗୁଡ଼ିକ ପାଇଁ ଛିଡ଼ା ହୋଇଛନ୍ତି ଯାହା ଠିକ୍ ଅଟେ!

111 ଇସ୍ରାଏଲ, ସେହି ନଦୀ କୂଳରେ, ଯେତେବେଳେ ସେମାନେ ସେହି ଦେଶକୁ ଅଧିକାର କଲେ, ସେମାନେ ପାରି ହେଲେ। ସେମାନେ ଏହା କିପରି କରିବାକୁ ଯାଉଛନ୍ତି? ଏହା ଏପ୍ରିଲ୍ ମାସ ଥିଲା। ଉପରେ ଯିହୁଦାରେ, ବରଫ ତରଳୁଥିବାରୁ ବନ୍ୟା ପରିସ୍ଥିତି ଆସିଥିଲା। ଓଃ, କି ଏକ ଦିଗହରା ସୈନ୍ୟାଧ୍ୟକ୍ଷ ପରମେଶ୍ୱର ଥିଲେ ପରି ଦିଶୁଥିଲା, ଯେ ସେ ତାହାଙ୍କର ଲୋକମାନଙ୍କୁ, ସେଠାରେ ଏପ୍ରିଲ୍ ମାସରେ ଆଣିଥିଲେ, ଯେତେବେଳେକି ଯର୍ଦ୍ଦନ କେବେ ପୂର୍ବ ଅପେକ୍ଷା ସର୍ବାଧିକ ଉଚ୍ଚ ସ୍ତରରେ ଥିଲା। ବେଳେବେଳେ…

112 ଆପଣମାନଙ୍କୁ କେବଳ ଏକ ଛୋଟ ପରାମର୍ଶଟିଏ ଦେବା ପାଇଁ, ଯଦି ମୋର ସମୟ ଥାଏ, ମୁଁ ଏଠାରେ ଅଟକି ଯାଇପାରେ। ବେଳେବେଳେ ଆପଣ ସେଠାରେ କର୍କଟ ରୋଗ ସହିତ ବସି ଥାଇପାରନ୍ତି, କିମ୍ବା ଆପଣ ଏକ ରୋଗ ସହିତ ସେଠାରେ ବସିଥିବେ; ଆପଣ ଭାବୁଥିବେ, “ମୁଁ, ଜଣେ ଖ୍ରୀଷ୍ଟିଆନ ହୋଇ, କାହିଁକି, ଏହିପରି ଅବସ୍ଥାରେ ରହିଛି? ଯଦି ମୁଁ ଜଣେ ଖ୍ରୀଷ୍ଟିଆନ, ତେବେ ମୁଁ କାହିଁକି ଏପରି ବସି ରହିଛି?” ବେଳେବେଳେ ପରମେଶ୍ୱର ସେହି ବିଷୟଗୁଡ଼ିକୁ ଏତେ ଅନ୍ଧକାର ହୋଇଯିବାକୁ ଦିଅନ୍ତି ଯେ ଆପଣ ଉପରକୁ, ଚାରିପାଖକୁ, କିମ୍ବା ଅନ୍ୟ କୌଣସି ଆଡ଼କୁ ଦେଖିପାରନ୍ତି ନାହିଁ, ଆଉ ତାହାପରେ ସେ ଆସି ଆପଣଙ୍କ ପାଇଁ ଏଥି

ମଧ୍ୟରୁ ଏକ ପଥ ପ୍ରସ୍ତୁତ କରନ୍ତି, ଯେପରିକି ଆପଣ କହିପାରନ୍ତି, "ଆଜି ଏହି ଶାସ୍ତ୍ର ସଫଳ ହେଉଅଛି, ଯାହା କରିବାକୁ ସେ ପ୍ରତିଜ୍ଞା କରିଥିଲେ ।"

113 ସେ ଏବ୍ରୀ ବାଳକମାନଙ୍କୁ ଜ୍ୱଳନ୍ତା ଭାଟି ଭିତରକୁ ଯିବାକୁ ଦେଲେ । ସେମାନେ କହିଲେ, "ଆମ ପରମେଶ୍ୱର ଆମକୁ ଏହି ଭାଟିର ଅଗ୍ନିରୁ ଉଦ୍ଧାର କରିବାରେ ସକ୍ଷମ ଅଟନ୍ତି । ମାତ୍ର, ତଥାପି, ଆମେ ତୁମର ପ୍ରତିମାକୁ ପ୍ରଣାମ କରିବୁ ନାହିଁ ।" ଯେତେବେଳେ ସେମାନେ ସେଠାରୁ ବାହାରିକି ଆସିଲେ, ଭାଟିର ଗନ୍ଧ ସେମାନଙ୍କଠାରୁ ଆସୁଥିଲା...ବରଂ, ସେମାନଙ୍କ ଉପରେ, କୌଣସି ଭାଟିର ଗନ୍ଧ ନ ଥିଲା; ସେମାନେ ଏହା କହି ପାରିଥାନ୍ତେ, "ଆଜି ଏହି ଶାସ୍ତ୍ର ସଫଳ ହେଲା ।"

114 ଯେତେବେଳେ ଦାନିୟେଲ ସିଂହ ଗର୍ତ୍ତରୁ ଆସିଲେ, ସେ ମଧ୍ୟ ସେହି ସମାନ କଥା କହିପାରିଥାନ୍ତେ ।

115 ବାପ୍ତିଜକ ଯୋହନ । ଚାରି ଶହ ବର୍ଷର ପରମାର୍ଥିକ ଉପଦେଶ ଶିକ୍ଷା ପରେ, କୌଣସି ଆଶ୍ଚର୍ଯ୍ୟର ବିଷୟ ନୁହେଁ ଯେ ମଣ୍ଡଳୀ ସେହି ସମୟରେ ଏକ ବିଶୃଙ୍ଖଳାରେ ରହିଥିଲା! ଯେତେବେଳେ ସେ ପ୍ରାନ୍ତରରେ, ଯର୍ଦ୍ଦନରେ ଦେଖାଦେଲେ, ସେ ଠିକ୍ ସେହି କୂଳରେ ଛିଡା ହୋଇପାରିଥାନ୍ତେ, ଯେପରିକି ସେ କରୁଥିଲେ, ଏବଂ ଏହା କହି ପାରିଥାନ୍ତେ, "ଆଜି ଏହି ଶାସ୍ତ୍ର, ଯିଶାଇୟ 40, ସଫଳ ହେଲା ।"

116 ମୁଁ କିପରି ଏଠାରେ ଅଟକି ଯାଇପାରେ ଏବଂ ତାହା କହିପାରେ ଯାହା ସେହି ବୃଦ୍ଧ ଯାଜକ ମୋତେ କହିଥିଲେ! କହିଲେ, "ପୁଅରେ, ତୁମେ ସେହି ବାର୍ତ୍ତା କେବେ ସମାପ୍ତ କଲ ନାହଁ ।"

ମୁଁ କହିଲି, "ସ୍ଥିର ରୁହନ୍ତୁ ।"

ସେ କହିଲେ, "କଅଣ ତୁମର କହିବାର ଅର୍ଥ ପେଣ୍ଟିକଷ୍ଟାଲ୍ ତାହା ଦେଖନ୍ତି ନାହିଁ?"

ମୁଁ କହିଲି, "ନା ।"

117 ସେ କହିଲେ, "ମୁଁ ଏହା ଦେଖେ ।" ଏବଂ ଜଣେ କ୍ୟାଥୋଲିକ୍ ପୁରୋହିତ ମଧ୍ୟ! ଉ-ହୁଁ । ସେ କହିଲେ, "ତୁମେ କାହିଁକି ଆଗକୁ ଗଲ ନାହଁ?"

ମୁଁ କହିଲି, "ସ୍ଥିର ରୁହନ୍ତୁ ।"

ସେ କହିଲେ, "ପରମେଶ୍ୱରଙ୍କ ମହିମା ହେଉ! ମୁଁ ଏହା ଦେଖେ ।"

118 ଏବଂ ପ୍ରାୟଃ ସେହି ସମୟରେ ପବିତ୍ରଆତ୍ମା ତାଙ୍କ ଭଉଣୀ ଉପରେ ଓହ୍ଲାଇ ଆସିଲେ, ଯିଏକି ସେଠାରେ ସଭାରେ ବସିଥିଲେ । ଏବଂ ସେ ଉଠି ପଡି, ପରଭାଷାରେ କଥା କହିବାକୁ ଲାଗିଲେ, ଏବଂ ମଞ୍ଚ ଉପରେ ସେହି ଯାଜକ ଓ ମୁଁ ଯାହା ବିଷୟରେ କଥା ହେଉଥିଲୁ, ସେ ଠିକ ତାହାର ବ୍ୟାଖ୍ୟା ଦେଇଥିଲେ । ସମଗ୍ର ମଣ୍ଡଳୀ, ସେହି ସମଗ୍ର ସ୍ଥାନ, ଆର୍ତ୍ତନାଦ କରି ଉଠିଲେ । ଗତ ସପ୍ତାହରେ, କିମ୍ବା ଗତ ସପ୍ତାହ ପୂର୍ବରୁ ଓରାଲ୍ ରୋବର୍ଟଙ୍କ ସମ୍ମିଳନୀକୁ ଯାଇଥିଲି, ଏବଂ ସେହି ସମ୍ମିଳନୀର ଏହାର ଚର୍ଚ୍ଚା ଥିଲା । କିପରି ଯେ ସେହି ଯାଜକ...ପବିତ୍ରଆତ୍ମାଙ୍କ

ଅଧୀନରେ ବସି, ସେଠାରେ ଜଣେ ମହିଳାଙ୍କ ମାଧ୍ୟମରେ ଏହା ପ୍ରକାଶ କରୁଥିଲେ, ମୁଁ ବିଶ୍ୱାସ କରେ ଯେ ଏହା ତାଙ୍କର ଭଉଣୀ ଥିଲେ, ଯେ ସେହି ମଞ୍ଚ ଉପରେ ଯାହା ସେଠାରେ ଘଟୁଥିଲା, ଏବଂ ସେହି ବିଷୟକୁ ପ୍ରକାଶ କରୁଥିଲେ ଯାହା ଆମେ ଲୁଚାଉଥିଲୁ ।

119 ଏହି ଯେଉଁ ସମୟରେ ଆମେମାନେ ରହୁଅଛୁ, ଆଜିର ଦିନରେ ଏହି ଶାସ୍ତ୍ର ସଫଳ ହେଲା । ଆଜିର ଦିନରେ ସନ୍ଧ୍ୟାକାଳୀନ ଦୀପ୍ତି ଆସିଅଛି, ଏବଂ ଆମେ ଏହାକୁ ଦେଖିବାରେ ବିଫଳ ହୋଇଅଛୁ । ଧ୍ୟାନ ଦିଅନ୍ତୁ ।

120 ଯୋହନ କହିଲେ, "ଆଜି ଦିନରେ ମୁଁ 'ପ୍ରାନ୍ତରରେ ଚିତ୍କାର କରୁଥିବା ସେହି ରବ ଅଟେ,' ଯେପରିକି ଯିଶାଇୟ ଭବିଷ୍ୟଦ୍‌ବକ୍ତା କହିଥିଲେ, 'ପ୍ରଭୁଙ୍କ ପାଇଁ ମାର୍ଗ ପ୍ରସ୍ତୁତ କର ।'"

121 ସେମାନେ ଏହା ବୁଝି ନ ଥିଲେ । କହିଲେ, "ଓଃ, ତୁମେ ଯୀଶୁ. . .ତୁମେ—ତୁମେ ଖ୍ରୀଷ୍ଟ," ବରଂ ।

122 ସେ କହିଲେ, "ମୁଁ ଖ୍ରୀଷ୍ଟ ନୁହେଁ ।" ସେ କହିଲେ, "ମୁଁ ତ ତାଙ୍କର ପାଦୁକା ଗଣ୍ଠି ଫିଟାଇବାକୁ ଯୋଗ୍ୟ ନୁହେଁ । ମାତ୍ର," ସେ କହିଲେ, "ସେ ତୁମମାନଙ୍କ ମଧ୍ୟରେ, କୌଣସି ସ୍ଥାନରେ ଛିଡା ହୋଇଛନ୍ତି," କାରଣ ସେ ସୁନିଶ୍ଚିତ ଥିଲେ ଯେ ସେ ସେଠାରେ ରହିବେ । ସେ ତାହାଙ୍କ ସମୟରେ ରହିବେ, କାରଣ ପରମେଶ୍ୱର ତାତାଙ୍କୁ କହିଥିଲେ ଯେ ସେ ଖ୍ରୀଷ୍ଟଙ୍କୁ ପରିଚୟ କରାଇବେ ।

123 ଦିନେ ଜଣେ ଯୁବା ଲୋକ ସେଠାରେ ଚାଲିକରି ଆସିଲେ, ଏବଂ ଯୋହନ ତାହାଙ୍କ ଉପରେ ଏକ ପ୍ରକାଶ ରହିଥିବା ପରି ଦେଖିଲେ, ଏକ ଚିହ୍ନ । ଆଉ ସେ ଚିତ୍କାର କରି କହିଲେ, "ହେଇ ଦେଖ, ପରମେଶ୍ୱରଙ୍କ ମେଷଶାବକ! ଆଜି ଏହି ଶାସ୍ତ୍ର ତୁମମାନଙ୍କ ସମ୍ମୁଖରେ ସଫଳ ହେଲା ।" ନିଶ୍ଚିତରେ ।

124 ପେଣ୍ଟିକଷ୍ଟ ଦିନରେ, କିପରି ପିତର ଛିଡ଼ା ହେଲେ ଏବଂ ସେମାନଙ୍କର ଶାସ୍ତ୍ର ଉଦ୍ଧୃତ କଲେ, ଯୋୟେଲ 2:୩୪ । ଯେତେବେଳେକି, ସେମାନେ ସମସ୍ତେ ହସୁଥିଲେ, ସେହି ଲୋକମାନେ । ସେମାନେ ସେମାନଙ୍କର ନିଜ ଭାଷାରେ କଥାବାର୍ତ୍ତା କରିପାରୁ ନ ଥିଲେ । ସେମାନେ ଅନ୍ୟ କିଛି ବିଳି ବିଳାଉଥିଲେ । ବାଇବଲ କୁହେ, "ଭଗ୍ନ ଜିହ୍ୱାଗୁଡିକ ।" *ଭଗ୍ନ* ହେଉଛି "ବିଭାଜିତ" ଜିହ୍ୱା, କିଛି କହୁ ନ ଥିଲେ, କେବଳ ଏକ ବିଳି ବିଳାଉଥିଲେ । ଦଳେ ମାତାଲ୍ ଲୋକମାନଙ୍କର ପରି ଏପଟ ସେପଟ ଦୌଡୁଥିଲେ!

125 ସେମାନେ ସମସ୍ତେ କହିଲେ, "ତେବେ, ଏହି ଲୋକମାନେ ମଦ୍ୟପାନ କରିଛନ୍ତି । ସେମାନଙ୍କୁ ଦେଖ, ଦେଖନ୍ତୁ ଯେ ସେମାନେ କିପରି ଆଚରଣ କରୁଛନ୍ତି, କିପରି ସେହି ସ୍ତ୍ରୀ ଏବଂ ପୁରୁଷମାନେ । ସେମାନେ ବିଶୃଙ୍ଖଳିତ ଅଟନ୍ତି," ସେହି ଦିନର ଧାର୍ମିକ ଗୋଷ୍ଠୀ କହିଥିଲେ ।

126 ପିତର ସେମାନଙ୍କ ମଧ୍ୟରେ ଛିଡ଼ା ହେଲେ, କହିଲେ, "ହେ ଯିରୁଶାଲମ ନିବାସୀ ସମସ୍ତେ, ଓ ଯିହୁଦୀ ଲୋକେ ଏବଂ ଭାଇମାନେ, ଆପଣମାନେ ଏହା ଜ୍ଞାତ ହେଉନ୍ତୁ ଯେ,

ଏମାନେ ସେପରି ମାତାଲ୍ ନୁହଁନ୍ତି, ଯେପରିକି ଆପଣମାନେ ମନେ କରୁଅଛନ୍ତି, ଯେଣୁ ବର୍ତ୍ତମାନ ସମୟ ସକାଳ ନଅ ଘଣ୍ଟା ମାତ୍ର। କିନ୍ତୁ ଯୋୟେଲ ଭବିଷ୍ୟଦ୍‌ବକ୍ତାଙ୍କ ଦ୍ୱାରା ଯାହା ଉକ୍ତ ଅଛି, ଏ ସେହି ଘଟଣା, 'ଶେଷକାଳରେ ଏପରି ଘଟିବ ଯେ, ଆମ୍ଭେ ସମସ୍ତ ମର୍ତ୍ତ୍ୟ ଉପରେ ଆମ୍ଭର ଆତ୍ମା ବୃଷ୍ଟି କରିବା।' ଆଜି ଏହି ଶାସ୍ତ୍ର ସଫଳ ହେଲା।" ନିଶ୍ଚିତ ଭାବରେ।

127 ଲୁଥର୍ ଠିକ୍ ସମୟରେ ରହିଥିଲେ। ୱେସଲି ଠିକ୍ ସମୟରେ ରହିଥିଲେ। ପେଣ୍ଟିକଷ୍ଟ ଠିକ୍ ସମୟରେ ରହିଥିଲା। କିଛି ହେଲେ କ୍ରମରୁ ବାହର ନୁହେଁ।

128 ବର୍ତ୍ତମାନ ମୁଁ ଚାହୁଁଛି ଯେ ଆପଣମାନେ ଆଜିର ଏହି ଯୁଗ ଓ କାଳ ଯେଉଁଥିରେ ଆମେମାନେ ରହୁଅଛୁ, ଏହାକୁ ଆଜିର ଦିନ ନିମନ୍ତେ ପ୍ରତିଜ୍ଞା କରାଯାଇଥିବା ବାକ୍ୟ ସହିତ ବିଚାର କରନ୍ତୁ। ଯଦି ପଶ୍ଚାତ ସମୟରେ ଅନ୍ୟ ଯୁଗମାନଙ୍କରେ, ପୁରୁଷମାନେ ଏହା କହିପାରୁଥିଲେ, "ଆଜି ଏହି ଶାସ୍ତ୍ର," "ଆଜି ଏହି ଶାସ୍ତ୍ର," ତେବେ ଆଜିର ଦିନ ପାଇଁ ଶାସ୍ତ୍ର ବିଷୟରେ କଅଣ ଅଟେ? ଏହି ଦିନ ପାଇଁ କଅଣ ପ୍ରତିଜ୍ଞା କରାଯାଇଛି? ଆମେମାନେ କେଉଁଠାରେ ଛିଡା ହୋଇଅଛୁ? ଆମେମାନେ କେଉଁ ସମୟରେ ରହୁଅଛୁ, ଯେତେବେଳେକି ଘଣ୍ଟାକଣ୍ଟା ପ୍ରହାର କରୁଅଛି, ସେହି ବୈଜ୍ଞାନିକ ଘଣ୍ଟା, ମଧ୍ୟରାତ୍ରିରୁ ତିନି ମିନିଟ୍ ପୂର୍ବରୁ? ଜଗତ ଆଜି ଭୟଗ୍ରସ୍ତ ଅଛି। ମଣ୍ଡଳୀ ଦୁର୍ନୀତିର ଏକ ଶଯ୍ୟାରେ ଅଛି। ସେଠାରେ କିଏ କେଉଁଠାରେ ଛିଡ଼ା ହୋଇଛନ୍ତି କେହି ଜାଣନ୍ତି ନାହିଁ। ଏହା ଦିନର କେଉଁ ସମୟ ଅଟେ? ଆଜିର ଦିନ ପାଇଁ ଶାସ୍ତ୍ର ବିଷୟରେ କଅଣ ଅଟେ? ମଣ୍ଡଳୀର ଅବସ୍ଥାମାନ, କିମ୍ବା, ଆଜିର ଦିନରେ ମଣ୍ଡଳୀର ଅବସ୍ଥାଗୁଡିକ!

129 ଜଗତରେ, ରାଜନୀତିରେ, ଆମର ବିଶ୍ୱ ବ୍ୟବସ୍ଥାରେ, ଏହା ସେତିକି ମନ୍ଦ ଅଟେ ଯେତିକି ଏହା ହୋଇପାରେ। ମୁଁ ଜଣେ ରାଜନେତା ନୁହେଁ। ମୁଁ ଜଣେ ଖ୍ରୀଷ୍ଟିଆନ। ମାତ୍ର, ମୋର ରାଜନୀତି ବିଷୟରେ କଥାବାର୍ତ୍ତା କରିବାର କୌଣସି ବେପାର ନାହିଁ, ମାତ୍ର ମୁଁ କେବଳ କହିବାକୁ ଚାହେଁ ଯେ ସେମାନେ ଉଭୟ ପାର୍ଶ୍ୱରେ ମନ୍ଦ ଅଟନ୍ତି।

130 ମୁଁ ଥରେ ମତଦାନ କରିଥିଲି, ତାହା ଖ୍ରୀଷ୍ଟଙ୍କ ପାଇଁ ଥିଲା; ମୋତେ ଜିତିବାକୁ ଅଛି। ଶୟତାନ ମୋ ବିରୁଦ୍ଧରେ ମତଦାନ କଲା, ଏବଂ ଖ୍ରୀଷ୍ଟ ମୋ ସପକ୍ଷରେ ମତଦାନ କଲେ; ନିର୍ଭର କରେ ଯେ ମୁଁ ମୋର ମତଦାନ କେଉଁ ପକ୍ଷରେ କରେ। ମୁଁ ଆନନ୍ଦିତ ଯେ ମୁଁ ଏହା ତାହାଙ୍କ ଉପରେ କଲି; ଜଗତର ଯାହା ଇଚ୍ଛା ସେମାନେ ତାହା କୁହନ୍ତୁ। ମୁଁ ଏବେ ସୁଦ୍ଧା ବିଶ୍ୱାସ କରେ ଯେ ସେ ଗତକାଲି, ଆଜି, ଏବଂ ଚିରକାଳ ସମାନ ଅଟନ୍ତି। ସେ ଏହାକୁ ପ୍ରମାଣ କରିବେ। ସେ ନିଶ୍ଚିତ କରିବେ। ନିଶ୍ଚିତ ଭାବରେ।

ଅପରାଧର ବୃଦ୍ଧି, ଯୌବନଜନିତ ଅପରାଧରେ ବୃଦ୍ଧି!

131 ଆମ ରାଷ୍ଟ୍ରକୁ ଦେଖନ୍ତୁ, ଏକଦା ପୃଥିବୀର ଫୁଲ କୁହାଯାଉଥିବା, ଆମର ମହାନ ଗଣତନ୍ତ୍ର ସେଠାରେ—ରେ ପଶ୍ଚାତ ସମୟରେ ଗଠିତ ହୋଇଥିଲା...ସ୍ୱାଧୀନତାର ଘୋଷଣା ବେଳେ, ଏବଂ ସ୍ୱାଧୀନତାର ଘୋଷଣାପତ୍ର ସ୍ୱାକ୍ଷରିତ ହୋଇଥିଲା, ଆଉ ଆମର ଏକ ଗଣତନ୍ତ୍ର

ରହିଥିଲା, ପୁଣି ଆମର ମହାନ ପିତୃପୁରୁଷମାନେ, ଓ ସେହି ବିଷୟମାନ ଯାହା ସେମାନେ କରିଥିଲେ, ଆମର ଏକ ମହାନ ରାଷ୍ଟ୍ର ଥିଲା ।

132 ମାତ୍ର ବର୍ତ୍ତମାନ ସେ ଖତ ଖାଉଅଛି, ଭାଙ୍ଗି ଯାଉଅଛି, ଏବଂ କମ୍ପମାନ ହେଉଅଛି, ଓ କ୍ଷୟ ପାଉଅଛି । ଏବଂ ଲୋକମାନଙ୍କୁ କର ଲଗାଇବାକୁ ଚେଷ୍ଟା କରୁଅଛି, ଅନ୍ୟ ସ୍ଥାନକୁ ପଠାଇବା ପାଇଁ ଟଙ୍କା ଏକତ୍ର କରିବାକୁ ଚେଷ୍ଟା କରୁଅଛି, ସେମାନଙ୍କର ଶତ୍ରୁମାନଙ୍କ ସହିତ ବନ୍ଧୁତା ସ୍ଥାପନ କରିବାକୁ ଚେଷ୍ଟା କରୁଅଛି; ସେମାନେ ଏହାକୁ ଆମ ମୁହଁରେ ଫୋପାଡି ଦେଉଛନ୍ତି । ଗୋଟିଏ ବିଶ୍ୱଯୁଦ୍ଧ, ଦୁଇଟି ବିଶ୍ୱଯୁଦ୍ଧ ଏବଂ ଏବେ ସୁଦ୍ଧା ତୃତୀୟ ଆଡ଼କୁ ଅଗ୍ରସର ହେଉଛି । ନିଶ୍ଚିତ ଭାବରେ । ରାଜନୀତି କ୍ଷୟପ୍ରାପ୍ତ, ଭ୍ରଷ୍ଟ, ତଳ ପର୍ଯ୍ୟନ୍ତ ମନ୍ଦ ଅଟେ । ଅବିକଳ ଠିକ୍ ସେହିପରି ଅଟେ ଯାହା ମାଥିଉ 24 କହିଥିଲା ଯେ ତାହା ହେବ, "ରାଷ୍ଟ୍ର ବିରୁଦ୍ଧରେ ରାଷ୍ଟ୍ର, ରାଜ୍ୟ ବିରୁଦ୍ଧରେ ରାଜ୍ୟ ହେବ ।" ଏହି ସମସ୍ତ ବିଷୟମାନ ଘଟିବ । ତେବେ ଆସନ୍ତୁ ଏହାକୁ ବିଚାର କରିବା । ଠିକ୍ ଅଛି ।

133 ଆଉ ଏକ ବିଷୟ ଧ୍ୟାନ ଦିଅନ୍ତୁ, ବୈଜ୍ଞାନିକ ଅନୁସନ୍ଧାନରେ ବୃଦ୍ଧି । ତେବେ, ଏକଦା, ମାତ୍ର ଏକ...ମୋ ଜେଜେବାପା ଏକ ବଳଦଗାଡିରେ, ମୋ ଜେଜେମାଙ୍କୁ ଦେଖା କରିବାକୁ ଯାଇଥିଲେ । ବର୍ତ୍ତମାନ ଏହା ଏକ ଜେଟ୍ ବିମାନ, କିମ୍ବା ଏପରିକି ବାୟୁମଣ୍ଡଳରେ ଏକ କକ୍ଷକୁ, ବାହ୍ୟ ଶୁନ୍ୟମଣ୍ଡଳକୁ । ଏହା ମହାନ...କେମିତି, କିଏ ଏହା କହିଲା? ଦାନିୟେଲ 12:4, କୁହେ, "ଶେଷକାଳରେ ଜ୍ଞାନ ବୃଦ୍ଧି ପାଇବ ।" ଆମେ ରହୁଥିବା ଏହି ସମୟକୁ ଦେଖୁ । ବର୍ତ୍ତମାନ ଜଗତର ଅବସ୍ଥା ପ୍ରତି—ପ୍ରତି, ବିଜ୍ଞାନର ଅବସ୍ଥା ପ୍ରତି ଧ୍ୟାନ ଦିଅନ୍ତୁ ।

134 ଆଉ ପୁଣିଥରେ ଧ୍ୟାନ ଦିଅନ୍ତୁ, ଆଜି, ଆମର ଶିକ୍ଷା ବ୍ୟବସ୍ଥାରେ । ତେବେ ଏହାକୁ ଅସ୍ୱୀକାର କରିବାକୁ ଚେଷ୍ଟା କରନ୍ତୁ ନାହିଁ । ମୋ ପାଖରେ ଖବରକାଗଜ ଲେଖାଗୁଡିକ ଅଛି, ଆମ ମଣ୍ଡ-...ଆମ ବିଦ୍ୟାଳୟରେ ଯୌନ ଶିକ୍ଷା ଦିଆଯାଉଅଛି, ଯୁବା ଛାତ୍ରମାନେ ପରସ୍ପର ସହିତ ଯୌନ ସମ୍ପର୍କ ରଖୁଅଛନ୍ତି, ଏହା ଦେଖିବା ପାଇଁ ଯେ ସେମାନେ ଜଗତରେ ସାଥୀ ହୋଇପାରିବେ କି ନାହିଁ । ହଁ, ଆଜ୍ଞା ।

135 ଆମ ଯାଜକତ୍ତ୍ୱରେ କିପରି ଅଟେ? ଆଜି ରାତି ମୋ ପାଖରେ ଖବରକାଗଜରୁ ଗୋଟିଏ ଖଣ୍ଡ ଅଛି । ଲସ୍ ଆଞ୍ଜେଲସ୍, କାଲିଫର୍ଣିଆରେ, ଯେଉଁଠାରେ ଧର୍ମଗୁରୁମାନଙ୍କର ଏକ ସମୂହ, ବାପ୍ଟିଷ୍ଟ ଏବଂ ପ୍ରେସବିଟେରିଆନ୍, ସେବକମାନେ, ସମଲିଙ୍ଗୀମାନଙ୍କର ଏକ ଗୋଷ୍ଠୀକୁ ନେଇ ଆସିଲେ ଏବଂ ସମଲିଙ୍ଗୀ ସମ୍ପର୍କ ଅଭ୍ୟାସ କଲେ, ଏହା କହି ଯେ ସେମାନେ ପରମେଶ୍ୱରଙ୍କ ନିକଟରେ ସେମାନଙ୍କୁ ଜିତିବାକୁ ଚେଷ୍ଟା କରୁଛନ୍ତି । ଯେତେବେଳେକି, ତାହା ଏହି ଘଟିକାର ଅଭିଶାପ ମଧ୍ୟରୁ ଗୋଟିଏ ଅଟେ, ଏକ ସଦୋମୀ! ଆଉ ଏପରିକି ଆଇନ ସେମାନଙ୍କୁ ଗିରଫ ମଧ୍ୟ କଲା ।

136 ତେବେ ଆମେ କେଉଁଠାରେ ଅଛୁ? ଆମର ସମଗ୍ର ବ୍ୟବସ୍ଥା ଆମ ଅଧୀନରୁ କ୍ଷୟ ହୋଇଯାଇଅଛି । ମୁଁ ଦେଖିଛି ଯେ ସମଗ୍ର ଯୁକ୍ତରାଷ୍ଟ୍ରରେ ସମଲିଙ୍ଗୀମାନଙ୍କର ସଂଖ୍ୟାରେ

ବୃଦ୍ଧିହାର ଗତ ବର୍ଷ ତୁଳନାରେ କୋଡ଼ିଏ କିମ୍ବା ତିରିଶ ପ୍ରତିଶତ ବୃଦ୍ଧି ପାଇଛି । ତାହା ବିଷୟରେ ଚିନ୍ତା କରନ୍ତୁ, ପୁରୁଷ ସହିତ ପୁରୁଷ ବାସ କରିବା, ଠିକ୍ ଯେପରିକି ସେମାନେ ସଦୋମରେ କରିଥିଲେ ।

137 ଅପରାଧରେ, ଯୌବନଜନିତ ଅପରାଧରେ ବୃଦ୍ଧି! ଆମେ କେଉଁ ସମୟରେ ରହୁଅଛୁ? ଆଜି ଏହି ଭବିଷ୍ୟତ୍‌ବାଣୀର ବାକ୍ୟ ସଫଳ ହେଲା ।

138 ସେହି ଧାର୍ମିକ ଜଗତ, ସେହି ମଣ୍ଡଳୀ ନିଜେ, ସେହି ମଣ୍ଡଳୀ, ଆହ୍ୱାନ-ପ୍ରାପ୍ତ ହୋଇଥିବା ସେହି ମଣ୍ଡଳୀ, ଯାହାକୁ ଆମେ ଆହ୍ୱାନ-ପ୍ରାପ୍ତ ହୋଇଥିବା ମଣ୍ଡଳୀ ବୋଲି କହିଥାଉ, ସେହି ଶେଷ ମଣ୍ଡଳୀ ଯୁଗ, ସେହି ପେଣ୍ଟିକଷ୍ଟାଲ ମଣ୍ଡଳୀ ଯୁଗ, ତାହା କେଉଁଠାରେ ଅଛି? ଏହା ଲାଅଦୀକିଆରେ ଅଛି, ଯେପରିକି ଶାସ୍ତ୍ର କୁହେ ।

139 ଆଜି ସେମାନେ ସେହି ଦଣ୍ଡଗୁଡିକୁ ତଳେ ପକାଇ ଦେଇଛନ୍ତି । ସେମାନଙ୍କର ସ୍ତ୍ରୀଲୋକମାନେ ଅଧା ପୋଷାକ ପିନ୍ଧିଛନ୍ତି । ସେମାନଙ୍କର ପୁରୁଷ...ଏହା ଏକ ଭୟଙ୍କର ବିଷୟ ଅଟେ । ସେମାନଙ୍କ ମଧ୍ୟରୁ କେତେକ ତିନି କିମ୍ବା ଚାରିଥର ବିବାହ କରି, ଦୀକନ୍ ବୋର୍ଡରେ, ଏବଂ ସମସ୍ତକିଛି ବିଷୟରେ ରହିଛନ୍ତି । ସେମାନେ ତଳେ ପକାଇ ଦେଇଛନ୍ତି, ଏବଂ ଦୁର୍ନୀତିକୁ ନେଇ ଆସିଛନ୍ତି, କାରଣ ସେମାନେ ପରିଷଦଗୁଡିକରେ ବସିଛନ୍ତି ଓ ଜଗତ ସହିତ ସ୍ଥାନ ନେଇଛନ୍ତି ।

140 ଏବଂ, ଆଜି, ସେମାନଙ୍କ ପାଖରେ ଉନ୍ନତ ଭବନମାନ ରହିଛି, ଯାହାକି ସେମାନଙ୍କ ପାଖରେ କେବେ ରହିଥିଲା । କୌଣସି ସ୍ଥାନ, ସେମାନଙ୍କ ମଧ୍ୟରୁ ଜଣେ ପଚାଶ-ମିଲିୟନ୍-ଡଲାର ଟଙ୍କାର ପ୍ରେକ୍ଷାଳୟ ନିର୍ମାଣ କରୁଛି, ପଚାଶ ମିଲିୟନ୍ ଡଲାର । ପେଣ୍ଟିକଷ୍ଟାଲ୍! ପଚି-ଶ ବର୍ଷ ପୂର୍ବେ, ଏହା ଗୋଟିଏ କୋଣରେ, ଏକ ଦାରା ବଜାଇବାର ସହ ହେଉଥିଲା । କହୁଥିଲେ, “ଆମେ...”

141 କାରଣ, ପ୍ରକାଶିତ ବାକ୍ୟ 3 ରେ, ଶାସ୍ତ୍ର କୁହେ, ଯେ ତୁମେ “‘ଧନୀ,’ କୁହେ, ‘ମୁଁ ଧନୀ ଅଟେ । ମୁଁ ଏକ ରାଣୀ ଭାବରେ ବସିଛି । ମୋର କିଛି ଅଭାବ ନାହିଁ ।’ ଏବଂ ତୁମେ ଜାଣ ନାହିଁ ଯେ ତୁମେ ଦୁଃଖୀ, ଦୁର୍ଭାଗା, ଦରିଦ୍ର, ଉଲଗ୍ନ, ଅନ୍ଧ, ଏବଂ ଏହା ଜାଣ ନାହିଁ!”

142 ଆଜି ଏହି ଶାସ୍ତ୍ର ତୁମ ଦୃଷ୍ଟିଗୋଚରରେ ସଫଳ ହେଲା । ଆମେନ୍! *ଆମେନ୍* ଅର୍ଥ “ଏହା ହିଁ ହେଉ ।” ମୁଁ ନିଜକୁ ଆମେନ୍ କରୁନାହିଁ, ମାତ୍ର ମୋର କହିବାର ଅର୍ଥ ମୁଁ ବିଶ୍ୱାସ କରେ ଯେ ଏହା ସତ୍ୟ ଅଟେ । ଆଜି ଏହି ଶାସ୍ତ୍ର ସଫଳ ହେଲା ।

143 ପେଣ୍ଟିକଷ୍ଟାଲ୍ ମଣ୍ଡଳୀ ଏକ ଲାଅଦୀକିଆ ଅବସ୍ଥାରେ ଅଛି । ଓଃ, ସେମାନେ ଏବେ ସୁଦ୍ଧା ଡିଆଁ ମାରନ୍ତି ଏବଂ ଚିତ୍କାର କରନ୍ତି, ଏବଂ ସେହିସବୁ କାର୍ଯ୍ୟଗୁଡିକୁ କରନ୍ତି ଯେତେବେଳେ ସଙ୍ଗୀତ ବାଜୁଥାଏ । ଯେତେବେଳେ ସଙ୍ଗୀତ ବାଜିବା ବନ୍ଦ ହୋଇଯାଏ, କିମ୍ବା ସେହି ଆଧୁନିକ୍ ବିଟନିକ୍ ସଙ୍ଗୀତ ଯାହା ସେମାନଙ୍କ ମଧ୍ୟରୁ କେତେକ ବଜାନ୍ତି ଏବଂ ଏହାକୁ ଖ୍ରୀଷ୍ଟିୟ ବୋଲି କହନ୍ତି, ଏବଂ ଯେତେବେଳେ ତାହା ବନ୍ଦ ହୁଏ, ସମସ୍ତ ଗୌରବ ଲୁପ୍ତ ହୋଇଯାଏ । ହଁ ।

144 ଯଦି ଏହା ପରମେଶ୍ୱରଙ୍କ ଏକ ପ୍ରକୃତ ପ୍ରଶଂସା, ତାହାହେଲେ ସେଠାରେ ଜଗତରେ ପର୍ଯ୍ୟାପ୍ତ ଶିଟିଶବ୍ଦ ନାହିଁ ଓ ଯଥେଷ୍ଟ—ଯଥେଷ୍ଟ ଶକ୍ତି ନାହିଁ ଯେ ଏହାକୁ ରୋକି ଦେବ। ଯେତେବେଳେ ଏହା ପ୍ରକୃତରେ ପରମେଶ୍ୱରଙ୍କଠାରୁ ଆସିଥାଏ, ତେବେ ଏହାକୁ ବଜାଇବା ପାଇଁ ସଙ୍ଗୀତର ଆବଶ୍ୟକ ନ ଥାଏ। ଏହା ତ ତାହା ଉପରେ ପରମେଶ୍ୱରଙ୍କ ଆତ୍ମାକୁ ଆସିବାର ଆବଶ୍ୟକ କରେ। ଏହା ହିଁ ଅଟେ ଯାହାକି ତାହା କରେ।

145 ଏବଂ ସେମାନେ ଏହାକୁ ବହୁ ଦିନରୁ ଭୁଲିଗଲେଣି, କାରଣ ସେମାନେ ପବିତ୍ରଆତ୍ମାଙ୍କ ଦାନକୁ, "ପରଭାଷାରେ କହିବାର ପ୍ରାରମ୍ଭିକ ପ୍ରମାଣ" ରୂପେ ଶ୍ରେଣୀଭୁକ୍ତ କରି ଦେଇଛନ୍ତି। ଏବଂ ମୁଁ ଭୂତମାନଙ୍କୁ ଏବଂ ଯାଦୁଗରମାନଙ୍କୁ ପରଭାଷାରେ କଥା କହୁଥିବାର ଶୁଣିଅଛି।

146 ପବିତ୍ରଆତ୍ମା ଆପଣଙ୍କ ଭିତରେ ପରମେଶ୍ୱରଙ୍କ ବାକ୍ୟ ଅଟନ୍ତି, ଯାହାକି ସେହି ବାକ୍ୟକୁ ଗ୍ରହଣ କରିବା ଦ୍ୱାରା ନିଜକୁ ପରିଚିତ କରାଇଥାଏ। ତାହାର ବାହାରେ, ଏହା ପବିତ୍ରଆତ୍ମା ହୋଇପାରନ୍ତି ନାହିଁ। ଯଦି ଏହା କୁହେ ଯେ ଏହା ପବିତ୍ରଆତ୍ମା ଅଟେ, ଏବଂ ସେହି ବାଇବଲର ଗୋଟିଏ ହେଲେ ବାକ୍ୟକୁ ଅସ୍ୱୀକାର କରେ, ତେବେ ତାହା ପବିତ୍ରଆତ୍ମା ହୋଇପାରେ ନାହିଁ। ତାହା ହିଁ ପ୍ରମାଣ ଅଟେ ଯେ ଆପଣ ବିଶ୍ୱାସ କରୁଛନ୍ତି କି ନାହିଁ।

147 ଆଉ ଏକ ମହାନ ଚିହ୍ନକୁ ଧ୍ୟାନ ଦିଅନ୍ତୁ। ଯିହୁଦୀମାନେ ନିଜ ମାତୃଭୂମିରେ ଅଛନ୍ତି; ସେମାନଙ୍କର ନିଜ ଦେଶ ଅଛି, ସେମାନଙ୍କର ନିଜର ଅର୍ଥ ଅଛି, ଜାତିସଂଘର ଏକ ସଦସ୍ୟ ଅଟନ୍ତି। ସେମାନଙ୍କ ପାଖରେ ସେମାନଙ୍କର ନିଜର ସୈନ୍ୟଦଳ ଅଛି। ସେମାନଙ୍କ ପାଖରେ ସବୁକିଛି ଅଛି। ସେମାନେ ସେମାନଙ୍କର ମାତୃଭୂମିରେ ଅଛନ୍ତି; ଯାହାକି, ଯୀଶୁ କହିଥିଲେ, "ଡିମ୍ବିରି ଗଛର ଏକ ଦୃଷ୍ଟାନ୍ତରୁ ଶିଖ।" ସେଠାରେ ସେମାନେ ଅଛନ୍ତି, ଠିକ ସେମାନଙ୍କର ନିଜ ଦେଶରେ। ଆଜି ଏହି ଶାସ୍ତ୍ର ସଫଳ ହେଲା, ଯିହୁଦୀମାନେ ନିଜ ଦେଶରେ ଅଛନ୍ତି।

148 ଆଜି ଏହି ଶାସ୍ତ୍ର ସଫଳ ହେଲା, ଲାଅଦୀକିଆ ମଣ୍ଡଳୀ ଯୁଗ।

149 ଆଜି ଏହି ଶାସ୍ତ୍ର, ମାଥିଉ 24, ସଫଳ ହେଲା। ସଂସାର ଏକ ଦୁର୍ନୀତିରେ ଅଛି, ସମଗ୍ର ବିଷୟ; ଜାତି ବିରୁଦ୍ଧରେ ଜାତି ଅଛି, ବିଭିନ୍ନ ସ୍ଥାନରେ ଭୂକମ୍ପମାନ ହେଉଛି, ମହାନ ଘୂର୍ଣ୍ଣିବାତ୍ୟାସବୁ ତଳକୁ ଆସୁଛି, ରାଷ୍ଟ୍ରଗୁଡ଼ିକୁ କମ୍ପିତ କରୁଅଛି, ଏବଂ ଇତ୍ୟାଦି, ସବୁଆଡେ ବଡ଼ ବିପର୍ଯ୍ୟୟ ଘଟୁଛି। ଆଜି ଏହି ଶାସ୍ତ୍ର ସଫଳ ହେଲା।

150 ତେବେ ଆମେ ଜଗତର ଏହି ଅବସ୍ଥା ପାଉ। ଆମେ ଦେଖୁ ଯେ ନାମଧାରୀ ମଣ୍ଡଳୀ ସାଧାରଣ—ସାଧାରଣ, ସଂଗଠନ, ନାମଧାରୀ କେଉଁଠାରେ ଅଛନ୍ତି, ଆମେ ଦେଖୁ ଯେ ସେମାନେ କେଉଁଠାରେ ଅଛନ୍ତି। ଆମେ ଦେଖୁ ଯେ ଜାତିଗୁଡ଼ିକ କେଉଁଠାରେ ଅଛନ୍ତି। ଏବଂ ଆମେ ଦେଖୁ ଯେ ଏହି ଦିନରେ ଏହି ପ୍ରତିଜ୍ଞାଗୁଡିକ ସଫଳ ହେଲା।

151 ତେବେ, ମାତ୍ର ଏହି ଦିନରେ ଅବ୍ରହାମଙ୍କର ଏକ ସର୍ବୋତ୍ତମ, ରାଜକୀୟ ବୀଜ ଆସିବାକୁ ଅଛି। ତାହା ଅବିକଳ ଠିକ୍ ଏହା ହିଁ ହେବ, ରାଜକୀୟ, ପ୍ରତିଜ୍ଞାତ ପୁତ୍ର ନିମନ୍ତେ ଏକ ରାଜକୀୟ କନ୍ୟା ହେବ। ଯେପରିକି ମୁଁ ଗତ ରାତ୍ରି କହିଥିଲି, ଏହା ଏକ ପ୍ରାକୃତିକ ବୀଜ ହେବ ନାହିଁ, ଏହା

ଏକ ଆତ୍ମିକ ବୀଜ ହେବ । ସେଠାରେ ଏକ ଆତ୍ମିକ କନ୍ୟା ଉତଥିତ ହେବାକୁ ଅଛି, ଯାହାକି ଅବ୍ରହାମଙ୍କ ରାଜକୀୟ ପୁତ୍ରର ରାଜକୀୟ ବିଶ୍ୱାସର ସେହି ରାଜକୀୟ ବୀଜ ହେବ । ତାହାକୁ ଏହି ଶେଷ ଦିନରେ ଦୃଶ୍ୟକୁ ଆସିବାକୁ ଅଛି, ଏବଂ ସେହି ସମୟ ଏବଂ ସେହି ସ୍ଥାନ ଏକ ପ୍ରତିଜ୍ଞା ଅଟେ ଯାହାକି ତାହାକୁ ଦିଆଯାଇଛି ।

152 ଏକ ଶାସ୍ତ୍ର, ମଲାଖୀ 4 ଅନୁଯାୟୀ, ସେଠାରେ ଏକ ବାର୍ତ୍ତା ଉଠିବାକୁ ଅଛି ଯାହାକି ଲୋକମାନଙ୍କ ହୃଦୟକୁ ଦୋହଲାଇ ଦେଇ ପୁନର୍ବାର ପ୍ରେରିତ ପିତାଙ୍କ ନିକଟକୁ ଫେରାଇ ଆଣିବ । ଦୃଶ୍ୟରେ ଜଣକାକୁ ଉଠିବାକୁ ଅଛି, ଏଲିୟଙ୍କ ଶକ୍ତିରେ, ଯିଏକି ଦୃଶ୍ୟରେ ଉଠିବେ; ଜଣେ ଜଙ୍ଗଲ ପ୍ରେମୀ ଲୋକ ଯିଏ ବାହାରି ଆସିବେ, ଏବଂ ତାହାଙ୍କଠାରେ ଏକ ବାର୍ତ୍ତା ରହିବ ଯାହାକି ସିଧାସଳଖ ଠିକ ବାକ୍ୟ ନିକଟକୁ ପୁନର୍ବାର ଫେରାଇ ନେବ । ଏହା ସେହି ଘଟିକା ଅଟେ ଯେଉଁଥିରେ ଆମେମାନେ ବସବାସ କରୁଅଛୁ ।

153 ତେବେ, ବର୍ତ୍ତମାନ ବିଚାର କରନ୍ତୁ, ମୁଁ ଏହି ଘଟିକାରେ ଆପଣମାନଙ୍କୁ ପଚାରୁଅଛି, ଏଠାରେ ଜେଫର୍ସନ୍‌ଭିଲେରେ ଥିବା ଆପଣ ଲୋକମାନେ । ୧୯୩୩ ମସିହାରେ, ସେହି ଅଲୌକିକ ପ୍ରକାଶ ଯାହାକି ନଦୀ କୂଳରେ ଓହ୍ଲାଇ ଆସିଥିଲା, ସେହି ଦିନ ଯେତେବେଳେ ମୁଁ ପ୍ରାୟଃ କୋଡ଼ିଏ-ବର୍ଷ-ବୟସର ଜଣେ ବାଳକ ଭାବରେ, ଯୀଶୁ ଖ୍ରୀଷ୍ଟଙ୍କ ନାମରେ ପାଞ୍ଚ ଶହ ଲୋକଙ୍କୁ ବାପ୍ତିସ୍ମ ଦେଉଥିଲି । ଜେଫର୍ସନ୍‌ଭିଲେ, ଏହା କଅଣ କହିଥିଲା? ସେଠାରେ ସେହି ସ୍ପ୍ରିଙ୍ଗ ଷ୍ଟ୍ରିଟ୍ ପାଦଦେଶରେ ତାହା କଅଣ ଥିଲା, ଯେତେବେଳେ ସେହି ପତ୍ରିକା *କୁରିୟର୍ ଜର୍ଣାଲ୍*, ମୁଁ ଭାବୁଛି ଯେ ଏହା *ଲୁଇସଭିଲେ ହେରାଲ୍ଡ* ଥିଲା, ଯିଏକି ଏହି ଲେଖନୀକୁ ଛାପିଥିଲା? ଏହା ଠିକ୍ ଆସୋସିଏଟେଡ୍ ପ୍ରେସ୍ ଦେଇ, ସିଧାସଳଖ କାନାଡାକୁ ଚାଲି ଯାଇଥିଲା । ୧୯୩୩ ମସିହାରେ, କାନାଡାରେ, ଡାକ୍ତର ଲି ଭେୟଲେ ଏହାକୁ କାଗଜରୁ କାଟି ରଖିଥିଲେ ।

154 ଯେତେବେଳେ ମୁଁ ମୋର ସତରତମ ବ୍ୟକ୍ତିଙ୍କୁ ବାପ୍ତିସ୍ମ ଦେଉଥିଲି, ଏହି ସାକ୍ଷୀ ଅଧୀନରେ; ଆଉ ଆପଣ ବାକି କାହାଣୀ ଜାଣିଛନ୍ତି । ଏବଂ ଯେତେବେଳେ ମୁଁ ସେଠାରେ ଛିଡ଼ା ହୋଇ, ସତରତମ ବ୍ୟକ୍ତିଙ୍କୁ ବାପ୍ତିସ୍ମ ଦେଉଥିଲି, ସ୍ୱର୍ଗରୁ ଏକ ପ୍ରକାଶ ତଳକୁ ଓହ୍ଲାଇ ଆସିଲା, ଓ ସେଠାରେ ଉପରେ ଚମକି ରହିଲା, ଯେପରିକି ଏକ ତାରା ସ୍ୱର୍ଗରୁ ଖସି ପଡିଥାଏ । ଏକ ସ୍ୱର କହିଲା, "ଯେପରି ବାପ୍ତିଜକ ଯୋହନ ଖ୍ରୀଷ୍ଟଙ୍କ ପ୍ରଥମ ଆଗମନର ଅଗ୍ରଧାବକ ହେବା ପାଇଁ ପ୍ରେରଣ କରା ଯାଇଥିଲେ, ସେହିପରି ତୁମର ବାର୍ତ୍ତା ସମଗ୍ର ବିଶ୍ୱରେ, ତାହାଙ୍କର ଦ୍ୱିତୀୟ ଆଗମନର ଅଗ୍ରଧାବକ ହେବ ।" ଆଜି ଏହି ଦିନ ଏହି ଶାସ୍ତ୍ର ସଫଳ ହେଲା ।

155 ଏହି ଦିନ! ପରମେଶ୍ୱର ଏହା ପ୍ରତିଜ୍ଞା କରିଥିଲେ । କଅଣ ଘଟିଲା? ଏହି ଦିନରେ ଏହା ସମଗ୍ର ବିଶ୍ୱକୁ ଚାଲିଗଲା ।

156 ଏବଂ ଯେତେବେଳେ ପରମେଶ୍ୱର ସେଠାରେ ତଳକୁ ଓହ୍ଲାଇ ଆସିଲେ ଓ ତାହା କହିଲେ, ଯେତେବେଳେକି ମୁଁ ଏକ ଛୋଟ ବାଳକ ଥିଲି, ଏକ ଜ୍ୱଳନ୍ତ ବୁଦାରେ, କିମ୍ବା ସେଠାରେ ଏକ ବୁଦାରେ, ଯାହାକି ଅଗ୍ନିସ୍ତମ୍ଭ ସହିତ ନିଆଁରେ ଜଳୁଥିଲା, ଏଠାରେ ଉପରେ ଉଚିକା

ପାଇକ ଠାରେ ୱାଥେନ୍ସ ସ୍ଥାନରେ; ସେଠାରେ ପଛରେ ପାଣି ଭରୁଥିଲି, ସେହି ଖଳାରୁ ମୁନ୍‌ଶାଇନ୍ ମଦଶାଳା ପର୍ଯ୍ୟନ୍ତ, ଆପଣ ଏହାର ସତ୍ୟତା ଜାଣିଛନ୍ତି । ସେ କହିଲା, "ତୁମେ କଦାପି ଧୂମ୍ରପାନ କରିବ ନାହିଁ, କିମ୍ବା ମଦ୍ୟପାନ କରିବ ନାହିଁ, କିମ୍ବା ନିଜ ଶରୀରକୁ ଅପବିତ୍ର କରିବ ନାହିଁ, କାରଣ ତୁମେ ବୟସପ୍ରାପ୍ତ ହେଲେ ତୁମ ନିମନ୍ତେ କରିବା ପାଇଁ ଏକ କାମ ଅଛି ।" ମୁଁ ସେହି ବିଷୟରେ ତାହା ସତ୍ୟ ଅଟେ ବୋଲି ସାକ୍ଷ୍ୟ ଦିଏ, ଯେ ମୁଁ ଏହା ଦେଖିଥିଲି । ଏବଂ ପରମେଶ୍ୱର, ଯେପରି ସେ ମୋଶାଙ୍କ ସହିତରେ କରିଥିଲେ, ସେଠାରେ ତଳେ ମଣ୍ଡଳୀ ସମ୍ମୁଖରେ କଥା କହିଲେ, ଓ ବ୍ୟକ୍ତ କଲେ, "ଏହା ସତ୍ୟ ଅଟେ ।"

ଆଜି ଦିନ ଏହି ଶାସ୍ତ୍ର ଆମ ମଧ୍ୟରେ ସଫଳ ହେଲା ।

157 ଦେଖନ୍ତୁ ଯେ ସେ ହୃଦୟର ଗୁପ୍ତ ବିଷୟ କହିବା ସମ୍ବନ୍ଧରେ କଅଣ କହିଛନ୍ତି, ଏବଂ ଏହା କିପରି ସାଧନ ହେବ; ସେମାନଙ୍କ ଉପରେ ହାତ ରଖିବାଠାରୁ ନେଇ, ହୃଦୟର ଗୁପ୍ତ ବିଷୟ ଜାଣିବା ପର୍ଯ୍ୟନ୍ତ । ଆଜି ଏହି ଶାସ୍ତ୍ର ଠିକ୍ ଆମ ଦୃଷ୍ଟିଗୋଚରରେ ସଫଳ ହେଲା ।

158 ଏହି ପ୍ରତିଜ୍ଞାମାନ ଯାହା କରାଯାଇଥିଲା, ଧ୍ୟାନ ଦିଅନ୍ତୁ, ପ୍ରତିଜ୍ଞାର ପରମେଶ୍ୱରଙ୍କ ଦ୍ୱାରା ଏହି ସମସ୍ତ ପ୍ରତିଜ୍ଞାଗୁଡ଼ିକ ସୁପ୍ରମାଣିତ କରାଯାଇଥିଲା ଏବଂ ସଫଳ କରାଯାଇଥିଲା । ଦେଖନ୍ତୁ, ଆଜି ରାତିରେ, ୱାଶିଂଟନ୍, ଡିସିରେ ପ୍ରଭୁଙ୍କ ଦୂତଙ୍କର ସେହି ଫଟୋଚିତ୍ର, ତାହା ଟଙ୍ଗା ହୋଇଛି!

159 ଯୁକ୍ତରାଷ୍ଟ୍ର ଆମେରିକାର ସରକାରଙ୍କ ପାଇଁ କେନ୍ଦ୍ରିୟ ଯାଞ୍ଚ ବିଭାଗର ଆଙ୍ଗୁଳି ଛାପ ଏବଂ କାଗଜ଼ପତ୍ରର ପ୍ରମୁଖ ଭାବରେ, ଜର୍ଜ ଜେ. ଲେସି, ଏହାକୁ ଟେକ୍ସାସର, ହ୍ୟୁଷ୍ଟନ୍‌ଠାରୁ ପରୀକ୍ଷା କରି କହିଲେ, "ଏହା ହେଉଛି ଏକମାତ୍ର ଅଲୌକିକ ଜୀବ ଯାହାରକି ସମଗ୍ର ବିଶ୍ୱରେ କେବେ ଫଟୋଚିତ୍ର ତୋଳା ଯାଇଥିଲା ।" ତାହାଙ୍କୁ ଜାଣିବାର ଉଚିତ୍ ଥିଲା; ସେ ଏହା ପାଇଁ, ଦୁନିଆରେ ସବୁଠୁଁ ସର୍ବୋତ୍ତମ ଅଟନ୍ତି ।

160 ଧ୍ୟାନ ଦିଅନ୍ତୁ, ଏହା ସେଠାରେ ସେହି ସତ୍ୟ ଭାବରେ, ଝୁଲି ରହିଛି, ସେହି ସମାନ ଅଗ୍ନିସ୍ତମ୍ଭ ଯାହାକି ଇସ୍ରାଏଲକୁ ସେହି ପ୍ରାନ୍ତର ପଛରେ କଢାଇ ଆଣିଥିଲା । ଏହା ଆଜି କଢାଇ ନେଉଛି, ସେହି ସମାନ ପ୍ରକାରର ଏକ ବାର୍ତ୍ତା, ଯଥା, "ମିସରରୁ ବାହାରି ଆସ!"…?…ଆଜି ଏହି ଶାସ୍ତ୍ର ସଫଳ ହେଲା । ଆପଣ ସେହି ବାର୍ତ୍ତା ଜାଣନ୍ତି ଯାହା ସେ କହିଥିଲେ ।

161 ତିନି ବର୍ଷ ପୂର୍ବେ, ଟ୍ୟୁସାନର ସେହି ଦର୍ଶନକୁ ଦେଖନ୍ତୁ, ଯେତେବେଳେ ଏଠାରେ ଗଳିରେ ଛିଡ଼ା ହୋଇଥିଲି । ଯେତେବେଳେକି, ତାହାର ପାଞ୍ଚ ବର୍ଷ ପୂର୍ବରୁ, ସେ କହିଥିଲେ, "ଯେଉଁ ଦିନ ଏହି ନଗର ସେହି ଫାଟକ ସମ୍ମୁଖରେ ଏକ ଅଂଶକୁ ଭାଙ୍ଗି ତଳେ ପକାଇଦେବ, ତୁମେ ନିଜକୁ ପଶ୍ଚିମ ଆଡକୁ ଘେନିଯିବ ।" ମୋର ଆରାଧନାଳୟର ଲୋକମାନେ ଯେଉଁମାନେକି ଏଠାରେ ଅଛନ୍ତି, ସେହି ସମ୍ପ-…ସେହି—ସେହି ସମୟକୁ ଜାଣନ୍ତି । ତାହା ଠିକ୍ ।

162 ଏବଂ ସେହି ଦିନ ଯେତେବେଳେ ଶ୍ରୀ ଗୋଏନ୍ସ ଓ ସେମାନେ ସେଠାରେ ଥିଲେ, ଆଉ ସେହି ଅଂଶକୁ ତଳକୁ ପକାଇ ଦେଲେ, ମୁଁ ପତ୍ନୀଙ୍କୁ କହିଲି, "ଏହି ବିଷୟରେ କିଛି ଗୋଟାଏ ଅଛି ।"

ସେ ପଚାରିଲେ, "ତାହା କଅଣ?"

ଆଉ ମୁଁ ଭିତରକୁ ଗଲୀ ଏବଂ ମୋର ଛୋଟ ପୁସ୍ତକଟିରେ ଦେଖିଲି । ସେଠାରେ ଏହା ଥିଲା ।

163 ଏବଂ ପରଦିନ ସକାଳେ, ଦଶଟା ବେଳେ, ସେଠାରେ ବସି ରହିଥିଲି, ମୋ କୋଠରୀରେ, ପ୍ରାୟଃ ଦଶଟା ଘଟିକାରେ, ପ୍ରଭୁଙ୍କ ଦୂତ ତଳକୁ ଓହ୍ଲାଇ ଆସିଲେ । ସେ କହିଲେ, "ଟ୍ୟୁସାନ୍‌କୁ ଯାଅ । ତୁମେ ଟ୍ୟୁସାନ୍‌ର ଉତ୍ତରପୂର୍ବରେ ରହିବ, ଏବଂ ସେଠାରେ ସାତୋଟି ସ୍ୱର୍ଗଦୂତ ଏକ ପୁଞ୍ଜରେ ଆସିବେ ଯାହାକି ତୁମ ଚାରିପାଖରେ ପୃଥିବୀକୁ ଦୋହଲାଇ ପକାଇବେ ।" ଏବଂ କହିଲେ, "ସେଠାରୁ ଏହା ତୁମକୁ କୁହାଯିବ ।"

164 କେତେ ଜଣଙ୍କର ତାହା ମନେ ଅଛି, ଏଠାରେ, ଏହା ଘଟିବା ବହୁତ ପୂର୍ବରୁ? [ମଣ୍ଡଳୀ କୁହନ୍ତି, "ଆମେନ୍ ।"—ଅନୁ ।] ଆଜି ରାତି ଏଠାରେ ଏହି ଭବନରେ ସେହି ପୁରୁଷମାନେ ବସିଛନ୍ତି, ଯେଉଁମାନେକି ଏହା ଘଟିବା ସମୟରେ ସେତେବେଳେ ସେଠାରେ ଛିଡ଼ା ହୋଇଥିଲେ ।

165 ଏବଂ କହିଲେ, "ସମଗ୍ର ବାଇବଲର ଲୁକ୍କାୟିତ ନିଗୁଢ଼ ବିଷୟର ସପ୍ତ ମୁଦ୍ରାମାନ ଫିଟାଯିବ, ଓ ପ୍ରକାଶିତ ବାକ୍ୟ 10 ସଫଳ ହେବ, ଯେ ସପ୍ତମ ଦୂତଙ୍କ ବାର୍ତ୍ତାରେ ଏହିସବୁ ବିଷୟ ସଫଳ ହେବା ଉଚିତ୍ ।" ଆଜି ଏହି ଶାସ୍ତ୍ର ଆମ ଦୃଷ୍ଟିଗୋଚରରେ ସଫଳ ହେଲା । ଆଜି ଏହି ଶାସ୍ତ୍ର ସଫଳ ହେଲା ।

166 ଗତ ବର୍ଷ, ସେହି ସମାନ ସ୍ଥାନରେ ଛିଡ଼ା ହୋଇ, ଏଠାରେ ଶ୍ରୀମାନ ଉଡ୍ ଏବଂ ମୁଁ, ତାଙ୍କ ସ୍ତ୍ରୀ ଅସୁସ୍ଥ ଥିବା ବିଷୟକୁ ନେଇ, ଏକ ପ୍ରକାର ଶୋକରେ, ପାହାଡ ଉପରକୁ ଯାଉଥିଲି, ପବିତ୍ରଆତ୍ମା କହିଲେ, "ସେଠାରେ ପଡ଼ିଥିବା ଗୋଟିଏ ପଥରକୁ ଉଠାଅ । ଏହାକୁ ପବନରେ ଫୋପାଡ । ଯେତେବେଳେ ଏହା ତଳକୁ ଆସେ, କୁହ, '**ସଦାପ୍ରଭୁ ଏହି କଥା କୁହନ୍ତି**, ନ୍ୟାୟ ବିଚାର ପୃଥିବୀକୁ ଆଘାତ କରିବ ।' ତାଙ୍କୁ କୁହ ଯେ ପରବର୍ତ୍ତୀ କିଛି ଘଣ୍ଟା ମଧ୍ୟରେ, ସେ ପରମେଶ୍ୱରଙ୍କ ହସ୍ତକୁ ଦେଖିବେ ।"

167 ମୁଁ ଶ୍ରୀମାନ ଉଡଙ୍କୁ କହିଲି; ଆଜି ରାତି ଉପସ୍ଥିତ ଅଛନ୍ତି । ଏବଂ, ମୁଁ ଅନୁମାନ କରେ, ପୁରୁଷମାନଙ୍କ ମଧ୍ୟରୁ ଆଠ କିମ୍ବା ଦଶ, କିମ୍ବା ପନ୍ଦରଜଣ, ସେହି ସମୟରେ ସେଠାରେ ଥିଲେ ଯେତେବେଳେ ଏହା ଘଟିଥିଲା; ତାହାର ପରଦିନ ସକାଳେ, ଯେଉଁଠାରେ ସଦାପ୍ରଭୁ ଘୂର୍ଣ୍ଣିବାତ୍ୟାରେ ଓହ୍ଲାଇ ଆସିଥିଲେ ଏବଂ ଆମ ଚାରିପାଖରେ ପର୍ବତକୁ ଚିରି ଦେଇଥିଲେ, ଏବଂ ଗଛର ଉପରି ଭାଗକୁ କାଟି ଦେଇଥିଲେ, ଆଉ ତିନୋଟି ବିସ୍ଫୋରଣ କରିଥିଲେ, ଓ କହିଲେ, "ବିଚାର ପଶ୍ଚିମ ତଟ ଆଡକୁ ମୁହାଁଇଅଛି ।"

168 ଏହାର ଦୁଇ ଦିନ ପରେ, ଆଲାସ୍କା ପ୍ରାୟଃ ପୃଥିବୀ ତଳେ ବୁଡି ଯାଇଥିଲା । ଏବଂ ସେହି ଦିନଠାରୁ, ଉପକୂଳର ଉପର-ଓ-ତଳ, ସେହି ଆତ୍ମିକ ପରଦାରେ ପରମେଶ୍ୱରଙ୍କ ବିଚାର ହେଉଡି ମାରୁଅଛି । ସେଠାରେ ଏକ ଲୁହା ପରଦା ଅଛି, ଏକ ବାଉଁଶ ପରଦା ଅଛି, ଏବଂ ସେଠାରେ ଏକ ପାପର ପରଦା ଅଛି ।

169 ସଭ୍ୟତା ସୂର୍ଯ୍ୟ ସହିତ ଯାତ୍ରା କରିଛି; ସୁସମାଚାର ମଧ୍ୟ କରିଛି । ସେମାନେ ପୂର୍ବ ଦିଗରୁ ଆସି ପଶ୍ଚିମ ଦିଗକୁ ଯାଇଛନ୍ତି, ଯେପରିକି ସୂର୍ଯ୍ୟ ଗତି କରିଥାଏ । ଏବଂ ବର୍ତ୍ତମାନ ଏହା ପଶ୍ଚିମ ତଟରେ ଅଛି । ଏହା ଆଉ ଆଗକୁ ଯାଇପାରେ ନାହିଁ; ଯଦି ଏହା ଆଗକୁ ଯିବ, ତାହାହେଲେ ଏହା ପୁନର୍ବାର ପୂର୍ବକୁ ଆସିଯିବ ।

170 ଭବିଷ୍ୟଦ୍‌ବକ୍ତା କହିଲେ, "ଏପରି ଏକ ଦିନ ଆସିବ ଯାହାକୁ ରାତି କିମ୍ବା ଦିନ କୁହାଯାଇପାରିବ ନାହିଁ," ଏକ ବିଷାଦପୂର୍ଣ୍ଣ ଦିନ ହେବ, ବହୁତ ବର୍ଷା ଏବଂ କୁହୁଡ଼ି ହେବ, କେବଳ ଏତିକି ଜାଣିଥିବେ ଯେ ଗୋଟିଏ ମଣ୍ଡଳୀରେ କିପରି ଯୋଗଦେବାକୁ ଅଛି କିମ୍ବା ଏକ ପୁସ୍ତକରେ ନିଜର ନାମକୁ କିପରି ରଖିବାକୁ ଅଛି । "ମାତ୍ର ସନ୍ଧ୍ୟା ସମୟରେ ଏକ ଦୀପ୍ତି ହେବ ।" ଆଜି ଏହି ଶାସ୍ତ୍ର ସଫଳ ହେଲା ।

171 ସେହି ସମାନ—ସମାନ ସୂ-ର୍ଯ୍ୟ ଯାହା ପୂର୍ବରେ ଉଦିତ ହୁଏ ତାହା ସେହି ସମାନ ସୂ-ର୍ଯ୍ୟ ଅଟେ ଯାହା ପଶ୍ଚିମ ଦିଗରେ ଅସ୍ତ ହୁଏ । ଏବଂ ପରମେଶ୍ୱରଙ୍କ ସେହି ସମାନ ପୁ-ତ୍ର ଯାହାକି ପୂର୍ବ ଦିଗରେ ଆସିଥିଲେ ଏବଂ ଆପଣାକୁ ମାଂସମୟ ଶରୀରରେ ପ୍ରକଟିତ ପରମେଶ୍ୱର ରୂପେ ପ୍ରମାଣିତ କରିଥିଲେ, ତାହା ଏଠାରେ ପଶ୍ଚିମ ଗୋଲାର୍ଦ୍ଧରେ ସେହି ସମାନ ପରମେଶ୍ୱରଙ୍କ ପୁ-ତ୍ର ଅଟନ୍ତି, ଯିଏକି ଆପଣାକୁ ଆଜି ରାତି ମଣ୍ଡଳୀ ମଧ୍ୟରେ, ଗତକାଲି, ଆଜି, ଏବଂ ଚିରଦିନ ସମାନ ବୋଲି ପରିଚିତ କରାଉ ଅଛନ୍ତି । ପୁତ୍ରଙ୍କର ସନ୍ଧ୍ୟାକାଳୀନ ଦୀପ୍ତି ଆସିଅଛି । ଆଜି ଏହି ଶାସ୍ତ୍ର ଆମ ସମ୍ମୁଖରେ ସଫଳ ହେଲା ।

172 ଏହି ଅବ୍ରହାମୀୟ ଯୁଗରେ ଆମେ କେଉଁଠାରେ ଅଛୁ? ଆମେ ଛିଡା ହୋଇଥିବା ଏହି ମହାନ ସମୟରେ ଆମେ କେଉଁଠାରେ ଅଛୁ, ସେହି ମହାନ ଘଟିକାରେ ଯେଉଁଠାରେ ଆମେ ରହୁଅଛୁ? ସମସ୍ତ ଦର୍ଶନଗୁଡିକ ସଫଳ ହୋଇଛି ।

173 ତାହା ବିଷୟରେ କଅଣ ଅଟେ ଯେତେବେଳେ ଆମର ଏଠାରେ ଜଣେ ସାନ ସେବକ ବନ୍ଧୁ, ସହଯୋଗୀ ଭଉଣୀ ମଣ୍ଡଳୀର, ଜୁନିୟର ଜ୍ୟାକସନ, ଗୋଟିଏ ରାତି ଆମ ପାଖକୁ ଦୌଡି ଦୌଡି ଆସିଲେ, ମୁଁ ସେଠାରେ ଥିଲି, କହିଲେ, "ମୁଁ ଏକ—ଏକ ସ୍ୱପ୍ନ ଦେଖିଲି, ଭାଇ ବ୍ରାନହାମ୍, ଯାହାକି ମୋତେ ବ୍ୟତିବ୍ୟସ୍ତ କରୁଅଛି । ମୁଁ ଦେଖିଲି ଯେ ସମସ୍ତ ଭାଇମାନେ ଏକ ପର୍ବତ ଉପରେ ଏକତ୍ରିତ ହୋଇଛନ୍ତି ।" ଏବଂ କହିଲେ, "ଏହି ପର୍ବତ ଉପରେ, ଆପଣ ଆମକୁ ଲେଖାହୋଇଥିବା ଅକ୍ଷରଗୁଡିକରୁ ଶିକ୍ଷା ଦେଉଥିଲେ, ଏପରି ଦେଖାଯାଉଥିଲା, ଯେ କିଛି ଅକ୍ଷରଗୁଡିକ ରହିଥିଲା ଯାହାକି ସମୟ ପଥର ଉପରେ ଖୋଦି ଦେଇଥିଲା । ଯେତେବେଳେ

ଆପଣ ତାହା ସମାପ୍ତ କଲେ, ସବୁକିଛି ଯାହା ଥିଲା ସମାପ୍ତ ହେଲା, ଆପଣ ଆମକୁ କହିଲେ, କହିଲେ, 'ପାଖକୁ ଆସ,' ଏବଂ ଆମେ ସମସ୍ତେ ଏକତ୍ର ହେଲୁ ।"

174 କହିଲେ, "ଆପଣ କୌଣସି ସ୍ଥାନରୁ ପାଇଲେ ଆଉ, ଏପରି ଦେଖାଯାଉଥିଲା, ଗୋଟିଏ ଶାବଳ ଭଳି ଜିନିଷ ପାଇଲେ ଏବଂ ଏହି ଛୋଟ ପିରାମିଡର ଉପରି ଭାଗକୁ କାଟି ଖୋଲିଦେଲେ । ଆଉ, ଯେତେବେଳେ ଏହା ହେଲା," କହିଲେ, "ଗ୍ରାନାଇଟ୍ ପଥର ଥିଲା ଯେଉଁଥିରେ କିଛି ଲେଖାହୋଇ ନ ଥିଲା । ଏବଂ ଆପଣ ଆମକୁ କହିଲେ 'ଏହାକୁ ଦେଖି ରହୁଥାଅ ।'" ଏବଂ ଆପଣମାନେ ସମସ୍ତେ..."ଆମେ ସମସ୍ତେ ଦେଖିବାକୁ ଆରମ୍ଭ କଲୁ ।" କହିଲେ, "ମୁଁ ମୋ ମୁଣ୍ଡ ଘୁରାଇଲି, ଏବଂ ମୁଁ ଆପଣଙ୍କୁ ପଶ୍ଚିମ ଆଡକୁ ଯାଉଥିବାର ଲକ୍ଷ କଲି, ଆପଣ ସୂର୍ଯ୍ୟ ଅସ୍ତ ହେବାର ଦିଗ ଆଡକୁ ଯେତିକି ଜୋର୍ ପାରିଥିଲେ ସେତିକି ଜୋର ଚାଲୁଥିଲେ ।" କେତେ ଜଣଙ୍କର ଏହା ମନେ ଅଛି? [ମଣ୍ଡଳୀ କୁହନ୍ତି, "ଆମେନ୍ ।"—ଅନୁ ।]

175 ଏବଂ ପବିତ୍ରଆତ୍ମା ଏହା ପ୍ରକାଶ ନ କରିବା ପର୍ଯ୍ୟନ୍ତ ମୁଁ ସେଠାରେ ଅଳ୍ପ ଟିକିଏ ଛିଡ଼ା ହେଲି । ମୁଁ କହିଲି, "ସମଗ୍ର ବାଇବଲଟି, ଧାର୍ମିକ ଗଣିତ ହେବା, ପବିତ୍ରୀକୃତ ହେବା, ପବିତ୍ରଆତ୍ମାଙ୍କ ବାପ୍ତିସ୍ମ, ଯୀଶୁଙ୍କ ନାମରେ ବାପ୍ତିସ୍ମ, ମାଧ୍ୟମରେ ମନୁଷ୍ୟଠାରେ ଯେତିକି ପ୍ରକାଶିତ ହୋଇଅଛି, ଏବଂ ଏହି ସମସ୍ତ ବିଷୟ, ପ୍ରକାଶିତ ହୋଇଅଛି; ମାତ୍ର କେତେକ ରହସ୍ୟମାନ ଅଛି ଯାହାକି ସେଠାରେ ଭିତରେ ଲୁକ୍କାୟିତ ଅଟେ, କାରଣ ବାଇବଲ ସପ୍ତ ମୁଦ୍ରାଗୁଡିକରେ ମୁଦ୍ରାଙ୍କିତ ଅଟେ । ମୋତେ ତାହା ଖୋଜିବା ପାଇଁ ନିଶ୍ଚିତ ସେଠାକୁ ଯିବାକୁ ଅଛି ।"

176 ସେଦିନ ସକାଳେ ଯେତେବେଳେ ସେହି ସାତୋଟି ସ୍ୱର୍ଗଦୂତ ଓହ୍ଲାଇ ଆସି ପୃଥିବୀକୁ ବିସ୍ଫୋରଣ କଲେ, ଏବଂ ପଥରଗୁଡିକ ସବୁଆଡେ ବିଞ୍ଚି ହୋଇରହିଥିଲା, ସାତୋଟି ସ୍ୱର୍ଗଦୂତ ସେଠାରେ ଛିଡ଼ା ହେଲେ ଓ ଏହା କହିଲେ, "ଜେଫର୍ସନ୍‌ଭିଲେକୁ ଫେରିଯାଅ, ଯେଉଁଠାରୁ ତୁମେ ଆସିଅଛ, କାରଣ ସପ୍ତ ନିଗୁଢ଼ ବିଷୟର ସପ୍ତ ମୁଦ୍ରାଗୁଡିକ ଖୋଲାଯିବ ।"

177 ଏଠାରେ ଆମେ, ଆଜି, *ସର୍ପରବଂଶ* ବୁଝୁଅଛୁ । କିଛି ଦିନ ମଧ୍ୟରେ, ଯଦି ପରମେଶ୍ୱର ଚାହିଁବେ, ଆମେ *ବିବାହ ଏବଂ ଛାଡପତ୍ର*ର ସଠିକତାକୁ ବୁଝିବା । ଏବଂ ଏହି ସମସ୍ତ ବିଷୟ ଯାହା ପରମେଶ୍ୱର ଫିଟାଇ ଅଛନ୍ତି, ପ୍ରତ୍ୟେକ ମୁଦ୍ରା, ନିଗୁଢ ବିଷୟମାନ ଯାହାକି ଜଗତ ପତ୍ତନାବଧି ରହିଥିଲା । ଏବଂ ଆମେ ଆନନ୍ଦରେ, ତାହାଙ୍କ ଆଶୀର୍ବାଦର ଉପସ୍ଥିତିରେ ରହିଅଛୁ! ତାହା ସତ୍ୟ ଅଟେ । ଏହି ଦିନ, ଏହି ଶାସ୍ତ୍ର!

178 *ଲାଇଫ୍* ପତ୍ରିକା ଏହା ଉପରେ ଏକ ବିବୃତ୍ତି ଛାପିଥିଲା, "ରହସ୍ୟମୟୀ ଆଲୋକ ବୃତ୍ତ ଟ୍ୟୁସାନ୍ ଏବଂ ଫିନିକ୍ସ ଉପରେ ଆକାଶରେ ଉପରକୁ ଯାଇଥିଲା," ଠିକ ସେହିପରି ଭାବରେ ଯେପରିକି ଏହା ଘଟିବାର ପ୍ରାୟଃ ଏକ ବର୍ଷ ପୂର୍ବରୁ ମୁଁ ଆପଣମାନଙ୍କୁ କହିଥିଲି, ଯେ ଏହା କିପରି ହେବ, ଏବଂ ଏକ ତ୍ରିକୋଣ ପରି ହେବ । ସେହି ଚିତ୍ରଟି ସେଠାରେ ତଳେ ଗୀର୍ଜାରେ ଟଙ୍ଗା ହୋଇଛି । ଆପଣ ଯେଉଁମାନେକି ସେହି ପତ୍ରିକାକୁ ନେଇଛନ୍ତି ସେଥିରେ ତାହା ରହିଛି । ତାହା

ଠିକ୍ ସେଠାରେ, ଅବିକଳ ଭାବରେ ଥିଲା । ସେମାନେ କହିଲେ, "ଏହା ସତେ-ଇଶ ମାଇଲ ଉଚ୍ଚ ଏବଂ ତିରିଶ ମାଇଲ ଦୈର୍ଘ୍ୟ ଅଟେ ।" ସେମାନେ ଏପର୍ଯ୍ୟନ୍ତ ବୁଝି ନାହାଁନ୍ତି ଯେ କଅଣ ଘଟିଲା । ଏହା ରହସ୍ୟମୟ ଭାବରେ ଦେଖା ଦେଲା ଏବଂ ରହସ୍ୟମୟ ଭାବରେ ଚାଲିଗଲା ।

179 ଭାଇ ଫ୍ରେଡ୍ ସୋଥମ୍ୟାନ୍, ଭାଇ ଜିନ୍ ନର୍ମାନ୍ ଏବଂ ମୁଁ, ସେଠାରେ ଛିଡ଼ା ହୋଇଥିଲୁ, ତିନି ସଂଖ୍ୟା ଏକ ସାକ୍ଷୀ ଅଟେ, ଯେପରିକି ପର୍ବତ ଉପରେ: ପିତର, ଯାକୁବ ଏବଂ ଯୋହନ, ସାକ୍ଷ୍ୟ ଦେବା ପାଇଁ, ସେଠାରେ ଛିଡ଼ା ହୋଇଥିଲେ ଓ ଏହା ଦେଖିଥିଲେ ଯେତେବେଳେ ଏହା ଘଟିଥିଲା, ଏବଂ ଏହା ହୋଇଥିବାର ଦେଖିଥିଲେ ।

180 ସେଠାରେ ତାହା ଅଛି, ଆକାଶରେ ଝୁଲୁଛି; ଏପର୍ଯ୍ୟନ୍ତ, ସେଠାରେ କୌଣସି ଆର୍ଦ୍ରତା ନାହିଁ, ଏକ—ଏକ କୁହୁଡି ନିର୍ମାଣ କରିବା ନିମନ୍ତେ କୌଣସି ଆର୍ଦ୍ରତା କିମ୍ଵା କିଛି ହିଁ ନାହିଁ। ସେମାନେ ସେଠାକୁ କିପରି ଆସି ପାରିଥିଲେ? ଏହା ତ ପରମେଶ୍ଵରଙ୍କ ସ୍ଵର୍ଗଦୂତମାନେ ସେମାନଙ୍କ ବାର୍ତ୍ତା ପରେ, ଫେରି ଯାଉଥିଲେ । ଆଜି ସେହି ଭବିଷ୍ୟତ୍‌ବାଣୀ ଆମ ମଧ୍ୟରେ ସଫଳ ହେଲା । ଆଜି ଏହି ଶାସ୍ତ୍ର ସଫଳ ହୋଇଅଛି ।

181 ଦେଖନ୍ତୁ, ସପ୍ତ ମୁଦ୍ରା ଫିଟା ଯାଇଅଛି । ଘୂର୍ଣ୍ଣିବଳୟ ପଶ୍ଚିମ ତଟ ଆଡକୁ ଯାଇଅଛି । ତେବେ, ଏହାକୁ ବୁଝିବାରେ ବିଫଳ ହୁଅନ୍ତୁ ନାହିଁ, ଯେପରିକି ସେମାନେ ପୂର୍ବ ସମୟରେ କରିଥିଲେ ।

182 ତେବେ, ଆମର ଧ୍ୟାନ, ଆମ ଦିନର ଟିକିଏ ନିକଟବର୍ତ୍ତୀ । ଆଜି ବିଷୟରେ, ଏବଂ ଆମେ ରହୁଥିବା ଏହି ସମୟ ବିଷୟରେ ଶାସ୍ତ୍ର କଅଣ କୁହେ? ଯୀଶୁ କହିଥିଲେ...ସେଗୁଡିକ ସବୁ ନେବା ପାଇଁ ମୋ ପାଖରେ ସମୟ ହେବ ନାହିଁ, ମାତ୍ର ଆମେ ଶେଷ କରିବା ପୂର୍ବରୁ ମୁଁ ଏହାକୁ ନେବାକୁ ଚାହେଁ ।

183 ସାଧୁ ଲୂକର 17ଶ ପର୍ବ, ତାହାର 30ଶ ପଦରେ, ଯୀଶୁ କହିଲେ । ଯୀଶୁ ଖ୍ରୀଷ୍ଟ, ସେହି ବାକ୍ୟ ନିଜେ! କଅଣ ଆପଣ ତାହା ବିଶ୍ଵାସ କରନ୍ତି? ଯୀଶୁ ଖ୍ରୀଷ୍ଟ, ଯିଏକି ସ୍ଵୟଂ ବାକ୍ୟ, ଶରୀରରୂପ ଧାରଣ କଲେ, କହିଲେ ଏବଂ ବ୍ୟକ୍ତ କଲେ ଯେ ଶେଷ ସମୟରେ ସେହି ବାକ୍ୟ କଅଣ ହେବ, ଜଗତର ଅନ୍ତ ହେବାର ଚିହ୍ନ କଅଣ ହେବ । ସେ ସେମାନଙ୍କୁ କହିଥିଲେ ଯେ ଜାତି ବିରୁଦ୍ଧରେ ଜାତି ଉଠିବ, ମାତ୍ର ସେ କହିଲେ, "ସଦୋମର ଦିନଗୁଡିକରେ ଯେପରି ହୋଇଥିଲା, ମନୁଷ୍ୟପୁତ୍ର ପ୍ରକଟିତ ହେବା ଦିନରେ ମଧ୍ୟ ତାହା ଠିକ ସେହିପରି ହେବ ।"

184 ତେବେ, ଯେତେବେଳେ ଯୀଶୁ ପୃଥିବୀକୁ ଆସିଥିଲେ, ସେ ତିନୋଟି ପୁତ୍ରଙ୍କ ନାମରେ ଆସିଥିଲେ: ମନୁଷ୍ୟପୁତ୍ର, ଯିଏକି ଜଣେ ଭବିଷ୍ୟଦ୍‌ବକ୍ତା; ପରମେଶ୍ଵରଙ୍କ ପୁତ୍ର; ଏବଂ ଦାଉଦଙ୍କ ପୁତ୍ର ।

185 ତେବେ ସେ ଏଠାରେ ପୃଥିବୀରେ ବାସ କରିଥିଲେ । ସେ କଦାପି କହିଲେ ନାହିଁ ଯେ ସେ ପରମେଶ୍ଵରଙ୍କ ପୁତ୍ର ଥିଲେ । ସେ କହିଲେ, "ମୁଁ ମନୁଷ୍ୟପୁତ୍ର ।" ଯିହୋବା ନିଜେ ଯିହିଜିକଲ ଏବଂ ଭବିଷ୍ୟଦ୍‌ବକ୍ତାମାନଙ୍କୁ, "ମନୁଷ୍ୟପୁତ୍ର" ବୋଲି ଡାକିଥିଲେ । କାରଣ, ତାହାଙ୍କୁ ଜଣେ

ଭବିଷ୍ୟଦ୍‌ବକ୍ତା ଭାବରେ ଶାସ୍ତ୍ର ସଫଳ କରିବାକୁ ଆସିବାକୁ ଥିଲା । ମୋଶା କହିଥିଲେ, "ସଦାପ୍ରଭୁ ତୁମ୍ଭର ପରମେଶ୍ୱର ମୋ ସଦୃଶ ଜଣେ ଭବିଷ୍ୟଦ୍‌ବକ୍ତାଙ୍କୁ ଉଠାଇବେ ।" ସେହି କାରଣରୁ ସେ ସେଠାରେ ପରମେଶ୍ୱରଙ୍କ ପୁତ୍ର ହୋଇପାରି ନ ଥିଲେ, କାରଣ ସେ ମନୁଷ୍ୟପୁତ୍ର ଥିଲେ । ସେ..."ବାକ୍ୟ ଭବିଷ୍ୟଦ୍‌ବକ୍ତାମାନଙ୍କ ନିକଟକୁ ଆସେ ।" ଏବଂ ସେ ସେହି ବାକ୍ୟ ପୂର୍ଣ୍ଣତାରେ ଥିଲେ । ମନୁଷ୍ୟପୁତ୍ର, ସେହି—ସେହି ପ୍ରମୁଖ ଭବିଷ୍ୟଦ୍‌ବକ୍ତା... ପ୍ରମୁଖ ଭବିଷ୍ୟଦ୍‌ବକ୍ତା ନୁହଁନ୍ତି, ମାତ୍ର ପରମେଶ୍ୱର-ଭବିଷ୍ୟଦ୍‌ବକ୍ତା, "ଶାରୀରିକ ଭାବରେ ପରମେଶ୍ୱରତ୍ତ୍ୱର ସମ୍ପୂର୍ଣ୍ଣତା ତାହାଙ୍କଠାରେ ବାସ କରୁଥିଲା ।" ସେଇଥିପାଇଁ, ସେ ମନୁଷ୍ୟପୁତ୍ର ଥିଲେ ।

186 ବର୍ତ୍ତମାନ, ଦୁଇ ହଜାର ବର୍ଷ ଧରି, ସେ ଆମକୁ ପରମେଶ୍ୱରଙ୍କ ପୁତ୍ର, ଆତ୍ମା ଭାବରେ ଜଣା ଅଟନ୍ତି ।

187 ଏବଂ ସହସ୍ରାବ୍ଦୀରେ, ସେ ସିଂହାସନ ଉପରେ ଦାଉଦଙ୍କ ପୁତ୍ର ହେବେ । ଆମେ ସମସ୍ତେ ତାହା ଜାଣୁ, ଯେଉଁମାନେକି ଶାସ୍ତ୍ରକୁ ବିଶ୍ୱାସ କରନ୍ତି ।

188 ତେବେ, ଯୀଶୁ କହିଥିଲେ, ଏହି ମଣ୍ଡଳୀ ଯୁଗର ଠିକ ଶେଷରେ ଯେଉଁଠାରେ ଆମେମାନେ ବସବାସ କରୁଅଛୁ, ଯେ "ମନୁଷ୍ୟପୁତ୍ର ଠିକ ସେହି ସମାନ ଭାବରେ ପୁନର୍ବାର ପ୍ରକଟିତ ହେବ ଯେପରି ତାହା, ଯେପରି ତାହା ସଦୋମରେ ହୋଇଥିଲା ।"

189 ଦେଖନ୍ତୁ, ଐତିହାସିକ ଭାବରେ, ସେ ଏହାକୁ କିପରି ଦେଇଥିଲେ । ସେ କହିଥିଲେ, "ଯେପରି ଏହା ସେହି ଦିନରେ ଥିଲା," ପ୍ରଥମେ, "ନୋହଙ୍କ ପରି, ସେମାନେ କିପରି ଖାନ, ପାନ କରୁଥିଲେ, ବିବାହ କରୁଥିଲେ, ବିବାହ ଦେଉଥିଲେ ।" ଏହା ପରେ, ପରବର୍ତ୍ତୀ ବିଷୟ, ସେ ଶେଷରେ, ସଦୋମଠାରେ, ମନୁଷ୍ୟପୁତ୍ରଙ୍କୁ ନେଇକି ଆସିଲେ । କାରଣ, ସେଠାରେ ସେ ଯିହୁଦୀମାନଙ୍କ ସହିତ ବ୍ୟବହାର କରୁଥିଲେ; ଏଠାରେ, ସଦୋମରେ, ସେ ବିଜାତୀମାନଙ୍କ ସହିତ ବ୍ୟବହାର କରୁଛନ୍ତି । ସେଠାରେ, ସେ ସମସ୍ତଙ୍କୁ ବିଚାରରେ, ଜଳରେ ବୁଡ଼ାଇଥିଲେ; ଏଠାରେ, ବିଜାତୀମାନଙ୍କଠାରେ, ସେ ସଦୋମର ଦିନରେ ସମସ୍ତଙ୍କୁ ଜାଳି ଦେଇଥିଲେ । ତାହା ଠିକ୍ । ବିଜାତୀ ଜଗତ ସେଠାରେ ଜଳି ଯାଇଥିଲା, "ଏବଂ ମନୁଷ୍ୟପୁତ୍ର ପ୍ରକଟିତ ହେବା ଦିନରେ ଏହା ଠିକ ସେହିପରି ହେବ ।" ଏହା ଆଉ ଅଧିକ ଜଳ ହେବ ନାହିଁ, ମାତ୍ର ଏଥର ତାହା ଅଗ୍ନି ହେବ । ଯୀଶୁ ସେହି ସମାନ ଆଦିପୁସ୍ତକ 23ରୁ ପାଠ କରିଥିଲେ ଯେଉଁଠାରୁ ଆମେ ପାଠ କରିଥାଉ, ଯେତେବେଳେ ସେ ସଦୋମ ବିଷୟରେ ପାଠ କରିଥିଲେ ।

190 ତେବେ, ଆମେ ସେହି ଅବସ୍ଥାଗୁଡ଼ିକୁ ସ୍ୱୀକାର କରୁଅଛୁ ଯାହା ବିଷୟରେ କୁହାଯାଇଅଛି, ଜଗତର ସଦୋମ ଅବସ୍ଥା, ସଦୋମୀ ସ୍ଥିତି, ସଦୋମ ଭଳି ସ୍ଥିତି ବିଷୟରେ କୁହାଯାଇଅଛି । ଆମେ, ସମସ୍ତେ, ତାହାକୁ "ଆମେନ୍" କହିବୁ । ଆମେ ତାହା ବିଶ୍ୱାସ କରୁ । ଠିକ୍ ଅଛି ।

191 ଏବଂ ଲାଅଦୀକିଆର ଆତ୍ମିକ ଅବସ୍ଥା, ସେହି ପ୍ରାକୃତିକ ମଣ୍ଡଳୀ, ଆମେ ତାହାକୁ "ଆମେନ୍" କହିବା, ଓ ସେମାନଙ୍କର ଚିହ୍ନଗୁଡିକ ଗ୍ରହଣ କରିବା। ଆମେ ଜାଣୁ ଯେ ପ୍ରତ୍ୟେକ ଚିହ୍ନ ସେଠାରେ ଅଛି। ସେହି ମଣ୍ଡଳୀ ଲାଅଦୀକିଆରେ ଅଛି। ଆମେ ତାହା ଜାଣୁ।

192 ଆମେ ଜାଣୁ ଯେ ଜଗତ ଏକ ସଦୋମ ଅବସ୍ଥାରେ ଅଛି। କଅଣ ଏହା ଠିକ୍ ଅଟେ? ଆମେ ତାହା ଗ୍ରହଣ କରିବା।

193 ମାତ୍ର ଅବ୍ରହାମଙ୍କ ଚିହ୍ନ ବିଷୟରେ କଅଣ, ସେହି ଜଣକ ଯିଏକି ପ୍ରତିଜ୍ଞାତ ପୁତ୍ରର ଅପେକ୍ଷା କରୁଥିଲେ? ତାହା ଅନ୍ୟ ଜଣେ ଥିଲେ।

194 ମନେପକାନ୍ତୁ, ସେଠାରେ ସେମାନଙ୍କର ଏକ ସଦୋମ ରହିଥିଲା; ସେମାନଙ୍କ ପାଖରେ ସେମାନଙ୍କର ବାର୍ତ୍ତାବହ ରହିଥିଲା। ଏବଂ ଅବ୍ରହାମଙ୍କ ପାଖରେ ଜଣେ ବାର୍ତ୍ତାବହ ରହିଥିଲେ।

195 ଅବ୍ରହାମ, ଦିନ ପରେ ଦିନ, ପ୍ରାୟଃ ଏକ ଅସମ୍ଭବ ଘଟଣା ଘଟିବାର, ଅପେକ୍ଷା କରି ରହିଥିଲେ। "ସାରା, ନବେ, ଏବଂ ସେ ଶହେ ବର୍ଷର ଥିଲେ।" ପରମେଶ୍ୱରଙ୍କ ପ୍ରତିଜ୍ଞା ଅନୁଯାୟୀ, ସେ ଏବେ ସୁଦ୍ଧା ଅପେକ୍ଷା କରି ରହିଥିଲେ। ସମସ୍ତ ସମାଲୋଚନା ମଧ୍ୟରେ, ସେ ସେହି ପୁତ୍ର ନିମନ୍ତେ ଅପେକ୍ଷା କରିଥିଲେ।

196 ଠିକ ସେହିପରି ପ୍ରକୃତ ବିଶ୍ୱାସୀ ଅଟେ ଯିଏକି ଏବେ ସୁଦ୍ଧା ସେହି ପ୍ରତିଜ୍ଞାତ ପୁତ୍ରର ଫେରିବା ପାଇଁ ଅପେକ୍ଷା କରୁଛନ୍ତି! ଧ୍ୟାନ ଦିଅନ୍ତୁ, ଠିକ ପୁତ୍ରର ଆସିବା ପୂର୍ବରୁ, ତାହାଙ୍କୁ ଏକ ଚିହ୍ନ ଦିଆଯାଇଥିଲା। କଅଣ ଅବ୍ରହାମଙ୍କ ରାଜକୀୟ ବୀଜ ପ୍ରତି ସେହି ଆଗମନକାରୀ ପୁତ୍ରର ଚିହ୍ନ ପ୍ରକାଶିତ ହେବ ନାହିଁ କି, ଯିଏକି ରାଜକୀୟ ପୁତ୍ର ନିମନ୍ତେ ଅପେକ୍ଷା କରି ରହିଛି, ଠିକ ଯେପରି ତାହା ସମାନ ଭାବରେ ସେହି ପ୍ରାକୃତିକ ପୁତ୍ର ପାଇଁ ପିତା ଅବ୍ରହାମଙ୍କଠାରେ ହୋଇଥିଲା? କଅଣ ତାହା ଠିକ୍? ଯୀଶୁ ଏଠାରେ ସାଧୁ ଲୂକ 17:30 ରେ, ତାହାହିଁ କହିଥିଲେ, "ଏହି ସମୟ ଆସିବା ପୂର୍ବରୁ," ଯେ "ସଦୋମର ବିନାଶ ପୂର୍ବରୁ, ମନୁଷ୍ୟପୁତ୍ର ପ୍ରକଟିତ ହେବେ ଯେପରି ସେ ସଦୋମର ଦିନମାନଙ୍କରେ କରିଥିଲେ।" ତେବେ ଆମେ ଏକ ଚିହ୍ନର ବାଟ ଦେଖୁଅଛୁ।

197 ତେବେ ଆସନ୍ତୁ ସମୟର ଅବସ୍ଥାଗୁଡିକୁ ନେବା ଯେପରି ତାହା ସଦୋମରେ ଥିଲା। ଧ୍ୟାନ ଦିଅନ୍ତୁ, ସେମାନେ ସମସ୍ତେ ସଦୋମୀ, ଜଗତକୁ ଚାଲି ଯାଇଥିଲେ।

198 ମୁଁ ଭାବୁଛି ଚଳଚ୍ଚିତ୍ର ନିର୍ଦ୍ଦେଶକମାନଙ୍କ ମଧ୍ୟରୁ ଜଣେ ଏକ ଛବି ଲଗାଇଥିଲେ, ବହୁତ ଦିନ ହୋଇନାହିଁ, ଏବଂ ମୁଁ ଏହାକୁ ଦେଖିବାର ସୁଯୋଗ ପାଇଲି, ତାହା ଥିଲା, *ସଦୋମ।* ଯଦି ଆପଣ ଏହାକୁ କେବେ ଦେଖନ୍ତି ପୁଣି ଏହା ବ୍ୟତୀତ ସେଥିରେ ଆଉ ଅନ୍ୟ କିଛି ନାହିଁ, ଏହାକୁ ଥରେ ଦେଖନ୍ତୁ। ଏହା ନିଶ୍ଚିତ ଭାବରେ ଆଜିର ଯୁକ୍ତରାଷ୍ଟ୍ରର ଏକ ଭଲ ଚିତ୍ର ଅଟେ, ସିନେମା ଜଗତ ହଲିଉଡ୍, ଅବିକଳ ଠିକ୍; ସେହି ସମାନ ପ୍ରକାରର ପୋଷାକ ଏବଂ ଅନ୍ୟ ସବୁକିଛି ଯାହା ସେମାନେ ଠିକ୍ ସେହି ସମୟରେ କରିଥିଲେ; ବଡ ମଦ୍ୟ ପାନୋତ୍ସବ ଏବଂ ଅନ୍ୟାନ୍ୟ ସବୁ, ଏକ ଧାର୍ମିକ, ତଥା-କଥିତ ଧାର୍ମିକ ପନ୍ଥର ଲୋକମାନେ।

199 ଧ୍ୟାନ ଦିଅନ୍ତୁ, ଏବଂ ସଦୋମରେ ଜଣେ ସାକ୍ଷୀ ଥିଲେ, ଏବଂ ଏହା ଲୋଟ ନାମରେ ଜଣେ ବ୍ୟକ୍ତି ଥିଲେ, ଯିଏକି ଅବ୍ରହାମଙ୍କର—ଙ୍କର ଏକ ପୁତୁରା ମାତ୍ର ଥିଲେ ।

200 ତେବେ, ଅବ୍ରହାମ ତଳେ ସଦୋମକୁ ଗଲେ ନାହିଁ, ସେ ଏବଂ ତାଙ୍କ ଦଳ । ତାଙ୍କ ସହିତ ତାଙ୍କର ଏକ ବଡ଼ ଦଳ ଥିଲା, ପ୍ରାୟଃ ଏକ ଡଜନ ରାଜା ଏବଂ ସେମାନଙ୍କର ସୈନ୍ୟଦଳ ସହିତ ଯୁଦ୍ଧ କରିବା ପାଇଁ ଯଥେଷ୍ଟ ଥିଲା । ତେଣୁ, ତାଙ୍କ ସହିତ ଏକ ବଡ ଗୋଷ୍ଠୀ ଥିଲା । ଏବଂ ସେ ସେଠାରେ ଗୋଟିଏ ଅଲୋନ ବୃକ୍ଷ ତଳେ ବସିଥିଲେ, ଦିନେ, ଯେତେବେଳେ ତାଙ୍କ ପାଇଁ ସମସ୍ତକିଛି ଭୁଲ୍ ହେଉଥିଲା; ତାଙ୍କ ସହିତ କାହାରି କିଛି କାରବାର ନ ଥିଲା, ମାତ୍ର ସେ ତଥାପି ସେହି ପ୍ରତିଜ୍ଞାକୁ ଧରି ରହିଥିଲେ ।

ତେବେ, ସମାପ୍ତ କରିବା ପୂର୍ବରୁ, ଅତି ଧ୍ୟାନ ସହକାରେ ଦେଖନ୍ତୁ ।

201 ଯେତେବେଳେ ସେ ସେଠାରେ ବସିଥିଲେ, ତିନି ଜଣ ପୁରୁଷ ତଳକୁ, ତାଙ୍କ ପାଖକୁ ଚାଲିକରି ଆସିଲେ । ସେମାନଙ୍କ ମଧ୍ୟରୁ ଦୁଇଜଣ ସଦୋମକୁ ଗଲେ ଏବଂ ସେମାନଙ୍କୁ ସୁସମାଚାର ପ୍ରଚାର କଲେ, ଲୋଟକୁ, ଯେ ବାହାରି ଆସୁ । କଅଣ ତାହା ଠିକ୍ ଅଟେ? ମାତ୍ର ଜଣେ ଅବ୍ରହାମଙ୍କ ସହିତ ରହିଗଲେ । ଧ୍ୟାନ ଦିଅନ୍ତୁ, ଯେ ସେହି ଜଣକ ଯିଏ ଅବ୍ରହାମଙ୍କ ସହିତ ରହିଗଲେ ସ୍ୱୟଂ ପରମେଶ୍ୱର ଥିଲେ । ଅନ୍ୟ ଦୁଇଜଣ ସ୍ୱର୍ଗଦୂତ ବାର୍ତ୍ତାବହ ଥିଲେ ।

202 ତେବେ, ତଳେ ସଦୋମରେ, ସେମାନେ କୌଣସି ଚମତ୍କାର କଲେ ନାହିଁ, କେବଳ ସେମାନଙ୍କୁ ଅନ୍ଧ କରିଦେଲେ । ଆଉ ସୁସମାଚାର ପ୍ରଚାର ସଦାବେଳେ ସେମାନଙ୍କୁ ଅନ୍ଧ କରିଥାଏ ।

203 ତେବେ ସେହି ଦିନର ସ୍ଥିତିକୁ ଦେଖନ୍ତୁ । ସେଠାରେ ଏକ ପ୍ରାକୃତିକ ମଣ୍ଡଳୀ ଅଛି । ସର୍ବଦା ତିନି ସଂଖ୍ୟାରେ, ଯେପରି ମୁଁ ଗତ ରାତ୍ରି କହିଥିଲି, ପରମେଶ୍ୱର ପ୍ରଦର୍ଶିତ କରାଯାଇଥାନ୍ତି । ସେଠାରେ ସଦୋମୀ, ସେହି ଲୋଟୀୟ ଏବଂ ଅବ୍ରହାମୀୟମାନେ ଥିଲେ । ଆଜି ରାତ୍ରି ଏହା ସେହି ସମାନ ସ୍ଥିତିରେ ଅଛି, ଜଗତ ଠିକ ସେହି ଅବସ୍ଥାରେ ଅଛି ।

204 ମୋତେ ଆପଣଙ୍କୁ କିଛି ପଚାରିବାକୁ ଦିଅନ୍ତୁ । ବର୍ତ୍ତମାନ ଏହି ଅବସ୍ଥାକୁ ଦେଖନ୍ତୁ । ଅବ୍ରହାମ ଏହି ପୁରୁଷକୁ ଯିଏକି ତାଙ୍କ ସହିତ କଥା ହେଉଥିଲେ, "ଏଲୋହିମ୍" ବୋଲି ଡାକିଲେ । ଏବ୍ରୀ ଶବ୍ଦ *ଏଲୋହିମ୍* ର ଅର୍ଥ "ସ୍ୱୟଂ-ଭୂ, ସେହି ଜଣକ ଯିଏ ଅନନ୍ତ," ଏଲୋହିମ୍, ପରମେଶ୍ୱର ନିଜେ!

205 ଆରମ୍ଭରେ, ଆଦିପୁସ୍ତକ 1, ବ୍ୟକ୍ତ କରେ, "ଆଦ୍ୟରେ ପରମେଶ୍ୱର..." ସେଠାରେ ସେହି ଏବ୍ରୀ ଶବ୍ଦକୁ ନିଅନ୍ତୁ, ଅଥବା, କିମ୍ବା ଗ୍ରୀକ୍ ଶବ୍ଦକୁ ନିଅନ୍ତୁ, ବରଂ, "ଆଦ୍ୟରେ *ଏଲୋହିମ୍* ଆକାଶ ଓ ପୃଥିବୀ ସୃଷ୍ଟି କଲେ ।"

206 ଏଠାରେ, ସେ, ଆଦିପୁସ୍ତକ, ପ୍ରାୟଃ 22ରେ ଏଠାରେ, ସେ ପୁନର୍ବାର କୁହନ୍ତି, କିମ୍ବା—କିମ୍ବା ପ୍ରାୟଃ 20ରେ, ସେ କହିଲେ, ଏବଂ ସେ ଏହି ପୁରୁଷର ନାମ "ଏଲୋହିମ୍" ବୋଲି

ଡାକିଲେ। ସେ ଏହା କାହିଁକି କଲେ? ପରମେଶ୍ୱର, ଏକ ମାନବୀୟ ଶରୀରରେ ପ୍ରଦର୍ଶିତ ହୋଇଥିଲେ, ଯିଏକି ଅବ୍ରହାମଙ୍କ ସହିତ ବସି ଏକ ଗୋବତ୍ସମାଂସର ସାଣ୍ଡୱିଚ୍ ଖାଇଥିଲେ, କିଛି କ୍ଷୀର ପାନ କରିଥିଲେ, ଏବଂ କିଛି ରୋଟି ଭୋଜନ କରିଥିଲେ। ପରମେଶ୍ୱର ନିଜେ, ଏବଂ ଠିକ ଅବ୍ରହାମଙ୍କ ସମ୍ମୁଖରୁ ଅଦୃଶ୍ୟ ହୋଇ ଯାଇଥିଲେ।

207 ମାତ୍ର ସେ ତାଙ୍କୁ ଏକ ଚିହ୍ନ ଦେଲେ। ଧ୍ୟାନ ଦିଅନ୍ତୁ। ଏବଂ ସେହି ଚିହ୍ନଟି ହେଲା ଯେ ସେ ତାଙ୍କର ପିଠିକୁ ତମ୍ବୁ ଆଡକୁ କରିଥିଲେ।

208 ଏବଂ ମନେରଖନ୍ତୁ, ଅବ୍ରହାମ, ତାଙ୍କର ନାମ କିଛି ଦିନ ପୂର୍ବରୁ *ଅବ୍ରାମ* ଥିଲା, ଏବଂ ସାରା ତାହା ପୂର୍ବରୁ *ସାରୀ* ଥିଲେ; ସା-ରୀ ତାହାପରେ ସା-ରାକୁ, ଏବଂ ଅ-ବ୍ରା-ମ ତତ୍ପରେ ଅ-ବ୍ର-ହା-ମକୁ ହୋଇଗଲେ। *ଅବ୍ରହାମ*ର ଅର୍ଥ ହେଲା "ଜାତିର ପିତା।"

209 ତେବେ ଏଠାରେ ଅତି ଧ୍ୟାନ ସହକାରେ ଦେଖନ୍ତୁ, ଏବଂ ଆମେ ବର୍ତ୍ତମାନ ରହୁଥିବା ସେହି ସମୟର ସ୍ଥିତିକୁ ଦେଖିବା, ଯେହେତୁ ଯୀଶୁ ଆମକୁ ଏହି ସ୍ଥିତିକୁ ଦେଖିବା ପାଇଁ କହିଥିଲେ। ଆମେ ଏହାର ବାକି ସବୁ ବିଷୟକୁ ଠିକ୍ ଦେଖିଅଛୁ; ବର୍ତ୍ତମାନ ଆସନ୍ତୁ ସେହି ରାଜକୀୟ ବୀଜକୁ ଦେଖିବା, କେଉଁ ସ୍ଥିତିରେ ସେମାନେ ଦେଖାଯିବା ଉଚିତ୍।

210 ବର୍ତ୍ତମାନ ଏହି ପୁରୁଷ କହିଲେ, "ଅବ୍ରହାମ, ତୁମ ସ୍ତ୍ରୀ ସାରା, କେଉଁଠାରେ?"

ଏବଂ ଅବ୍ରହାମ ଉତ୍ତର ଦେଲେ, "ସେ ଆପଣଙ୍କ ପଛରେ, ତମ୍ବୁରେ ଅଛନ୍ତି।"

211 ବର୍ତ୍ତମାନ, ସେ ତାଙ୍କୁ କେବେ ଦେଖି ନାହାଁନ୍ତି। ସେ କିପରି ଜାଣିଲେ ଯେ ତାଙ୍କ ନାମ *ଅବ୍ରହାମ* ଥିଲା? ସେ କିପରି ଜାଣିଲେ ଯେ ତାଙ୍କ ନାମ *ସା-ରା* ଥିଲା? "ଅବ୍ରହାମ, ତୁମ ସ୍ତ୍ରୀ ସାରା, କେଉଁଠାରେ?"

ଉତ୍ତର ଦେଲେ, "ସେ ଆପଣଙ୍କ ପଛରେ, ତମ୍ବୁରେ ଅଛନ୍ତି।"

212 ସେ କହିଲେ, "ମୁଁ..." "ମୁଁ," ଏକ ବ୍ୟକ୍ତିଗତ ସର୍ବନାମ। "ପ୍ରତିଜ୍ଞା ଅନୁଯାୟୀ ମୁଁ ତୁମକୁ ସାକ୍ଷାତ କରିବାକୁ ଯାଉଅଛି। ତୁମ ସ୍ତ୍ରୀ ସେହି ଶିଶୁକୁ କୋଳ କରିବାକୁ ଯାଉଛନ୍ତି। ତୁମେ ମୋତେ ବିଶ୍ୱାସ କରିଛ, ବର୍ତ୍ତମାନ ମୁଁ ଏହାକୁ ସଫଳ କରିବାକୁ ଯାଉଅଛି।"

213 ଏବଂ ସାରା, ସେହି ତମ୍ବୁରେ, ପଛରେ ରହି, ଶୁଣିଲେ କିମ୍ବା କର୍ଣ୍ଣପାତ କଲେ, ଆପଣ ତାହାକୁ ଯାହା ବି କୁହନ୍ତୁ, ତମ୍ବୁ ଜରିଆରେ ଶୁଣି, ସେ ନିଜ ମନ ଭିତରେ ହସିଲେ, ଏବଂ ସେ କହିଲେ, "ବର୍ତ୍ତମାନ, ମୁଁ, ମୋ ପରି ଜଣେ ବୃଦ୍ଧା ସ୍ତ୍ରୀଲୋକ, ମୋର ପ୍ରଭୁଙ୍କ ସହିତ କି ଆନନ୍ଦ ପାଇବି; ଏବଂ ସେ ମଧ୍ୟ, ବୃଦ୍ଧ, ସେଠାରେ ଶହେ ବର୍ଷ ବୟସର ଅଟନ୍ତି? ଯେତେବେଳେକି, ଏହା ଅନେକ, ଅନେକ ବର୍ଷ ଧରି ହୋଇନାହିଁ।"

214 ଏବଂ ସେହି ପୁରୁଷ, ପୁ-ରୁ-ଷ, ସେଠାରେ ବସି ଭୋଜନ କରିଥିଲେ, ମାନବ ଶରୀରରେ, ଜଣେ ସାଧାରଣ ଲୋକ ପରି ପାନ କରିଥିଲେ ଏବଂ ଭୋଜନ କରିଥିଲେ; ତାଙ୍କ ପୋଷାକରେ ଧୂଳି, ପାଦରେ ଧୂଳି ଲାଗିଥିଲା, ଏବଂ ଅବ୍ରହାମ ଏହାକୁ ପ୍ରକ୍ଷାଳନ କରିଥିଲେ।

ପରମେଶ୍ୱର, ନିଜେ, ଚାରିଆଡେ ଅନାଇଲେ, ଏବଂ ସେ କହିଲେ, "ସାରା କାହିଁକି, ତମ୍ବୁ ପଛରେ *ଏହା* କାହିଁକି, ହସିଲା?" ସେ ଜାଣିଥିଲେ, ତାହାଙ୍କ ପଛରେ ତମ୍ବୁରେ ରହିଥିବା, ସାରାଙ୍କ ବିଚାରଗୁଡିକୁ ଜାଣିପାରିଥିଲେ। କଅଣ ଏହା ଠିକ୍ ଅଟେ?

215 ବର୍ତ୍ତମାନ, ଯେତେବେଳେ ଅବ୍ରହାମଙ୍କର ରାଜକୀୟ ବୀଜ ପୃଥିବୀକୁ ଆସିଲା, ସେ କେଉଁ ଚିହ୍ନ ଦେଖାଇଲେ? ମନୁଷ୍ୟପୁତ୍ର। ଶିମୋନ ଦିନେ ତାଙ୍କ ନିକଟକୁ ଆସିଲେ; ଆନ୍ଦ୍ରୀୟ ତାଙ୍କୁ ନେଇକି ଆସିଥିଲେ। ସେ କହିଲେ, "ତୁମ ନାମ ଶିମୋନ। ତୁମେ ଯୂନସର ପୁତ୍ର," ସେ କହିଲେ। ଦେଖନ୍ତୁ, ଏହା ତାଙ୍କଠାରୁ ଜଣେ ବିଶ୍ୱାସୀକୁ ନିର୍ମାଣ କଲା।

216 ଫିଲିପ୍ପ ଗଲେ ଓ ନିଥନିୟେଲଙ୍କୁ ପାଇଲେ, ଫେରି ଆସିଲେ। କହିଲେ, "ଆସ, ଜଣେ ବ୍ୟକ୍ତିଙ୍କୁ ଦେଖ ଯାହାଙ୍କୁ ଆମେମାନେ—ଆମେମାନେ ପାଇଅଛୁ: ନାଜରିତର ଯୀଶୁ, ଯୋଷେଫଙ୍କ ପୁତ୍ର।"

217 ସେ କହିଲା, "ତେବେ ଗୋଟିଏ ମିନିଟ୍ ଅପେକ୍ଷା କର। କଅଣ ସେହି ଧର୍ମାନ୍ଧତାରୁ କୌଣସି ଭଲ ବିଷୟ ବାହାରିପାରେ କି?"

ସେ କହିଲା, "ଆସି, ଦେଖ।"

218 ତେଣୁ ଯେତେବେଳେ ଫିଲିପ୍ପ ନିଥନିୟେଲଙ୍କ ସହିତରେ, ଯୀଶୁଙ୍କ ଉପସ୍ଥିତିକୁ ଆସିଲେ, ଯୀଶୁ ତାହାଙ୍କୁ ଅନାଇ କହିଲେ, "ହେଇ ଦେଖ ଜଣେ ଇସ୍ରାଏଲୀୟକୁ ଯାହାଙ୍କଠାରେ କୌଣସି କପଟତା ନାହିଁ।"

ସେ କହିଲା, "ଗୁରୁ, ଆପଣ ମୋତେ କେବେ ଜାଣିଲେ?"

219 ଉତ୍ତର ଦେଲେ, "ଫିଲିପ୍ପ ତୁମକୁ ଡାକିବା ପୂର୍ବରୁ, ଯେତେବେଳେ ତୁମେ ସେହି ଗଛ ତଳେ ଥିଲ, ମୁଁ ତୁମକୁ ଦେଖିଲି।"

220 ସେ କହିଲା, "ଗୁରୁ, ଆପଣ ପରମେଶ୍ୱରଙ୍କ ପୁତ୍ର ଅଟନ୍ତି। ଆପଣ ଇସ୍ରାଏଲର ରାଜା!"

221 ଯେତେବେଳେ ସେହି ସାନ ସ୍ତ୍ରୀଲୋକଟି କୂପରେ, ତାହାର ଅନୈତିକ ଅବସ୍ଥାରେ, ଆସିଥିଲା, ଟିକିଏ ଦୃଶ୍ୟରୂପରେ ଏହିପରି କିଛି, କିଛି ପାଣି ଟାଣିବାକୁ, ସେଠାକୁ ଆସିଥିଲା। ଯୀଶୁ ନିଜ ଶିଷ୍ୟମାନଙ୍କୁ, ଖାଦ୍ୟ ଆଣିବା ପାଇଁ ପଠାଇଥିଲେ। ଯେତେବେଳେ ସେ ପାଣି ଟାଣିବାକୁ ଆସିଲା, ଯୀଶୁ କହିଲେ, "ହେ ନାରୀ, ମୋତେ ପାନ କରିବାକୁ ଦିଅ।"

222 ସେ କହିଲା, "ଏହା କହିବା ତୁମ ପ୍ରଥା ଅନୁଯାୟୀ ନୁହେଁ। ଆମର ଏଠାରେ ପୃଥକତା ଅଛି। ତେବେ, ତୁମେ ଯିହୁଦୀମାନଙ୍କର ଆମ ଶମିରୋଣୀୟମାନଙ୍କ ସହିତ କୌଣସି ବ୍ୟବହାର ନାହିଁ; ତୁମ ସହିତ ଆମର କୌଣସି ସମ୍ପର୍କ ନାହିଁ।"

223 ସେ କହିଲେ, "ମାତ୍ର, ହେ ନାରୀ, ଯଦି ତୁମେ ଜାଣିଥାଆନ୍ତ ଯେ ତୁମେ କାହା ସହିତ କଥାବାର୍ତ୍ତା କରୁଅଛ, ତୁମେ ମୋତେ ପିଇବାକୁ ଜଳ ମାଗିଥାଆନ୍ତ। ମୁଁ ତୁମକୁ ଜଳ ଦେଇଥାଆନ୍ତି ଯାହା ଟାଣିବା ପାଇଁ ତୁମକୁ ଏଠାକୁ ଆସିବାକୁ ପଡ଼ିବ ନାହିଁ।"

224 ସେ ଜାଣିବାକୁ ପାଇଲେ ଯେ ତାହାର ଅବସ୍ଥା କେଉଁଠାରେ ଅଛି, ତାହା କଅଣ ଥିଲା । ସେ କହିଲେ, "ଯାଅ ତୁମ ସ୍ୱାମୀକୁ ନେଇ ଏଠାକୁ ଆସ ।"

ସେ କହିଲା, "ମୋର କୌଣସି ସ୍ୱାମୀ ନାହିଁ ।"

225 ସେ କହିଲେ, "ତୁମେ ସତ କହିଛ । ତୁମର ପାଞ୍ଚୋଟି ଥିଲେ, ଏବଂ ବର୍ତ୍ତମାନ ତୁମେ ଯାହା ସହିତ ରହୁଛ ତାହା ବି ତୁମର ନୁହେଁ ।"

226 ସେ କହିଲା, "ମହାଶୟ, ଆପଣ ଯେ ଜଣେ ଭାବବାଦୀ, ଏହା ମୁଁ ଜାଣି ପାରୁଅଛି । ଆମେ ଜାଣୁ ଯେତେବେଳେ ମଶୀହ ଆସିବେ ସେ ଆମ୍ଭମାନଙ୍କୁ ଏହିସବୁ ବିଷୟ ଦେଖାଇବେ ।"

ଯୀଶୁ କହିଲେ, "ମୁଁ ସେହି ଅଟେ ।"

227 ଏହି କଥାରେ, ସେ ସହରକୁ ଦୌଡ଼ିଯାଇ କହିଲା, "ଆସ, ଜଣଙ୍କୁ ଦେଖିବ, ମୁଁ ଯାହା ଯାହା କରିଅଛି ସେହିସବୁ ସେ ମୋତେ କହିଛନ୍ତି । କଅଣ ଏହା ସେହି ମଶୀହ ନୁହଁନ୍ତି କି?"

228 ଦେଖନ୍ତୁ, ସେ ଯିହୂଦୀ, ଓ ଶମିରୋଣୀୟମାନଙ୍କ ଆଗରେ ତାହା କଲେ, ମାତ୍ର ବିଜାତୀମାନଙ୍କ ଆଗରେ କେବେ ନୁହେଁ। ସେହି ବିଜାତୀ, ଆମ୍ଭେମାନେ, ସେହି ଦିନମାନଙ୍କରେ ପ୍ରତିମାପୂଜକ ଥିଲୁ, ଅନ୍ୟ ରାଷ୍ଟ୍ରଗୁଡିକ, ଆମ ପିଠିରେ ଏକ ଗଦା ଲଦି ଦେଇ, ପ୍ରତିମା ପୂଜା କରୁଥିଲୁ । ଆମେ କୌଣସି ମଶୀହର ବାଟ ଦେଖୁ ନ ଥିଲୁ ।

229 ସେ କେବଳ ସେମାନଙ୍କୁ ଯେଉଁମାନେ ତାହାଙ୍କୁ ଖୋଜୁ ଅଛନ୍ତି ଦର୍ଶନ ଦିଅନ୍ତି, ଏବଂ ଆମେ ତାହାଙ୍କୁ ଖୋଜି ରହୁଥିବା ଉଚିତ୍ ।

230 ମାତ୍ର ଯେଉଁମାନେ ତାହାଙ୍କୁ ଖୋଜୁଥିଲେ ବୋଲି ଦାବି କରିଥିଲେ, ସେହି ମଣ୍ଡଳୀ ନିଜେ, ଯେତେବେଳେ ସେମାନେ ତାହା ହେଉଥିବାର ଦେଖିଲେ, ସେମାନେ କହିଲେ, "ସେ ତ ଏକ ଶୟତାନ । ସେ ଜଣେ କୁହୁକ, ବାଆଲଜିବୁଲ ଅଟେ!"

231 ଏବଂ ଯୀଶୁ କହିଲେ, "ସେହି ପାପ ସେମାନଙ୍କୁ କ୍ଷମା କରାଯିବ," କାରଣ ସେ ଏପର୍ଯ୍ୟନ୍ତ ମରି ନ ଥିଲେ । "ମାତ୍ର," କହିଲେ, "କୌଣସି ଦିନେ ପବିତ୍ରଆତ୍ମା ଆସି ସେହି ସମାନ କାର୍ଯ୍ୟ ସାଧନ କରିବେ, ଏବଂ ତାହା ବିରୁଦ୍ଧରେ ଗୋଟିଏ ହେଲେ ଶବ୍ଦ କହିବା କଦାପି କ୍ଷମା କରାଯିବ ନାହିଁ ।" ତାହା ହେଉଛି ଏହି ଦିନ, ଯେଉଁଠାରେକି ପ୍ରତ୍ୟେକ ବାକ୍ୟକୁ ଏକାଠି ଜଡ଼ିତ ହୋଇ ରହିବାକୁ ଅଛି । "ଏହା ବିରୁଦ୍ଧରେ ଗୋଟିଏ ଶବ୍ଦ କହିବା; ତାହା ଇହ ଜଗତରେ କିମ୍ବା ଭବିଷ୍ୟତ ଜଗତରେ କେବେବି କ୍ଷମା ହେବ ନାହିଁ ।"

232 ତାହା ଅବ୍ରହାମଙ୍କର ରାଜକୀୟ ବୀଜ ଥିଲା । ଏବଂ ଏଠାରେ ଅବ୍ରହାମଙ୍କର ସେହି ରାଜକୀୟ ବୀଜ, ଯାହାକି ଅବ୍ରହାମଙ୍କ ସହିତ ସେଠାରେ ବସିଥିବା ସେହି ବ୍ୟକ୍ତିଙ୍କ ପରିଚୟ ହେତୁରୁ ଆସିଥିଲା, ଯିଏକି ଏହା ପ୍ରମାଣ କରିବାକୁ ଆସିଥିଲେ ଯେ ଏହା ସେହି ସମାନ ପରମେଶ୍ୱର ଥିଲେ, ଏହି ଦିନରେ ପ୍ରତିଜ୍ଞା କରୁଛନ୍ତି, "ଯେପରି ଏହା ସଦୋମର ଦିନରେ ଥିଲା, ଠିକ ସେହିପରି ଏହା ମନୁଷ୍ୟପୁତ୍ରଙ୍କ ଆଗମନରେ ମଧ୍ୟ ହେବ, ଯେତେବେଳେ ସେ

ନିଜକୁ ମନୁଷ୍ୟପୁତ୍ର ଭାବରେ ପ୍ରକଟିତ କରୁଅଛନ୍ତି ।” ଆମେନ୍ । ଏହ ସେହି ଶାସ୍ତ୍ରର ସଫଳ ହେବାର ଦିନ ଅଟେ ।

233 ଆଜି ଆମେ ରହିଥିବା ସ୍ଥିତିକୁ ଦେଖନ୍ତୁ । ସେହି ମଣ୍ଡଳୀକୁ ଦେଖନ୍ତୁ ଯେଉଁଠାରେ ପରମେଶ୍ୱରଙ୍କ ପୁତ୍ର...ସେହି ବିଷାଦପୂର୍ଣ୍ଣ ଦିନକୁ ଦେଖନ୍ତୁ । ସମସ୍ତ ଭବିଷ୍ୟତ୍‌ବାଣୀକୁ ଦେଖନ୍ତୁ । ତେବେ, ଏକ ବିଚିତ୍ର ବିଷୟ, ଆମର ପରିଦର୍ଶକମାନେ ତାହାହେଲେ ଆସିବାର ବାକି ଅଛନ୍ତି, ଯଦି ସେହି ସ୍ଥିତି ସଦୋମ ପରି ରହିଥିବା କଥା ।

234 ସେଠାରେ ତିନିଜଣ ଆସିଥିଲେ, ତିନିଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ସ୍ୱର୍ଗରୁ ପ୍ରେରଣ କରାଯାଇଥିଲା । ଆମେ ତାହା ସ୍ୱୀକାର କରିବୁ । ସେମାନେ ତିନି ଜଣ; ଜଣେ ଅବ୍ରହାମଙ୍କ ସହିତ ରହିଲେ । ସେମାନେ ସମସ୍ତେ ସେଠାରୁ ଆରମ୍ଭ କଲେ, ମାତ୍ର ଜଣେ ଅବ୍ରହାମଙ୍କ ସହିତ ରହିଲେ । ଅବଶିଷ୍ଟ ସେମାନେ ସଦୋମକୁ ଚାଲିଗଲେ । କଅଣ ଏହା ଠିକ୍ ଅଟେ? ପୁଣି ଅବ୍ରହାମଙ୍କର ନାମ ପରିବର୍ତ୍ତନ ହୋଇଥିଲା, ଅବ୍ରାମଠାରୁ ଅବ୍ରହାମ ହୋଇଥିଲା । ସତ ଅଟେ?

235 ଇତିହାସରେ, ଜଗତର ମଣ୍ଡଳୀରେ ଏପରି ଥରେ ହେଲେ ହୋଇନାହିଁ ଯେ, ଏପରି କେବେ କୌଣସି ଏକ ପ୍ରଚାରକ ବାହାରିଥିଲେ, ଯାହାଙ୍କର ନାମ ହା-ମ ରେ ଶେଷ ହେଉଥିଲା, ଆଜି ପର୍ଯ୍ୟନ୍ତ, ବିଲି ଗ୍ରା-ହା-ମ ଇଂରାଜିରେ G-r-a-h-a-m । କଅଣ ଏହା ଠିକ୍ କି? ଗ୍ରା-ହା-ମ ଇଂରାଜି ଭାଷାରେ G-r-a-h-a-m, ଛଅଟି ଅକ୍ଷର । ଅ-ବ୍ର-ହା-ମ ଇଂରାଜିରେ A-b-r-a-h-a-m ହେଉଛି ସାତୋଟି ଅକ୍ଷର । ମାତ୍ର ଗ୍ରା-ହା-ମ ଇଂରାଜିରେ G-r-a-h-a-m ହେଉଛି ଛଅଟି ଅକ୍ଷର, ଯାହା ଜଗତ, ମଣିଷର ସଂଖ୍ୟା ଅଟେ । ବୁଝିଲେ?

236 ଦେଖନ୍ତୁ ସେଠାକୁ ଆଜି, କଅଣ ବାହାରିକି ଗଲା, ସ୍ୱର୍ଗରୁ ସେହି ଦୂତମାନେ ।

237 ପୃଥିବୀରେ କଅଣ ଏପରି କୌଣସି ବ୍ୟକ୍ତି ଅଛନ୍ତି ଯିଏକି ବିଲି ଗ୍ରାହାମଙ୍କ ପରି ଅନୁତାପ ବିଷୟକୁ ଏତେ ସ୍ପଷ୍ଟ ଭାବରେ ପ୍ରଚାର କରିପାରେ? କଅଣ ଏପରି କେହି ଜଣେ ବ୍ୟକ୍ତି ଅଛନ୍ତି କି ଯାହାର ପ୍ରଭାବ ବିଲି ଗ୍ରାହାମଙ୍କ ପରି ଲୋକମାନଙ୍କ ଉପରେ ରହିଛି? ଆନ୍ତର୍ଜାତୀୟ ସ୍ତରରେ, କଦାପି, ସେହିପରି ଜଣେ ପୁରୁଷ ହୋଇନାହାଁନ୍ତି । ଓଃ, ବିଲି ସଣ୍ଡେ, ଏବଂ ଅନ୍ୟାନ୍ୟ, ଏଠାରେ ଯୁକ୍ତରାଷ୍ଟ୍ରରେ ଥିଲେ, ମାତ୍ର ବିଲି ଗ୍ରାହାମ୍ ସାରା ବିଶ୍ୱରେ ଜଣାଶୁଣା ଅଟନ୍ତି । ଦେଖନ୍ତୁ ଯେ ସେ କେଉଁଠାରେ ଆହ୍ୱାନ କରୁଛନ୍ତି? ସଦୋମରୁ ବାହାରେ ।

238 ଏବଂ ସେ ତାଙ୍କ ସହିତ ସାଙ୍ଗ ଦେବା ପାଇଁ ସେଠାରେ ପେଣ୍ଟିକଷ୍ଟାଲ୍ ମଣ୍ଡଳୀରେ, ଏକ ଓରାଲ୍ ରୋବର୍ଟସକୁ ପାଇଛନ୍ତି ।

239 ମାତ୍ର ସେହି ମନୋନୀତ ଦଳ ବିଷୟରେ କଅଣ? ସେମାନେ କେଉଁ ପ୍ରକାରର ଚିହ୍ନ ଦେଖିବା ଉଚିତ୍? ସେମାନଙ୍କ ପାଖରେ କଅଣ ରହିବା ଉଚିତ୍? ହାଲ୍ଲେଲୁୟା! “ସନ୍ଧ୍ୟା ସମୟରେ ଏହା ଦୀପ୍ତି ହେବ ।” ଆଜି ଏହି ଶାସ୍ତ୍ର ସଫଳ ହେଲା । ଆଜି ପରମେଶ୍ୱରଙ୍କ ପ୍ରତିଜ୍ଞା

ସଫଳ ହେଲା । ଆମେ ତାହା ସତ୍ୟ ବୋଲି ଜାଣୁ । ଆଜି ରାତି ସେ ଏଠାରେ ଅଛନ୍ତି ଯେପରିକି ସେ ସେହିଦିନ ଥିଲେ ।

240 ତେବେ, ଏହାକୁ ପ୍ରଚାର କରିବା ପାଇଁ, ଯାହାକି ମୁଁ କିଛି ସମୟ ପୂର୍ବରୁ କହିଥିଲି, ଯଦି ଆପଣ କିଛି ପ୍ରଚାର କରନ୍ତି ଏବଂ ତାହା ସୁସମାଚାର ସତ୍ୟ ଅଟେ, ତେବେ ପରମେଶ୍ୱର ଏହାକୁ ପ୍ରମାଣ କରିବାକୁ ବାଧ୍ୟ ଅଟନ୍ତି । କଅଣ ଏହା ସତ ଅଟେ? ତେବେ, ଯଦି ତାହା ସେହିପରି ଅଟେ, ତାହାହେଲେ ସେହି ପରମେଶ୍ୱର ଯିଏକି ବାକ୍ୟ ଲେଖିଲେ, ସେହି ପରମେଶ୍ୱର ଯିଏକି ଭବିଷ୍ୟଦ୍‌ବାଣୀ କଲେ, ସେହି ପରମେଶ୍ୱର ଯିଏକି ବାକ୍ୟର ପରମେଶ୍ୱର ଅଟନ୍ତି, ସେ ଆଗକୁ ଆସନ୍ତୁ ଏବଂ ପ୍ରମାଣ କରନ୍ତୁ ଯେ ସେ ଏବେ ସୁଦ୍ଧା ପରମେଶ୍ୱର ଅଟନ୍ତି ।

241 ଯେପରି ଏଲିୟ ପର୍ବତ ଉପରକୁ ଗଲେ; ଦେଖି ରହିଥିଲେ, ଇଲୀଶାୟ ଏଲିୟଙ୍କୁ ଦେଖି ରହିଥିଲେ, ସେ କହିଲେ, "ମୁଁ ଦୁଇ ଗୁଣ ଚାହେଁ ।" ଏବଂ ସେହି ଚାଦର ଯାହାକି ଏଲିୟଙ୍କ ଉପରେ ଥିଲା ଇଲୀଶାୟଙ୍କ ଉପରେ ଆସି ପଡ଼ିଲା । ସେ ତଳକୁ ଚାଲିକି ଗଲେ ଏବଂ ସେହି କମ୍ବଳକୁ ଦ୍ୱିଗୁଣିତ କରି ନଦୀକୁ ଆଘାତ କଲେ, ଏବଂ କହିଲେ, "ଏଲିୟଙ୍କ ପରମେଶ୍ୱର କେଉଁଠାରେ ଅଛନ୍ତି?" ଏବଂ ସେହି ସମାନ ବିଷୟ ଯାହା ଏଲିୟଙ୍କ ପାଇଁ ଘଟିଥିଲା ତାହା ଇଲୀଶାୟଙ୍କ ପାଇଁ ଘଟିଲା ।

242 ଏବଂ ସେହି ସମାନ ସୁସମାଚାର, ସେହି ସମାନ ଶକ୍ତି, ସେହି ସମାନ ମନୁଷ୍ୟପୁତ୍ର ଯାହାକି ଗତକାଲି ଥିଲେ, ସେ ଆଜି, ଏବଂ ଚିରଦିନ ପାଇଁ ରହିବେ । ଏବ୍ରୀ 13:8 । କଅଣ ଆପଣ ଏହାକୁ ବିଶ୍ୱାସ କରନ୍ତି? [ମଣ୍ଡଳୀ କୁହନ୍ତି, "ଆମେନ୍ ।"—ଅନୁ ।] ତେବେ, ମୁଁ ଆପଣଙ୍କୁ ପଚାରେ । ମୁଁ ସେ ହୋଇପାରେ ନାହିଁ, ମାତ୍ର ସେ ଏଠାରେ ଅଛନ୍ତି । ଆମେ କେବଳ ଏକ ବାହକ ଅଟୁ ।

243 ସେଠାରେ ଥିବା ଆପଣମାନଙ୍କ ମଧ୍ୟରୁ କେତେକ ଲୋକ, ଯେଉଁମାନେକି ଅସୁସ୍ଥ ଏବଂ ଦୁଃଖୀ ଅଟନ୍ତି, ଆପଣ ଜାଣନ୍ତି ଯେ ମୁଁ ଆପଣଙ୍କୁ ଜାଣେ ନାହିଁ, ତେବେ ପରମେଶ୍ୱର କରନ୍ତୁ...ଯଦି ମୁଁ ନିଜକୁ ଯଥେଷ୍ଟ ନମ୍ର କରିପାରେ । ଆପଣମାନେ ପ୍ରାର୍ଥନା କରନ୍ତୁ ଏବଂ ପରମେଶ୍ୱରଙ୍କୁ ମାଗନ୍ତୁ ।

244 ମୁଁ ଭାବୁ ନାହିଁ...ଭବନରେ ଆଉ ପ୍ରାର୍ଥନା କାର୍ଡ ନାହିଁ, ସେଠାରେ ଅଛି କି? ନା, ମୁଁ ଭାବୁ ନାହିଁ...ଆମେ କଦାପି କୌଣସି ପ୍ରାର୍ଥନା କାର୍ଡ ଦେଇ ନାହୁଁ । ଆମେ ପ୍ରାର୍ଥନା ସଭା କରିବାକୁ ଯାଉଅଛୁ...କିମ୍ବା ମଣ୍ଡଳୀରେ, ଅସୁସ୍ଥମାନଙ୍କୁ ସୁସ୍ଥ କରିବା ହେତୁ ଯାଉଅଛୁ । ମାତ୍ର, ଆପଣ ପ୍ରାର୍ଥନା କରନ୍ତୁ ।

245 ଏବଂ ଆପଣ ଜାଣନ୍ତି ଯେ ମୁଁ ଆପଣଙ୍କ ପାଇଁ ସମ୍ପୂର୍ଣ୍ଣ ଅପରିଚିତ ଅଟେ । ଦେଖନ୍ତୁ, ଆପଣ ମୋତେ ଜାଣନ୍ତି, ଜେଫର୍ସନ୍‌ଭିଲେ! ମୁଁ ଚାହେଁ ନାହିଁ ଯେ ଜେଫର୍ସନ୍‌ଭିଲେର ଲୋକମାନେ ତାହା କରନ୍ତୁ । ମୁଁ ଏଠାରୁ ଦୂର ଅନ୍ୟତ୍ର କୌଣସି ସ୍ଥାନର ଲୋକମାନଙ୍କୁ ଚାହେଁ । ଦେଖନ୍ତୁ ଯେ

ଯଦି ପରମେଶ୍ୱର ତଥାପି ସୁଦ୍ଧା ପ୍ରକାଶ କରନ୍ତି କି ନାହିଁ! ଦେଖନ୍ତୁ ଯେ ସେ ଗତକାଲି, ଆଜି, ଏବଂ ଚିରଦିନ ସମାନ ଅଟନ୍ତି କି ନାହିଁ!

246 ସେହି ସାନ ସ୍ତ୍ରୀଲୋକ ଭଳି କରନ୍ତୁ । ସେ ସେହି ଭିତରୁ ଅତିକ୍ରମ କଲା, ଏବଂ ସେ କହିଲା, "ମୁଁ ଏହି ବ୍ୟକ୍ତିଙ୍କୁ ବିଶ୍ୱାସ କରେ ।" ତାଙ୍କର ଏକ ରକ୍ତ ସମସ୍ୟା ଥିଲା ଏବଂ ସେ କହିଲା, "ଯଦି ମୁଁ ତାହାଙ୍କ ବସ୍ତ୍ରର ଝୁମ୍ପାକୁ ଛୁଇଁ ପାରିବି, ମୁଁ ବିଶ୍ୱାସ କରେ ଯେ ମୁଁ ସୁସ୍ଥ ହୋଇଯିବି ।" କଅଣ ଏହା ଠିକ୍ ଅଟେ?

247 ତାହାର ବିଶ୍ୱାସ ହେତୁ, ସେଦିନ, ଶାସ୍ତ୍ର ସଫଳ ହେଲା । "ସେ ଭଗ୍ନ ଅନ୍ତଃକରଣକୁ ବାନ୍ଧନ୍ତି, ରୋଗୀ ଓ ଛୋଟାକୁ ସୁସ୍ଥ କରନ୍ତି ।"

248 ଯେତେବେଳେ ସେ ତାହାଙ୍କର ବସ୍ତ୍ରକୁ ଛୁଇଁଲା, ଏବଂ ବାହାରକୁ ଆସି ବସି ପଡ଼ିଲା, ସେ ବୁଲିପଡି ପଚାରିଲେ, "କିଏ ମୋତେ ଛୁଇଁଲା?" ସେ କିପରି ଜାଣିପାରିଲେ, ସେହି ମହାନ ଭିଡ଼ ଭିତରେ, ବୋଧହୁଏ ଆଜି ରାତି ଏଠାରେ ଯେତେ ଜଣ ଅଛନ୍ତି ତାହାର ତିରିଶ ଗୁଣ ହେବ, ସେମାନଙ୍କ ମଧ୍ୟରୁ ହଜାର ହଜାର ଥିଲେ? ସେ ଏହା କିପରି ଜାଣିଲେ? ସେ ପଚାରିଲେ, "କିଏ ମୋତେ ଛୁଇଁଲା?" ସେ କେବଳ ତାହା କହିବା ଢ଼ଙ୍ଗରେ କହିଲେ ନାହିଁ; ସେ ଏହା ଏଇଠି ପାଇଁ କହିଲେ କାରଣ ତାହା ସତ୍ୟ ଥିଲା । ଆଉ ସେ କହିଲେ, "କିଏ ମୋତେ ଛୁଇଁଲା?" ଏବଂ ସିଧାସଳଖ ସେ ଚାରିଆଡେ ଚାହିଁଲେ ଓ ସେହି ସାନ ସ୍ତ୍ରୀଲୋକକୁ ଦେଖିଲେ, ଯେଉଁଠାରେ ସେ ବସିଥିଲା କିମ୍ବା ଛିଡ଼ା ହୋଇଥିଲା, ସେ ଯେଉଁ ଅବସ୍ଥାରେ ବି ଥିଲା, ତାହାକୁ କହିଲେ ଯେ ତାହାର ରକ୍ତ ସମସ୍ୟା ଶେଷ ହୋଇଅଛି ।

249 ତାହା ଯୀଶୁ ଗତକାଲି ଥିଲେ । ତାହା ସେ ଆଜି ଅଟନ୍ତି । କଅଣ ଆପଣ ଏହା ବିଶ୍ୱାସ କରନ୍ତି?

250 ମୁଁ ଆପଣଙ୍କୁ ଜାଣେ ନାହିଁ; ପରମେଶ୍ୱର ଜାଣନ୍ତି । ମାତ୍ର ଆପଣ ନିଜ ପାର୍ଶ୍ୱରେ ଯନ୍ତ୍ରଣା ଅନୁଭବ କରୁଛନ୍ତି, ଯାହାକି ଆପଣଙ୍କୁ କଷ୍ଟ ଦେଉଛି । ତାହା ଠିକ୍ । ଆପଣ ସେଠାରେ ବସି ତାହା ବିଷୟରେ ପ୍ରାର୍ଥନା କରୁଛନ୍ତି । କଅଣ ମୁଁ ଆପଣଙ୍କ ପାଇଁ ଅପରିଚିତ, ଏବଂ ଆମେ ପରସ୍ପର ପାଇଁ ଅପରିଚିତ ଅଟୁ? ଯଦି ଏହା ଅଟେ, ତେବେ ଛିଡ଼ା ହୁଅନ୍ତୁ । ମୁଁ ଆପଣଙ୍କୁ ଜାଣେ ନାହିଁ । ଏହା ତ ଠିକ ସେହି କୋଣରେ ଥିବା ଏହି ବ୍ୟକ୍ତି, ଏହି ଯୁବା ବ୍ୟକ୍ତି ଜଣକ । ଆପଣଙ୍କର ମଧ୍ୟ ଏକ ଖରାପ ଗଳା ଅଛି । ତାହା ଠିକ୍ । ଆପଣ ସେ ବିଷୟରେ ପ୍ରାର୍ଥନା କରୁଛନ୍ତି । ଆପଣ କିଛି ବିଷୟ ନେଇ ସମ୍ପୂର୍ଣ୍ଣ ଅଧୀର ହୋଇ ପଡ଼ିଛନ୍ତି । ଆପଣଙ୍କୁ ସଭା ଛାଡିକି ଯିବାକୁ ଅଛି କାରଣ, ଆପଣ ଜଣେ ସେବକ ଅଟନ୍ତି, ଆପଣଙ୍କର କେତେକ ସାକ୍ଷାତକାର ଅଛି ଯାହାକି ଆପଣଙ୍କୁ ଯତ୍ନ ନେବାକୁ ଅଛି । ତାହା ଠିକ୍ ଅଟେ । ଉ-ହୁଁ । ଆପଣ ଏହା ବିଶ୍ୱାସ କରନ୍ତି ଯେ ପରମେଶ୍ୱର ଜାଣିଛନ୍ତି ଯେ ଆପଣ କିଏ ଅଟନ୍ତି? ଆଦରଣୀୟ ଶ୍ରୀମାନ ସ୍ମିଥ୍, ବର୍ତ୍ତମାନ ଆପଣ ଯାଇପାରନ୍ତି ଓ ସୁସ୍ଥ ହୋଇପାରନ୍ତି । ଯୀଶୁ ଖ୍ରୀଷ୍ଟ ଆପଣଙ୍କୁ ସୁସ୍ଥ କଲେ । ନିଜର ସଭାକୁ ଯାଆନ୍ତୁ; ଆପଣଙ୍କର ଗଳା ଆପଣଙ୍କୁ କଷ୍ଟ ଦେବ ନାହିଁ ।

ସେ କାହାକୁ ଛୁଇଁଲେ?

251 *ଏଠାରେ* ଠିକ୍ ପଛରେ ଜଣେ ବ୍ୟକ୍ତି ବସିଛନ୍ତି; ସେ ଯନ୍ତ୍ରଣାରେ ଅଛନ୍ତି । ତାଙ୍କର ବାମ ଫୁସଫୁସରେ ଏକ ଟ୍ୟୁମର ଅଛି । ସେ ନୁହଁନ୍ତି...ସେ ଏଠାରୁ ନୁହଁନ୍ତି । ଆପଣ ଜଣେ ଖଣି କର୍ମଚାରୀ ରହିଛନ୍ତି । ତାହା ଠିକ୍ ଅଟେ । ମୁଁ ଆପଣଙ୍କ ପାଇଁ ସମ୍ପୂର୍ଣ୍ଣ ଅପରିଚିତ ଅଟେ । ଯଦି ତାହା ଠିକ୍ ଅଟେ, ତେବେ ନିଜର ହାତ ହଲାନ୍ତୁ । ଟ୍ୟୁମରଟି ଆପଣଙ୍କର ବାମ ଫୁସଫୁସରେ ଅଛି, ଏବଂ ଆପଣ ତୁରନ୍ତ ଏକ ଅସ୍ତ୍ରୋପଚାର ପାଇଁ ପ୍ରସ୍ତୁତ ଅଟନ୍ତି । କଅଣ ତାହା ଠିକ୍? ଆପଣ ଏଠାରୁ ନୁହଁନ୍ତି । ଆପଣ ଏହି ସହରର ବାହାରୁ ଅଟନ୍ତି । ଆପଣ ଭର୍ଜିନିଆରୁ ଅଟନ୍ତି । ତାହା ଠିକ୍ । କଅଣ ଆପଣ ବିଶ୍ୱାସ କରନ୍ତି ଯେ ପରମେଶ୍ୱର ଜାଣିଛନ୍ତି ଯେ ଆପଣ କିଏ ଅଟନ୍ତି? ଶ୍ରୀମାନ ମିଚେଲ, ତାହା ଠିକ୍, ଘରକୁ ଯାଆନ୍ତୁ ଏବଂ ସୁସ୍ଥ ରୁହନ୍ତୁ । ଯୀଶୁ ଖ୍ରୀଷ୍ଟ ଆପଣଙ୍କୁ ସୁସ୍ଥ କରନ୍ତି । ସେହି ବ୍ୟକ୍ତିଙ୍କୁ ପଚାରନ୍ତୁ! ମୋ ଜୀବନରେ, ତାଙ୍କୁ କେବେ ବି ଦେଖିନାହିଁ । ସେ ସେଠାରେ ବସି, ପ୍ରାର୍ଥନା କରୁଥିଲେ ।

ଆଜି ଏହି ଶାସ୍ତ୍ର!

252 ଏଠାରେ ଠିକ୍ ପଛରେ ଜଣେ ମହିଳା ବସିଛନ୍ତି, ଯେପରିକି ସାରା ତମ୍ବୁରେ ଥିଲେ । ସେ ଜଣେ ପୁତ୍ରୀ ପାଇଁ ପ୍ରାର୍ଥନା କରୁଛନ୍ତି । ଛିଡ଼ା ହୁଅନ୍ତୁ । ସେହି ଝିଅ ଏଠାରେ ନାହିଁ; ସେ ଅନ୍ୟ କେଉଁଠାରେ ଅଛି, ସେହି ଝିଅ । ଏବଂ ଆପଣ ଠିକ ସେହି ସମାନ ପରି ଅଟନ୍ତି ଯେତେବେଳେ ଜଣେ ସ୍ତ୍ରୀଲୋକ ଯୀଶୁଙ୍କ ନିକଟକୁ ଆସିଥିଲେ, ଯାହାଙ୍କ ସଙ୍ଗରେ ଜଣେ ସ୍ତ୍ରୀଲୋକ ଥିଲା ଯିଏକି ଅତିଶୟ ଗମ୍ଭୀର ଭାବେ ଏକ ଦୁଷ୍ଟାତ୍ମା ଦ୍ୱାରା ଗ୍ରସିତ ଥିଲା । ସେହି ସ୍ତ୍ରୀଲୋକ ଜଣକ... ଝିଅଟି ଭୂତଗ୍ରସ୍ତ ଥିଲା । ସେ ଏଠାରେ ନାହିଁ । ସେ ଅଟେ...ଆପଣ ଉତ୍ତର କାରୋଲାଇନାରୁ ଅଟନ୍ତି । କଅଣ ଆପଣ ଏହା ବିଶ୍ୱାସ କରନ୍ତି? ଏବଂ ତାହା ସତ୍ୟ ଅଟେ, ନୁହେଁ କି? ଶ୍ରୀମତୀ ଅଡର୍ସ, ଆପଣ ଘରକୁ ଯାଇପାରନ୍ତି । ଯଦି ଆପଣ ନିଜର ସମସ୍ତ ହୃଦୟ ସହିତ ବିଶ୍ୱାସ କରିବେ, ଆପଣ ନିଜର ଝିଅକୁ ସେହିପରି ପାଇବେ ଯେପରିକି ଯୀଶୁ ଖ୍ରୀଷ୍ଟ ପୁରାତନ ଦିନମାନଙ୍କରେ ପାଇଥିଲେ, କହିଥିଲେ ଯେ ତାହା ସୁସ୍ଥ ହେଲା ।

253 ଆଜି ଏହି ଶାସ୍ତ୍ର; ସଦୋମର ଚିହ୍ନ, ସର୍ବୋତ୍କୃଷ୍ଟ ବୀଜର ଚିହ୍ନ, ପ୍ରାକୃତିକ ମଣ୍ଡଳୀର ଚିହ୍ନ! ଆଜି ଏହି ଶାସ୍ତ୍ର ଆପଣମାନଙ୍କ ଗହଣରେ ସଫଳ ହେଲା । କଅଣ ଆପଣ ଏହାକୁ ବିଶ୍ୱାସ କରନ୍ତି?

254 କଅଣ ଆପଣମାନେ ଠିକ ବର୍ତ୍ତମାନ ହିଁ ତାହାଙ୍କୁ ନିଜର ତ୍ରାଣକର୍ତ୍ତା ଏବଂ ଆରୋଗ୍ୟଦାତା ଭାବରେ ଗ୍ରହଣ କରିବେ କି? ନିଜ ଗୋଡରେ ଛିଡ଼ା ହୋଇଯାଆନ୍ତୁ, ଆପଣମାନଙ୍କ ମଧ୍ୟରୁ ସମସ୍ତେ, କୁହନ୍ତୁ, "ମୁଁ ମୋର ସୁସ୍ଥତାକୁ ଗ୍ରହଣ କରେ । ମୁଁ ତାହାଙ୍କୁ ମୋର ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରେ । ମୁଁ ତାହାଙ୍କୁ ମୋର ରାଜା ଭାବରେ ଗ୍ରହଣ କରେ ।" ପ୍ରତ୍ୟେକେ ନିଜ ଗୋଡରେ ଛିଡ଼ା ହୋଇଯାଆନ୍ତୁ ।

ଏହି ଦିନ! ବନ୍ଧୁଗଣ, ଶୁଣନ୍ତୁ ।

255 "ସେ ଶାସ୍ତ୍ର ପାଠ କଲେ, ବାଇବଲକୁ ପୁରୋହିତଙ୍କୁ ହସ୍ତାନ୍ତର କଲେ, ଏବଂ," କହିଲେ, "ସମସ୍ତ ଲୋକମାନଙ୍କର ଚକ୍ଷୁ ତାହାଙ୍କ ଉପରେ ନିବିଷ୍ଟ ଥିଲା । ଆଉ ସେ ସେମାନଙ୍କୁ ଅନାଇ, କହିଲେ, 'ଆଜି ଏହି ଶାସ୍ତ୍ର ସଫଳ ହେଲା ।'"

256 ମୁଁ ଶାସ୍ତ୍ର ପଢ଼ିଛି, ଏକ ଡଜନ କିମ୍ବା ଅଧିକ ପ୍ରମାଣ ସହିତ ଯେ ଆମେ ସେହି ଶେଷ ଦିନରେ ବାସ କରୁଅଛୁ, ଯେତେବେଳେକି ସେହି ପୀଢୀ ଯୀଶୁ ଖ୍ରୀଷ୍ଟଙ୍କୁ ପୃଥିବୀକୁ ପ୍ରତ୍ୟାବର୍ତ୍ତନ କରୁଥିବାର ଦେଖିବ । ଏବଂ ମୁଁ ଆଜି ରାତି ଆପଣମାନଙ୍କୁ ପୁଣିଥରେ, କହୁଛି, ଆଜି ଏହି ଶାସ୍ତ୍ର ଆପଣଙ୍କ ଦୃଷ୍ଟିଗୋଚରରେ ସଫଳ ହେଲା ।

257 ଟ୍ୟୁସାସନରେ ଥିବା ଆପଣମାନେ, କାଲିଫର୍ଣିଆରେ ଥିବା ଆପଣମାନେ, ନ୍ୟୁୟର୍କରେ ଥିବା ଆପଣମାନେ, ଏହି ଟେଲିଫୋନ୍ ସଂଯୋ-ଗରେ, ଆଜି ଏହି ଶାସ୍ତ୍ର ଆପଣମାନଙ୍କ ଦୃଷ୍ଟିଗୋଚରରେ ସଫଳ ହେଲା ।

258 ଆସ ଆମ୍ଭେ ଆନନ୍ଦ ଓ ଉଲ୍ଲାସ କରୁ, କାରଣ ମେଷଶାବକଙ୍କ ବିବାହର ସମୟ ଉପସ୍ଥିତ, ଆଉ ତାହାଙ୍କ କନ୍ୟା...ତାହାଙ୍କ କନ୍ୟା ଆପଣାକୁ ସଜ୍ଜିତ କରିଅଛି ।

259 ଆସନ୍ତୁ ଆପଣ ସମସ୍ତ ଲୋକେ, ଆମେମାନେ ନିଜ ନିଜର ହାତକୁ ଉଠାଇବା ଓ ତାହାଙ୍କୁ ଗୌରବ ଦେବା ।ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ ।

***ଆଜି ଏହି ଶାସ୍ତ୍ର ସଫଳ ହେଲା*** ORI65-0219

(This Day This Scripture Is Fulfilled)

ଏହି ସନ୍ଦେଶଟି ଯାହାକି ଭାଇ ୱିଲିୟମ୍ ମେରିୟନ୍ ବ୍ରାନ୍‌ହାମ୍‌ଙ୍କ ଦ୍ୱାରା, ମୂଳତଃ ଇଂରାଜୀ ଭାଷାରେ ଫେବୃୟାରୀ ୧୯, ୧୯୬୫, ଶୁକ୍ରବାର ସନ୍ଧ୍ୟାରେ, ଯୁକ୍ତରାଷ୍ଟ୍ର ଆମେରିକାର, ଇଣ୍ଡିୟାନା ପ୍ରଦେଶର, ଜେଫର୍ସନ୍‌ୱିଲେ ସହରର ପାର୍କଭ୍ୟୁ ଜୁନିୟର୍ ହାଇସ୍କୁଲଠାରେ, ପ୍ରଚାର କରାଯାଇଥିଲା, ମ୍ୟାଗ୍‌ନେଟିକ୍ ଟେପ୍ ରେକର୍ଡିଙ୍ଗରୁ ନିଆଯାଇଅଛି ଓ ଏହାକୁ କୌଣସି କାଟଛାଣ୍ଟ ନ କରି ଇଂରାଜୀ ଭାଷାରେ ଛପାଯାଇଅଛି । ଏହି ଓଡ଼ିଆ ଅନୁବାଦଟି ଭଏସ୍ ଅଫ୍ ଗଡ୍ ରେକର୍ଡିଙ୍ଗ୍ସ ଦ୍ୱାରା ଛପାଯାଇଥିଲା ଓ ବଣ୍ଟନ କରାଯାଇଥିଲା ।

ORIYA

©2022 VGR, ALL RIGHTS RESERVED

VOICE OF GOD RECORDINGS, INDIA OFFICE
19 (NEW NO: 28) SHENOY ROAD, NUNGAMBAKKAM
CHENNAI 600 034, INDIA
044 28274560 • 044 28251791
india@vgroffice.org

VOICE OF GOD RECORDINGS
P.O. BOX 950, JEFFERSONVILLE, INDIANA 47131 U.S.A.
www.branham.org

## Copyright notice

All rights reserved. This book may be printed on a home printer for personal use or to be given out, free of charge, as a tool to spread the Gospel of Jesus Christ. This book cannot be sold, reproduced on a large scale, posted on a website, stored in a retrieval system, translated into other languages, or used for soliciting funds without the express written permission of Voice Of God Recordings®.

For more information or for other available material, please contact:

VOICE OF GOD RECORDINGS
P.O. BOX 950, JEFFERSONVILLE, INDIANA 47131 U.S.A.
www.branham.org